

ବିଜୟ ସହ ଅଭିଯାନ ଆରମ୍ଭ କଲେ ପଞ୍ଜାବ
ପୃଷ୍ଠା ୬


# ସଂଚାର
THE SANCHAR
ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 4 | ଭାଗ ୩୩ | ସଂଖ୍ୟା 4 | Bhubaneswar | Wednesday 26 March 2025 | Page 8 Rs. 4.00 | ● ଭୁବନେଶ୍ୱର ବୁଧବାର ୨୬ ମାର୍ଚ୍ଚ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


## ବିଧାନସଭା ଇତିହାସରେ ପ୍ରଥମ, ସୀମା ଡେଇଁଲା ବିଶୃଙ୍ଖଳା

# ୧୨ କଂଗ୍ରେସ ବିଧାୟକ ନିଲମ୍ବିତ



- ୭ ଦିନ ପାଇଁ ଗୃହରୁ ଦୂରେଇ ରହିବେ
- ଗୃହ ଛାଡ଼ିବାକୁ କଂଗ୍ରେସ ନେତା ନାରାଜ
- ପୂର୍ବପରି ଘଣ୍ଟ ଗିନି ବଜାଇ ବିରୋଧ କରିଥିଲେ
- ଓବିସି ସଂରକ୍ଷଣକୁ ଅସ୍ତ୍ର କଲା ବିଜେଡି
- କଂଗ୍ରେସ କର୍ମୀ-ପୁଲିସ ହାତାହାତି
- ପ୍ରମୁଖ ନେତାଙ୍କୁ ଉଠାଇନେଲା ପୁଲିସ

**ଭୁବନେଶ୍ୱର,୨୫।୩(ସଂଚାର ବ୍ୟୁରୋ):** ପୂର୍ବରୁ ବିଶୃଙ୍ଖଳିତ ଆଚରଣ ପାଇଁ କଂଗ୍ରେସର ଜଣେ ବିଧାୟକ ୭ ଦିନ ପାଇଁ ନିଲମ୍ବିତ ହୋଇଥିଲେ। କିଛିଦିନ ତଳେ ସେ ନିଲମ୍ବନ ଆଦେଶର ଅବଧି ଶେଷ ହେବା ପରେ ଗୃହକୁ ଫେରିଥିଲେ। କିନ୍ତୁ ଆଜି ଏପରି ନିଲମ୍ବନର ଶିକାର ହୋଇଛନ୍ତି ବିରୋଧୀ କଂଗ୍ରେସ ଦଳର ୧୨ ଜଣ ବିଧାୟକ। ସେମାନଙ୍କୁ ୭ ଦିନ ପାଇଁ ଗୃହରୁ ନିଲମ୍ବନ କରିଛନ୍ତି ବାଚସ୍ପତି ସୁରମା ପାଢ଼ୀ। ଆଜି ଅପରାହ୍ନ ଅଧିବେଶନରେ ଶାସକ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ ଏ ସଂକ୍ରାନ୍ତରେ ଏକ ପ୍ରସ୍ତାବ ଆଣିବା ପରେ ବାଚସ୍ପତି ବିଶୃଙ୍ଖଳିତ ଆଚରଣ ପାଇଁ କଂଗ୍ରେସର ୧୨ ଜଣ ବିଧାୟକଙ୍କ ନିଲମ୍ବନ କରିଛନ୍ତି। ଏଥିସହ ଓଡ଼ିଶା ବିଧାନସଭା ସହ ଏକ କଳଙ୍କମୟ ଅଧ୍ୟାୟ ଯୋଡ଼ି ହୋଇଛି। କାରଣ ପୂର୍ବରୁ କଦାପି ଏତେ ସଂଖ୍ୟକ ବିଧାୟକଙ୍କୁ ନିଲମ୍ବନ କରାଯାଇନଥିଲା।

ଚଳିତ ଅଧିବେଶନ ପ୍ରାରମ୍ଭରୁ କଂଗ୍ରେସ ବିଧାୟକମାନେ ନିୟମିତ ଭାବେ ରାଜ୍ୟରେ ନାରୀ ନିର୍ଯାତନା ପ୍ରସଙ୍ଗ ଉପରେ ଆଲୋଚନା ପାଇଁ ଦାବି କରିଆସିଛି। ଏହି କ୍ରମରେ ଆଜି ମଧ ଦଳର ବିଧାୟକମାନେ ଆଲୋଚନା ଦାବି କରିବା ସହ ପ୍ରଶ୍ନକାଳରେ ଘଣ୍ଟ ବାଡ଼େଇ ଓ ଗିନି ବଜାଇ ସରକାରଙ୍କୁ ବିରୋଧ କରିଥିଲେ। ଆରମ୍ଭରୁ ବିରୋଧୀଙ୍କ ଏପରି ବିଶୃଙ୍ଖଳିତ ଆଚରଣ ଲାଗି ବାଚସ୍ପତି ପ୍ରଥମେ ସର୍ବଦଳୀୟ ବୈଠକ ଡାକିବା ସହ ପୂର୍ବାହ୍ନ ସାଢ଼େ ୧୧ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଥିଲେ। ଏହାପରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲେ ହେଁ ପରିସ୍ଥିତିରେ କୌଣସି ସୁଧାର ଦେଖିବାକୁ ମିଳିନଥିଲା। ତେଣୁ ପୁନର୍ବାର ମଧ୍ୟାହ୍ନ ୧୨ଟା ଓ ଅପରାହ୍ଣ ୪ଟାରେ ➪ପୃଷ୍ଠା-୬

## ସାଥ୍ ଦେଲାନି ବିଜେଡି

### ନାପସନ୍ଦ କଲେ ବରିଷ୍ଠ ନେତା

ତାରାଙ୍କ ନିଲମ୍ବନ ବେଳେ କଂଗ୍ରେସ ସପକ୍ଷରେ ବୟାନବାଜି କରିଥିବା ବିଜେଡି କିନ୍ତୁ ଆଜି କଂଗ୍ରେସର ସାଥ୍ ଦେଇନଥିଲା। ବରଂ ଦଳର ତିନି ତିନି ଜଣ ବରିଷ୍ଠ ବିଧାୟକ ବୁଲେଇ ବଙ୍କେଇ କଂଗ୍ରେସ ଆଚରଣ ଗ୍ରହଣୀୟ ନୁହେଁ ବୋଲି କହିଥିଲେ। ବିଜେଡିର ଏଭଳି ଆଚରଣ ଏବେ ଆଲୋଚନାର ବିଷୟବସ୍ତୁ ପାଲଟିଛି। କଂଗ୍ରେସ ସଦସ୍ୟମାନଙ୍କ ନିଲମ୍ବନ ଘୋଷଣା ପରେ ବିରୋଧୀଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ପଏଣ୍ଟ ଅଫ୍ ଅର୍ଡର ଜରିଆରେ କହିଥିଲେ ଯେ ଆମେ କଂଗ୍ରେସର ଆଚରଣକୁ ନାପସନ୍ଦ କରୁଛୁ। ଉପବାଚସ୍ପତିଙ୍କ ତାଗିଦ ସତ୍ତ୍ୱେ ସେମାନେ ଯାହା କଲେ ତାହା କୌଣସି ଦୃଷ୍ଟିକୋଣରୁ ଠିକ୍ ନୁହେଁ। କିନ୍ତୁ ବାଚସ୍ପତି ମହୋଦୟା ମଧ କିଛି ଠିକ୍ କରିନାହାନ୍ତି। ଏପରି ନିଷ୍ପତ୍ତି ଆଗାମୀ ଦିନରେ ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି କରିବାର ଆଶଙ୍କା ରହିଛି। ତେଣୁ ନିଜ ନିଷ୍ପତ୍ତିର ପୁନର୍ବିଚାର କରିବାକୁ ଶ୍ରୀମତୀ ମଲ୍ଲିକ ବାଚସ୍ପତିଙ୍କୁ ନିବେଦନ କରିଥିଲେ। ଏଥିସହ ମୁଖ୍ୟମନ୍ତ୍ରୀ ଗୃହର ନେତା ହିସାବରେ ଏହି ଘଟଣାରେ ହସ୍ତକ୍ଷେପ କରିବାକୁ ସେ ଆହ୍ୱାନ ଦେବା ସହ ବିବାଦର ତ୍ୱରିତ ସମାଧାନ ଦିଗରେ ଦେକ୍ଷେପ ନେବାକୁ କହିଥିଲେ।

ସେହିପରି ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମଧ କଂଗ୍ରେସ ବିଧାୟକଙ୍କ ଆଚରଣକୁ ନାପସନ୍ଦ କରିବା ସହ ଏହାକୁ ବିଜେଡି ➪ପୃଷ୍ଠା-୬

## ରାତି କାମ କାଳ: ଟ୍ରକ୍ ଚାପାରେ ୩ ମୃତ



- ରାତିରେ ରାସ୍ତାକାମ ସମୟରେ ଅଘଟଣ
- ଠିକା ସଂସ୍ଥାକୁ ଦାୟୀ କଲେ ଲୋକେ
- ନଥିଲା ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା
- ମୁଖ୍ୟମନ୍ତ୍ରୀଙ୍କ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା

**ଢେଙ୍କାନାଳ,୨୫।୩(ସଂଚାର ବ୍ୟୁରୋ):** ଢେଙ୍କାନାଳରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୩ ଜଣ ନିରୀହ ଶ୍ରମିକଙ୍କ ଜୀବନ ଯାଇଛି। ଏକ ଠିକା ସଂସ୍ଥା ରାତିରେ ରାସ୍ତା କାମ କରୁଥିବା ସମୟରେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଏଥିରେ ନିୟୋଜିତ ଶ୍ରମିକମାନଙ୍କ ଉପରେ ଚଢ଼ିଯାଇଥିଲା। ଗତକାଲି ବିଳମ୍ବିତ ରାତି ପ୍ରାୟ ୧ଟା ସମୟରେ ଏହି ଅଘଟଣ ଘଟିଥିବା ସ୍ଥାନୀୟ ପୁଲିସ୍ ସୂଚନା ଦେଇଛି।

ମିଳିଥିବା ସୂଚନାନୁସାରେ, କାମାକ୍ଷାନଗର ଥାନାଞ୍ଚଳ ଅନ୍ତର୍ଗତ ରେକୁଳାଠାରେ ଢେଙ୍କାନାଳ-କାମାକ୍ଷାନଗର ରାସ୍ତାର ମରାମତି କାମ ଚାଲିଥିଲା। ରାତି ସମୟରେ ଏହି କାମ ଚାଲିଥିବା ବେଳେ ଢେଙ୍କାନାଳ ପଟରୁ ଦ୍ରୁତ ଗତିରେ ଏକ ଟ୍ରକ୍ ଆସି ସେମାନଙ୍କ ଉପରେ ମାଡ଼ିଯାଇଥିଲା। ଏଥିରେ ୩ ଶ୍ରମିକଙ୍କ ସହ ଜଣେ ପଥଚାରୀ ଆହତ ହୋଇଥିଲେ। ସେମାନଙ୍କୁ ଅନ୍ୟ ଶ୍ରମିକ ଓ ସୁପର୍‌ଭାଇଜର୍ ତୁରନ୍ତ ନିକଟସ୍ଥ କାମାକ୍ଷାନଗର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ପହଞ୍ଚିବା ବେଳକୁ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇସାରିଥିଲା। ଉକ୍ତ ଶ୍ରମିକଙ୍କ ନାମ କ୍ଷୀରୋଦ ସାହୁ ଓ ସେ ପିଡବ୍ଲ୍ୟୁଡିରେ ଠିକା ଶ୍ରମିକ ଭାବେ କାର୍ଯ୍ୟ ➪ପୃଷ୍ଠା-୬

## କାର୍ଯ୍ୟନିର୍ବାହୀ ଅଧିକାରୀ ନା କୁବେର ?





**ଭୁବନେଶ୍ୱର,୨୫।୩(ସଂଚାର ବ୍ୟୁରୋ):** ଖୋର୍ଦ୍ଧା-ଜଟଣୀ ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ (ଇଓ) ଭିଜିଲାନ୍ସ ଜାଲରେ ପଡ଼ିଥିବା ବେଳେ ତାଙ୍କ ଘରୁ ବ୍ୟାପକ ପରିମାଣର ଟଙ୍କା ଜବତ କରାଯାଇଛି। ଏଥିସହ ତାଙ୍କ ନାଁରେ ବିଭିନ୍ନ ସ୍ଥାନରେ ଦାମୀ ଫ୍ଲାଟ୍ ରହିଥିବା ବେଳେ ଘରୁ ପାଖାପାଖି ୧୫୦ ଗ୍ରାମ ଓଜନର ସୁନାଗହଣା ବି ଉଦ୍ଧାର କରାଯାଇଛି। ତାଙ୍କ ଘରୁ ୧୭ ଲକ୍ଷ ଟଙ୍କ ନଗଦ ଉଦ୍ଧାର ହୋଇଥିବା ବେଳେ ସମ୍ପତ୍ତି ଦେଖି ଭିଜିଲାନ୍ସ ଅଧିକାରୀମାନେ ତାଟକା ହୋଇଯାଇଛନ୍ତି। ଇଓ ସୂର୍ଯ୍ୟମଣି ପାଢ଼ୀ... ପାଙ୍ଗଯୋଶୀଙ୍କ ଭୁବନେଶ୍ୱର ଉପକଣ୍ଠସ୍ଥିତ ଜାଗମରା ଫ୍ଲାଟରୁ ଏହି ଟଙ୍କା ଜବତ ହୋଇଥିବା ବେଳେ ଜବତ ଟଙ୍କା ମେସିନ୍‌ରେ ଗଣାଯାଇଥିଲା। ଶ୍ରୀ ପାଙ୍ଗଯୋଶୀ ପୌର ପରିଷଦର ଇଓ ନା କୁବେର ବୋଲି ଚଢ଼ାଉରେ ସାମିଲ୍ ଥିବା ଭିଜିଲାନ୍ସ ଅଧିକାରୀମାନଙ୍କ ମଧରେ ଆଲୋଚନା ହେଉଛି।

ମିଳିଥିବା ସୂଚନାନୁଯାୟୀ, ଶ୍ରୀ ପାଙ୍ଗଯୋଶୀଙ୍କ ବ୍ୟାପକ ପରିମାଣର ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗ ଭିତ୍ତିରେ ଆଜି ସକାଳୁ ଭିଜିଲାନ୍ସ ପକ୍ଷରୁ ଏକକାଳୀନ ୧୦ଟି ସ୍ଥାନରେ ଚଢ଼ାଉ କରାଯାଇଛି। ଏହି ଚଢାଉରେ ୯ ଜଣ ଡିଏସ୍‌ଏସ୍‌ପି, ୪ ଜଣ ଇନ୍ସପେକ୍ଟର, ୧୩ ଜଣ ଏଏସଆଇ ଏବଂ ଅନ୍ୟାନ୍ୟ ଅଧିକାରୀମାନେ ସାମିଲ ଅଛନ୍ତି। ଭିଜିଲାନ୍ସ ଟିମ୍ ଖୋର୍ଦ୍ଧା, ଭୁବନେଶ୍ୱର ଓ ବ୍ରହ୍ମପୁରରେ ଚଢ଼ାଉ କରିଛି। ଶ୍ରୀ ପାଙ୍ଗଯୋଶୀଙ୍କ ନାମରେ ଭୁବନେଶ୍ୱର ଜାଗମରା ବ୍ୟତୀତ ଖାରବେଳ ନଗର ଫ୍ଲାଟ୍, ପଙ୍କଲାପଲ୍ଲୀର ଦୁଇ ମହଲା କୋଠା, ଅଙ୍ଗୁଲିର ୩ ମହଲା କୋଠା, ସୋରଡ଼ାସ୍ଥିତ ପୈତୃକ ଘର, ଲାଞ୍ଜିପାଲ୍ଲୀରେ ଥିବା ଶାଳକଙ୍କ ଘର ସହ ସରକାରୀ କାର୍ଯ୍ୟାଳୟରେ ଚଢ଼ାଉ ହୋଇଛି।

### ୧୧ ଫ୍ଲାଟ୍ ସହ ୪ କୋଠା, ଘରୁ ମିଳିଲା ୧୭ ଲକ୍ଷ

ଚଢ଼ାଉ ସମୟରେ ଭିଜିଲାନ୍ସ ଅଧିକାରୀମାନେ ଶ୍ରୀ ପାଙ୍ଗଯୋଶୀଙ୍କ ଘରୁ ଠାବ କରିଥିବା ସାମଗ୍ରୀ ମଧରେ ୧୭ ଲକ୍ଷ ଟଙ୍କା ଓ ପାଖାପାଖି ୧୨ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ସୁନାଗହଣା ବ୍ୟତୀତ ୪ଟି ବହୁତଳ ପ୍ରାସାଦ ରହିଥିବା ଜାଣିବାକୁ ପାଇଛନ୍ତି। ଏଥିରେ ଭୁବନେଶ୍ୱରର ଜାଗମରାସ୍ଥିତ ଷ୍ଟଲ୍‌ୱାର୍ଟ ପାର୍ବତୀ ମାନ୍‌ସନ୍‌ରେ ୩୦୧ ନମ୍ବର ଫ୍ଲାଟ୍‌ରେ ଥିବା କୋଠା, ଖାରବେଳ ନଗରର ଶ୍ରୀରାମ ମାନ୍‌ସନ୍‌ରେ ୩୦୨ ନମ୍ବର ଫ୍ଲାଟ୍ ଯାହା ୨ବିଏଚ୍‌କେ ଓ ଏହା ୮୫୦ ବର୍ଗଫୁଟ ପରିମିତ ଅଞ୍ଚଳରେ ରହିଛି। ଏହାଛଡ଼ା ଭୁବନେଶ୍ୱରର ଜନଗହଳିପୂର୍ଣ୍ଣ ଡେଲ୍‌ଟା ଛକଠାରେ ମଧ ତାଙ୍କ ପତ୍ନୀ ଦୀପିକା ମହାପାତ୍ରଙ୍କ ନାଁରେ ଏକ ➪ପୃଷ୍ଠା-୬





ନକଲି ପୋଲିସ ଧରା ପଡୁନାହିଁ
କଣ୍ଟ୍ରୋଲ ରୁମରେ ପଶୁଛି
ପୋଲିସ ବିଭାଗ କେତେ ଯେ ଶକ୍ତ
ଘଟଣାରୁ ଜଣା ପଡୁଛି
କହିଲେ କହିବ କହୁଛି...
ପୋଲିସ ବିଭାଗ ଦେଶୀ ମଦ ଧରି
ବାହା ବାହା ଖାଲି ନେଉଛି।

■ ଦେବାଶିଷ

## ରାଜା ଚକ୍ର ଘରେ ପୁଣି ଇଓଡବ୍ଲ୍ୟୁ



### କାଗଜପତ୍ର ଓ ଅନ୍ୟାନ୍ୟ ତଥ୍ୟ ଯାଞ୍ଚ

**ଭୁବନେଶ୍ୱର,୨୫।୩(ସଂଚାର ବ୍ୟୁରୋ):** ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ମାଧମରେ ହୋଇଥିବା କୋଟି କୋଟି ଟଙ୍କାର ଦୁର୍ନୀତି ମାମଲାରେ ମୁଖ୍ୟ ଅଭିଯୁକ୍ତ ସୌମ୍ୟ ଶଙ୍କର ଚକ୍ର ଓରଫ୍ ରାଜା ଚକ୍ରକୁ କ୍ରାଇମ୍‌ବ୍ରାଞ୍ଚ୍‌ର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ପକ୍ଷରୁ ଗିରଫ କରାଯାଇଥିବା ବେଳେ ତାଙ୍କୁ ପଚରାଉଚରା କରାଯାଇଛି। ଏହି କ୍ରମରେ ଆଜି ପୁଣି ଥରେ ଇଓଡବ୍ଲ୍ୟୁ ପକ୍ଷରୁ ରାଜାର କେନ୍ଦୁଝରର ଜଗନ୍ନାଥପୁରସ୍ଥିତ ବାସଭବନରେ ଚଢ଼ାଉ କରାଯାଇଛି। ରାଜାଙ୍କୁ ରିମାଣ୍ଡରେ ଆଣି ଇଓଡବ୍ଲ୍ୟୁ ପକ୍ଷରୁ ପଚରାଉଚରା କରାଯାଇଥିବା ବେଳେ ତାଙ୍କଠାରୁ ମିଳିଥିବା ତଥ୍ୟକୁ ଭିତ୍ତି କରି ଏହି ଚଢ଼ାଉ ହୋଇଥିବା ଅନୁମାନ କରାଯାଉଛି। ଚଢ଼ାଉ ସମୟରେ ଅଧିକାରୀମାନେ କାଗଜପତ୍ର ଓ ଅନ୍ୟାନ୍ୟ ତଥ୍ୟ ଯାଞ୍ଚ କରିଥିବା ଅନୁମାନ କରାଯାଉଛି।

ସୂଚନାଯୋଗ୍ୟ ଯେ ଗିରଫଦାରୀ ପରେ ରାଜାଙ୍କୁ ରିମାଣ୍ଡରେ ନେଇ ଇଓଡବ୍ଲ୍ୟୁ ଏକାଧିକ ବାର ➪ପୃଷ୍ଠା-୬

## ସ୍କୁଲ ପିଲାଙ୍କୁ ଏଣିକି ୪ଟି ଅଣ୍ଡା

### ଆସନ୍ତା ଶିକ୍ଷାବର୍ଷରୁ ଲାଗୁ

**ଭୁବନେଶ୍ୱର,୨୫।୩(ସଂଚାର ବ୍ୟୁରୋ):** ସ୍କୁଲ ପିଲାଙ୍କୁ ଏଣିକି ସପ୍ତାହରେ ୪ଟି ଅଣ୍ଡା ମିଳିବ। ପୂର୍ବରୁ ସପ୍ତାହରେ ୩ଟି ଅଣ୍ଡା ମିଳୁଥିବା ବେଳେ ଏବେ ଅତିରିକ୍ତ ଭାବେ ଆଉ ଗୋଟିଏ ଅଣ୍ଡା ମିଳିବ। ପ୍ରଧାନମନ୍ତ୍ରୀ ପୋଷଣ କାର୍ଯ୍ୟକ୍ରମ ଅଧୀନରେ ପୂର୍ବରୁ ସପ୍ତାହକରେ ଜଣେ ପିଲାଙ୍କୁ ୩ଟି ଅଣ୍ଡା ମିଳୁଥିବା ବେଳେ ଏବେ ଏହାକୁ ୪ଟିକୁ ବଢ଼ାଯାଇଛି। ଏଥିପାଇଁ ରାଜ୍ୟ ସରକାର ବର୍ଷକୁ ୩୭୨.୮୦ କୋଟି ଟଙ୍କା ଖର୍ଚ୍ଚ କରିବେ ଓ ଆସନ୍ତା ➪ପୃଷ୍ଠା-୬


SIKSHA 'O' ANUSANDHAN
SAAT-2025
Empowering students for a brighter future
EMERGING B.TECH PROGRAMMES IN COMPUTING
- Computer Science and Engineering (AI and ML)
- Computer Science and Engineering (Cyber Security)
- Computer Science and Engineering (Data Science)
- Computer Science and Engineering (Internet of Things)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2024
- 14th Best in University Category
- 26th Best in Engineering Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through SAAT, Please visit: www.soa.ac.in


## ବିଜେଡି ମାର୍କା ଏନଜିଓଙ୍କ ମଧରେ ଭାଳେଣି



### କେନ୍ଦୁଝରରୁ ଆରମ୍ଭ ହେବ ଅପରେସନ୍

### ରାଜଧାନୀରେ ମାରୁଛନ୍ତି ପଇତରା

**ଭୁବନେଶ୍ୱର,୨୫।୩(ସଂଚାର ବ୍ୟୁରୋ):** ରାଜ୍ୟରେ ଥିବା ବିଜେଡି ମାର୍କା ଏନଜିଓମାନଙ୍କ ମଧରେ ଏବେ ଭାଳେଣି ପଡିଛି । ବିଜେଡି ସରକାର ସମୟରେ ଅଯାଚିତ ଭାବେ ସୁବିଧା ସୁଯୋଗ ହାତେଇ ନେଇଥିବା ଅନେକ ସଂସ୍ଥାଙ୍କ ଖୋଳତାଡ କରାଯିବ ବୋଲି ସୂଚନା ପାଇବାପରେ ଏଭଳି ସ୍ଥିତି ଉପୁଜିଛି। ଏହି ଖୋଳତାଡ କେନ୍ଦୁଝରରୁ ଆରମ୍ଭ ହେବ ବୋଲି ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ଖଣି ବ୍ୟବସାୟୀ ରାଜା ଚକ୍ର ଗିରଫ ପରେ ଏବେ କେନ୍ଦୁଝରର ପୂର୍ବତନ ଜିଲ୍ଲାପାଳ ଆଶିଷ ଠାକରେ ଚର୍ଚ୍ଚାରେ ରହିଛନ୍ତି । ତାଙ୍କୁ ଖଣି ତଦନ୍ତ ଭିତରକୁ ଟାଣିଲେ ଅନେକ ଗୁମର ଖୋଲିବ ବୋଲି ଦାବି ହେଉଛି। ଏପରିକି ବିଜେଡିର ବରିଷ୍ଠ ବିଧାୟକ ବଦ୍ରି ପାତ୍ର ମଧ ଏହି ଦାବି କରିଛନ୍ତି। ତେବେ ଆଶିଷ ଠାକେରଙ୍କୁ ତଦନ୍ତ ପରିସରକୁ ଟାଣିଲେ କେବଳ ଖଣି ଦୁର୍ନୀତି ବାହାରିବ ନାହିଁ, କେନ୍ଦୁଝରେ ତାଙ୍କ ଦ୍ୱାରା ଅନୁଗୃହୀତ ହୋଇଥିବା କିଛି ଏନ୍‌ଜିଓଙ୍କର ମଧ ପର୍ଦ୍ଦାଫାସ୍ ହେବ ବୋଲି ଆଲୋଚନା ହେଉଛି। ଆଶିଷ ଠାକରେ କେନ୍ଦୁଝର ଜିଲ୍ଲାପାଳ ଥିବା ସମୟରେ ଗୋଟିଏ ନିର୍ଦ୍ଦିଷ୍ଟ ଏନଜିଓକୁ ହାତଖୋଲି ସହାୟତା କରିଛନ୍ତି। ସମ୍ପୃକ୍ତ ଏନଜିଓ ବିଜେଡିର କିଛି ନେତାଙ୍କୁ ଧରି ଏଭଳି ଅର୍ଥ ହାତେଇ ନେଇଛି ଯେ ତାହାକୁ ସହଜରେ ଆକଳନ କରିବା ମୁସ୍କିଲ । ଜିଲ୍ଲା ଖଣିଜ ପାଣ୍ଠି ସମେତ ଅନ୍ୟ ବହୁ ସରକାରୀ ପ୍ରକଳ୍ପ ନିର୍ଦ୍ଦିଷ୍ଟ ଏନ୍‌ଜିଓ ନିକଟକୁ ଯାଇଛି ଏବଂ ଅର୍ଥ ରିସ୍ଲାଇକିଂ ହୋଇ ଜିଲ୍ଲାପାଳଙ୍କ ସମେତ ଜିଲ୍ଲାର ଆଉକିଛି ଅଫିସରଙ୍କ ➪ପୃଷ୍ଠା-୬

# କଲଭର୍ଟ ଢଳେଇ କାର୍ଯ୍ୟ ନିମ୍ନମାନର ଅଭିଯୋଗ

## ■ ପୂର୍ତ୍ତ ବିଭାଗର ଗେହ୍ଲା ପୁଅ ସାଜିଛନ୍ତି ଯନ୍ତ୍ରୀ ■ ବଦନାମ ମୁଣ୍ଡାଉଛନ୍ତି ସରକାର



**ରାଜକନିକା,୨୫ା୩ (ସଂଚାର ବ୍ୟୁରୋ):** କଣ୍ଡିଆ ପୂର୍ତ୍ତବିଭାଗ ରାସ୍ତାର ନମତରା ଠାରେ ନିର୍ମାଣଧିନ କଲଭର୍ଟ ଢଳେଇ କାମ ନିମ୍ନମାନର ହେଉଥିବା ନେଇ ଅଭିଯୋଗ ହେଉଛି। ଯାହା ଫଳରେ କାର୍ଯ୍ୟ ସ୍ଥାୟୀତ୍ୱ ନେଇ ପ୍ରଶ୍ନ ଉଠିଛି ।

ଅଭିଯୋଗ ଅନୁଯାୟୀ ଦିବ୍ୟ ରାଉତ ଘର କଲଭର୍ଟ ଓ ଇନ୍ଦିରା ଛକ ମଶାଣୀ ପାଖ କଲଭର୍ଟ ଉପରେ ଢଳେଇ କାମ ଆରମ୍ଭ ହୋଇଛି। କାମ ଆରମ୍ଭ ହେବା ବେଳକୁ ଏଥିରେ ସମସ୍ୟା ଦେଖିବାକୁ ମିଳିଛି। ସମ୍ପୂର୍ଣ୍ଣରୂପେ ଧସା ବାଲିରେ ହେଉଥିବା ଢଳେଇରେ ଗୋଡିର ମାନ ନ କହିବା ଭଲ ଯାହାକୁ ଢାଳି କାମ ହେଉଛି। ପୂର୍ବ ରାସ୍ତାଟିକୁ ସଫା କରାନଯାଇ ସେଥିରେ ବେପରୁଆ ଭାବେ ଢଳେଇ ହେଉଛି। ଧୂଳିମାଟି ଉପରେ ଢଳେଇ ହେଉଥିବାରୁ ତାହା ଅଳ୍ପ ଦିନରେ ଉଠି ଯିବାର ଆଶଙ୍କା ଦେଖାଦେଇଛି। ଏମିତିକି ଏହି କାମ ହେବା ବେଳେ ବିଭାଗୀୟ ଅଧିକାରୀ ଉପସ୍ଥିତ ନ ରହିବା ମଠରେ ଖାଇ ଖଟରେ ଶୋଇବା ଅଭ୍ୟାସ ଥିବା ବେଳେ ଠିକାଦାର ଲୋକେ ଅତି ନିମ୍ନମାନର କାମ କରୁ ଥିବାର ଅଭିଯୋଗ ହେଉଛି।

ଠିକାଦାରଙ୍କୁ କହିକି ଅଧିକ ଅନୁକମ୍ପା ଦେଖାଉଛନ୍ତି ଯନ୍ତ୍ରୀ। ମିଳିଭଗତରେ ଚାଲି ନାହିଁତ ! ଏଠି ପ୍ରଶ୍ନ ଉଠେ କାହିଁକି ଏ ଯନ୍ତ୍ରୀଙ୍କୁ ବିଭାଗ ଘଣ୍ଟ ଘୋରାଉଛି ? ମାଳ ମାଳ ଅଭିଯୋଗ ପରେବି କାହିଁକି ଗେହ୍ଲା ପୁଅ ହୋଇ ରହିଛନ୍ତି ଯନ୍ତ୍ରୀ ମହାଶୟ ! ଏ ଭଳି ଅଧିକାରୀଙ୍କ ପାଇଁ ବଦନାମ ମୁଣ୍ଡାଉ ନାହାନ୍ତି କି ସରକାର। ତେବେ କେବେ ହେବ ଏ ଭଳି ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ।

ବିଭାଗୀୟ ଉଚ୍ଚାଧିକାରୀ ଏହି କାମର ଅନିୟମିତତାକୁ ପରଖି ପଦକ୍ଷେପ ନେବାକୁ ସମାଜସେବୀ ଜଗନ୍ନାଥ ମଲ୍ଲିକ, ନିରଞ୍ଜନ ପଲାଇ,ଅମର ଜେନା ,ମାଧବ ଜେନା,ରାଧାଶ୍ୟାମ ଜେନା,ବିନୋଦ ବିହାରୀ ସାହୁ,ଶରତ କୁମାର ମଲ୍ଲିକ, ଅଶୋକ ଜେନା,ନିର୍ମଳ ଜେନା,ପ୍ରଫୁଲ୍ଲ ସାହୁ,ଉଦୟ ଜେନା ପ୍ରମୁଖ ଗ୍ରାମବାସୀ ଦାବି କରିଛନ୍ତି ।



## ବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**ମାହାଙ୍ଗା,୨୫ା୩ (ସଂଚାର ବ୍ୟୁରୋ):** ମାହାଙ୍ଗା ବ୍ଲକ ବାସୁଦେବପୁର ପଞ୍ଚାୟତ କୋଉଡକୋଲ ସ୍ଥିତ କମେଶ୍ୱର ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ପ୍ରତିଷ୍ଠାତା ରତ୍ନାକର ନାୟକଙ୍କ ଆବକ୍ଷ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି। ଏହି ଅବସରରେ ମାହାଙ୍ଗା ବିଧାୟକ ଶାରଦା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସ୍ୱର୍ଗତ ନାୟକଙ୍କ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରତାପକିଶୋର ନାୟକଙ୍କ ଅଧ୍ୟକ୍ଷତାରେ ସ୍କୁଲ ପରିସରରେ ଏକ ସଭା ଆୟୋଜିତ ହୋଇଥିଲା ଏଥିରେ ଅବସରପ୍ରାପ୍ତ ତହସିଲଦାର ପ୍ରମୋଦ କୁମାର ନାୟକ, ଡ ଭାଗ୍ୟଲକ୍ଷ୍ମୀ ନାୟକ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ନାୟକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅବସରପ୍ରାପ୍ତ ଶିକ୍ଷା ଅଧିକାରୀ ଡ ସୁଧିର ସାମଲ ମଞ୍ଚ ପରିଚାଳନା ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବିଜ୍ଞାନ ଶିକ୍ଷକ ତରୁଣ କୁମାର ମହାନ୍ତି ବିବରଣୀ ପାଠ ଏବଂ ସଂସ୍କୃତ ଶିକ୍ଷକ ଦିଲୀପ ପଣ୍ଡା ବେଦପାଠ କରିଥିଲେ।ଏହି ଅବସରରେ ବିଦ୍ୟାଳୟ ର ଦିବଂଗତ ସଭାପତି କାର୍ତ୍ତିକ ସାମଲଙ୍କ ଧର୍ମପତ୍ନୀ ଲିଲିମା ସାମଲ ଓ ପ୍ରଥମ ସମ୍ପାଦକ ନିର୍ମଳ ଚନ୍ଦ୍ର ନାୟକଙ୍କ କନ୍ୟାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

## ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବଙ୍କ ପରିଦର୍ଶନ

**ଗରଦପୁ,୨୫ା୩ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସୁମିତ୍ରା ସାହୁ ମଙ୍ଗଳବାର କୋରୁଆ ସ୍ଥିତ ପଲିଶ୍ରୀ ମହିଳା ସମିତି ପରିଦର୍ଶନ କରିଛନ୍ତି। ଉକ୍ତ ମହିଳା ସମିତିରେ ସଚିବ ଅନ୍ତେବାସୀ ମାନଙ୍କର ଭଲମନ୍ଦ ପଚାରି ବୁଝିବା ସହିତ ସ୍ୱାସ୍ଥ୍ୟ,



ଖାଦ୍ୟପେୟ, ପାଠପଢା ସଂପର୍କରେ ଛାତ୍ରଛାତ୍ରୀ ମାନଙ୍କୁ ପଚାରି ବୁଝିଥିଲେ। ଏହି ଅନ୍ତେବାସୀମାନେ ସମାଜର ମୁଖ୍ୟ ସ୍ରୋତରେ ନିଜକୁ ନିୟୋଜିତ କରିବେ ଓ ଜଣେ ଜଣେ କିପରି ଭଲ ମଣିଷ ହୋଇ ସମାଜରେ ପ୍ରତିଷ୍ଠିତ ହେବେ ସେ ସଂପର୍କରେ ପ୍ରେରଣା ଦେବା ସହ ପରିଷ୍କାର, ପରିଚ୍ଛନ୍ନତା ଉପରେ ଧ୍ୟାନ ନିବେଶ କରିବେ ଓ ସୁସ୍ଥ ସମାଜ ଗଠନରେ କିପରି ମୁଖ୍ୟ ଭୂମିକା ଗ୍ରହଣ କରିବେ ସେ ଉପରେ ଉପଦେଶ ଦେଇଥିଲେ ।




## ଡାଃ ଦେବେନ୍ଦ୍ର ପ୍ରଧାନଙ୍କୁ ଜିଲ୍ଲାସ୍ତରୀୟ ଶ୍ରଦ୍ଧାଞ୍ଜଳି

**କେନ୍ଦ୍ରାପଡ଼ା,୨୫ା୩ (ସଂଚାର ବ୍ୟୁରୋ):** ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତଃ ଡ଼ଃ ଦେବେନ୍ଦ୍ର ପ୍ରଧାନଙ୍କ ଉଦ୍ଦେଶ୍ୟରେ ଜିଲ୍ଲାସ୍ତରୀୟ ଏକ ଶ୍ରଦ୍ଧାଞ୍ଜଳି ସଭା ସ୍ଥାନୀୟ କାକଟ ସ୍ଥିତ ସ୍ୱୟଂ ସେଲିବ୍ରେସନ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁନାକର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ ସମଗ୍ର ଜିଲ୍ଲାରୁ ଆସିଥିବା ପ୍ରାୟ ୫୦୦ ଜଣ ବ୍ୟକ୍ତିବିଶେଷ ସ୍ୱର୍ଗତ ପ୍ରଧାନଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗତ ପ୍ରଧାନ ଜଣେ ସରଳ, ସ୍ନେହୀ,, ଅମାୟିକ, ନିଷ୍କପଟ ଓ ଜଣେ ଦୃଢ ସଂଗଠକ ଥିଲେ ବୋଲି କହିବା ସହ ତାଙ୍କର ନିଧନ ଭାରତୀୟ ଜନତା ପାର୍ଟି ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ତାଙ୍କର ସ୍ମୃତିଚାରଣ କରି ବକ୍ତାମାନେ ମତପ୍ରକାଶ କରିଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ରାଷ୍ଟ୍ରୀୟ ପରିଷଦ ସଭ୍ୟ ବୈଦ୍ୟନାଥ ଚାଟାର୍ଜୀ, ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠି, ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ ନାୟକ,ପୂର୍ବତନ ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡା, ଦୁର୍ଯ୍ୟଧନ ସାହୁ,ଗୀତାଞ୍ଜଳୀ ସେଠୀ, କୃଷ୍ଣଚନ୍ଦ୍ର ପଣ୍ଡା, ବିନୟ ବୋଷ, ,ନୃସିଂହ ପତ୍ରି, ରବିନାରାୟଣ ପତି, ବିଷ୍ଣୁ ପ୍ରସାଦ ବେହେରା, ସଲିମ ଖାଁ, ସଚ୍ଚିଦାନନ୍ଦ ବେହେରା, ଉପିନ ରାଉତ, ଜାନକୀ ପ୍ରଧାନ, ମାଧବାନନ୍ଦ ମଳିକ, ଡ଼ଃ କଳ୍ପନା ମଲ୍ଲିକ, ନାରଦ ବିଶ୍ୱାଳ, ରବୀନ୍ଦ୍ର ବିଶ୍ୱାଳ, ଭକ୍ତବନ୍ଧୁ ମିଶ୍ର, ସୁନାକର ପ୍ରଧାନ,ଶୋଭନ ଆଚାର୍ଯ୍ୟ, ପ୍ରିୟଦର୍ଶିନୀ ନନ୍ଦ, ଅନ୍ତର୍ଯ୍ୟାମୀ ମଳିକ, ସତ୍ୟ ପ୍ରକାଶ ସାମଲ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ପରିଶେଷରେ ଅଭିମନ୍ୟୁ ଗୋଛାୟତ ଧନ୍ୟବାଦ କରଥିଲେ।

## ସ୍ୱର୍ଗତ ଦେବେନ୍ଦ୍ର ଶର୍ମାଙ୍କ ପରିବାରକୁ ସମବେଦନା ଜଣାଇଲେ ଅଜୟ ଲଲ୍ଲୁ



**ଆଳି,୨୫ା୩ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ଆଳି ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ତଥା କଂଗ୍ରେସର ଲଢୁଆ ନେତା ସ୍ୱର୍ଗତ ଦେବେନ୍ଦ୍ର ଶର୍ମାଙ୍କ ଦେହାନ୍ତ ପରେ ଆଜି ନିଆଳ ସ୍ଥିତ ବାସଭବରେ ପହଞ୍ଚିଛନ୍ତି ଓଡିଶା ପ୍ରଦେଶ କଂଗ୍ରେସ ପ୍ରଭାରୀ ଅଜୟ ଲଲ୍ଲୁ, ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ ଓ କେନ୍ଦ୍ରାପଡ଼ା କଂଗ୍ରେସ ବିଧାୟକା ପାର୍ଥି ସିପ୍ରା ମଲ୍ଲିକ । ଶ୍ରୀ ଲଲ୍ଲୁ ସ୍ୱର୍ଗତ ଶର୍ମାଙ୍କ ପରିବାର ବର୍ଗଙ୍କୁ ସମବେଦନା ଜଣାଇବା ସହ ଦେବେନ୍ଦ୍ର ଶର୍ମାଙ୍କ ଫଟୋରେ ପୁଷ୍ପ ମାଲ୍ୟ ଅର୍ପଣ କରିବା ସହ ସ୍ୱର୍ଗତ ଶର୍ମା ଙ୍କ ଧର୍ମପତ୍ନୀ ଅନିତା ଶର୍ମା ଏବଂ ତାଙ୍କ ଝିଅ ଦେବସ୍ମିତା ଶର୍ମାଙ୍କ ପରିବାର ସହିତ ପୁରା କଂଗ୍ରେସ ଛିଡା ହୋଇଛି ବୋଲି ଶ୍ରୀ ଲଲ୍ଲୁ କହିଛନ୍ତି । ସ୍ୱର୍ଗତ ଦେବେନ୍ଦ୍ର ଶର୍ମାଙ୍କ ଘନିଷ୍ଠ ସହଯୋଗୀ ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ ଶର୍ମାଙ୍କ ବାସଭବନ ରେ ପଂହଁଚି ଗଭୀର ସମବେଦନା ଜଣାଇବା ବେଳେ ସେ କହିଥିଲେ ଶ୍ରୀ ଶର୍ମା ସାଲିସ ବିହୀନ ରାଜା ନେତା ଥିବା ବେଳେ ରୋକ ଠୋକ କଥା କହୁଥିଲେ ଏ ଭଳି ନେତାଙ୍କୁ ହରାଇ ଥିବାରୁ କଂଗ୍ରେସ ଦଳର ଅପୂରଣୀୟ କ୍ଷତି ହୋଇଛି। ପରେ ପରେ କେନ୍ଦ୍ରାପଡ଼ା ନିର୍ବାଚନ ମଣ୍ଡଳୀର କଂଗ୍ରେସ ପାର୍ଥୀନୀ ତଥା ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକ ପହଁଚି ଶ୍ରୀ ଶର୍ମାଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ଏହି ଅବସରରେ ଅନେକ ବରିଷ୍ଠ ନେତୃ ମଣ୍ଡଳୀ ପହଁଚି ସମବେଦନା ଜଣାଇଥିଲେ ।

## ଦେବେନ୍ଦ୍ର ଶର୍ମାଙ୍କ ଶ୍ରଦ୍ଧାଞ୍ଜଳି ସଭା

**ପଟ୍ଟାମୁଣ୍ଡାଇ,୨୫ା୩ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ କଂଗ୍ରେସ ପକ୍ଷରୁ ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମାଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ସ୍ଥାନୀୟ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା କଂଗ୍ରେସ ପଛୁଆବର୍ଗ ପ୍ରାକ୍ତନ ଅଧକ୍ଷ ମଳୟ ଦାସଙ୍କ ପୌରହିତ୍ୟରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ରାଜନଗର କଂଗ୍ରେସ ବିଧାୟକ ପ୍ରାର୍ଥୀ ଅଶୋକ ପ୍ରତିହାରୀ,ବରିଷ୍ଠ କଂଗ୍ରେସ ନେତା ରମାକାନ୍ତ ଦାଶ, ତପନ ପାତ୍ର ସୁନାମଣି ଦାଶ ସୁଚିତ୍ରା ବିଶ୍ୱାଳ ସର୍ବେଶ୍ୱର ସେଠୀ ପ୍ରଭାତ ସେଠୀ, ଗୌରହରି ବିଶ୍ୱାଳ,ରାମେଶ୍ୱର ପଣ୍ଡା, ଦିଲ୍ଲୀପ ସେଠୀ, ଦିବେଶ ମଲିକ, ନକୁଳ ଦାସ, ପାର୍ଥସାରଥୀ ଜେନା ପ୍ରମୁଖ ଭାଷଣ ଦେଇ ସ୍ୱର୍ଗତ ବିଧାୟକ ଶର୍ମାଙ୍କ ନିଷ୍ଠା, ନିର୍ଭିକତା ଓ ଦକ୍ଷତା ସମ୍ପର୍କରେ ଉଲ୍ଲେଖ କରି ଜିଲ୍ଲାର ବିକାଶ ପାଇଁ ଜୀବନବ୍ୟାପି ସଂଗ୍ରାମ ଉପରେ ଆଲୋକପାତ କରିବା ସହିତ ତାଙ୍କ ଅମ୍ଳାନ ସ୍ମୃତି ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

**ସତ୍ୟପାଠ**

ମୁଁ ଶ୍ରୀ ଅଧିକାରୀ ରୁଦ୍ର ପ୍ରସାଦ ଦାଶ , ବୟସ ୧୪ ବର୍ଷ ପିତା - ଶ୍ରୀ ରମଣ ରଞ୍ଜନ ଦାସ, ବାସସ୍ଥାନ- ଗ୍ରାମ - ବଙ୍କୁଆଲ , କଳ୍ପନରିଭର୍ ଭ୍ୟୁ କମ୍ପ୍ଲେକ୍ସ, BLock- A/୪୦୯, 4th floor, ଥାନା - ବରଗଡ଼, ଭୁବନେଶ୍ୱର, ଖୋର୍ଦ୍ଧା, ପିନ - 751002.
ଏତଦ୍ ଦ୍ୱାରା, ଭୁବନେଶ୍ୱରସ୍ଥିତ କୋର୍ଟ ଏକ୍ସକ୍ୟୁଟଇଭ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ତା-୧୭/୦୩/ ୨୦୨୫ ରିଖ ହାଜର ହୋଇ ଏହି ସତ୍ୟପାଠ ଜରିଆରେ ଜଣାଉଛି ଯେ, ମୋର ଜନ୍ମ ପ୍ରମାଣ ପତ୍ର କ୍ରମିକ ନମ୍ବର- ୩୧୨୦୯୨ ଓ ବାସସ୍ଥଳୀ ପ୍ରମାଣ ପତ୍ର ନମ୍ବର - E-RES/୨୦୨୫/୩୪୦୬୬୩ ମୋର ନାମ ଅଧିକାରୀ ରୁଦ୍ର ପ୍ରସାଦ ଦାଶ ଉଲ୍ଲେଖିତ ଅଛି । କିନ୍ତୁ ମୋର ପୂର୍ବରୁ ହୋଇଥିବା ଆଧାର କାର୍ଡ ନମ୍ବର- ୬୦୩୦୨୮୭୩୪୦୧୮ରେ ରୁଦ୍ର ପ୍ରସାଦ ଦାଶ, ରହିଅଛି। ଏହା କମ୍ପ୍ୟୁଟର ଦ୍ୱାରା ଭୁଲ୍ ବସତ ମୋର ନାମ ରୁଦ୍ର ପ୍ରସାଦ ଦାଶ ହୋଇଅଛି । ଉପରୋକ୍ତ ଠିକଣାରେ ରୁଦ୍ର ପ୍ରସାଦ ଦାଶ ଓ ଅଧିକାରୀ ରୁଦ୍ର ପ୍ରସାଦ ଦାଶ ଜଣେ ମାତ୍ର ବ୍ୟକ୍ତି ଅଟନ୍ତି । ଆଧାର କାର୍ଡ ରେ ମୋର ନାମ ସଂଶୋଧନ ପାଇଁ ଉକ୍ତ ସତ୍ୟପାଠ ନମ୍ବର- ୭୧AA ୯୬୪୫୨୨ ତା,୧୭/୦୩/୨୫ ରେ ଉଲ୍ଲେଖ ଅଛି । ଯଦି କୌଣସି ତ୍ରୁଟି ଥାଏ, ତେବେ ମୁଁ ଆଇନ ଅନୁଯାୟୀ ଦଣ୍ଡିତ ହେବି ବୋଲି ଜଣାଉଅଛି।
(ଅଧିକାରୀ ରୁଦ୍ର ପ୍ରସାଦ ଦାଶ, ପିତା - ରମଣ ରଞ୍ଜନ ଦାଶ )

# ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

## ମାମଲା ରୁଜୁ କରି ତଦନ୍ତ ଚଳାଇଛି ପୁଲିସ

**ମହାକାଳପଡ଼ା,୨୫ା୩ (ସଂଚାର ବ୍ୟୁରୋ):** ଜଣେ ଯୁବକକୁ ସଙ୍ଗବଦ୍ଧ ଭାବରେ ମରଣାନ୍ତକ ଆକ୍ରମଣ କରାଯାଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ନଦୀକୂଳରୁ ଉଦ୍ଧାର କରି ମହାକାଳପଡ଼ା ମେଡିକାଲ୍ ପରେ କେନ୍ଦ୍ରାପଡ଼ା ଜିଲ୍ଲା ମେଡ଼ିକାଲକୁ ସ୍ଥାନାନ୍ତରିତ କରାଯାଇଛି। ଯୁବକଙ୍କ ମାଆ ଆକ୍ରମଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ମହାକାଳପଡ଼ା ଥାନାରେ ଲିଖିତ ଅଭିଯୋଗ କରିବା ପରେ ମହାକାଳପଡ଼ା ପୋଲିସ ଏତଲା ଆଧାରରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ମହାକାଳପଡ଼ା ଥାନା ଅନ୍ତର୍ଗତ ଷାଠିଏବାଟି ଗ୍ରାମର ତରୁଣୀ ସ୍ୱାଇଁଙ୍କ ପତ୍ନୀ ପ୍ରଭାତୀ ସ୍ୱାଇଁ (୪୦) ୨୧ ତାରିଖରେ ମହାକାଳପଡ଼ା ଥାନାରେ ଦାଖଲ କରିଥିବା ଏତଲା ଅନୁଯାୟୀ ୨୦ ମାର୍ଚ୍ଚ ସନ୍ଧ୍ୟାରେ ତାଙ୍କ ବଡ଼ ପୁଅ ରାଜକିଶୋର ସ୍ୱାଇଁଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ସଙ୍ଗବଦ୍ଧ ଭାବରେ କରାଯାଇଥିବା ଆକ୍ରମଣରେ ତାଙ୍କ ପୁଅର ମୁଣ୍ଡ ଫାଟିବା ସହିତ ହାତ ଭାଙ୍ଗିଯାଇଛି। ଗୋଖାଖଟି ଗ୍ରାମର ସୁଲଭ ସେଠୀଙ୍କ ପୁଅ ଦାମ ସେଠୀ ସନ୍ଧ୍ୟାରେ ରାଜକିଶୋରଙ୍କୁ ଫୋନ୍ କରିଥିଲେ। ରାଜକିଶୋରଙ୍କ ସାନଭାଇ ଡେରିରେ ଘାଟ ଲଗାଇବାରୁ ତାଙ୍କ ସାନଭାଇକୁ ସେମାନେ ମାଡ଼ ମାରୁଛନ୍ତି ବୋଲି ଫୋନ୍ କରି କହିବା ପରେ ଘଟଣାସ୍ଥଳକୁ ରାଜକିଶୋର ବାହାରିଥିଲେ। ଗୋଖାଖଟି ଛକରେ ଦାମ ସେଠୀ, କାହ୍ନା ସ୍ୱାଇଁ, ସାଗର ସ୍ୱାଇଁ, ହାପି ସ୍ୱାଇଁ, ରଞ୍ଜନ ଚୌଧୁରୀ, ସାମ ସେଠୀ, ମାନ ସ୍ୱାଇଁ, ସନ୍ତିଆ ସ୍ୱାଇଁ, ମାଧିଆ ସ୍ୱାଇଁ, ରାଜା ସ୍ୱାଇଁ ଓ ଅନ୍ୟମାନେ ରାଜକିଶୋରଙ୍କୁ ଯୋଜନାବଦ୍ଧ ଭାବରେ ବାଡି, ଠେଙ୍ଗା, କଟୁରୀ ଆଦି ମାରଣାସ୍ତ୍ରରେ ଆକ୍ରମଣ କରି ମୁଣ୍ଡ ଫଟାଇ ଦେଇଛନ୍ତି। ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ହେବା ସହ ହାତ ମଧ୍ୟ ଭାଙ୍ଗି ଦେଇଛନ୍ତି। ଏମିତି ଅବସ୍ଥାରେ ରାଜକିଶୋରଙ୍କୁ ନଦୀକୂଳରେ ଫୋପାଡିବା ସମୟରେ ରାଜକିଶୋରଙ୍କ ବାପା ଓ ଅନ୍ୟ ଗ୍ରାମବାସୀ ପହଞ୍ଚି ରାଜକିଶୋରଙ୍କୁ ଉଦ୍ଧାର କରିଥିଲେ। ପ୍ରଥମେ ତାଙ୍କୁ ମହାକାଳପଡ଼ା ମେଡିକାଲ୍ ଓ ଅବସ୍ଥା ସଙ୍କଟାପନ୍ନ ହେତୁ କେନ୍ଦ୍ରାପଡ଼ା ଜିଲ୍ଲା ମେଡିକାଲ୍କୁ ସ୍ଥାନାନ୍ତରିତ କରାଯାଇଥିଲା।

ପୁଅକୁ ମରଣାନ୍ତକ ଆକ୍ରମଣ କରିଥିବା ବ୍ୟକ୍ତି ମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରଭାତୀ ମହାକାଳପଡ଼ା ଥାନାରେ ଲିଖିତ ଏତଲା ଦେବା ପରେ ମହାକାଳପଡ଼ା ପୋଲିସ କେସ୍ ନମ୍ବର ୭୪ ରେ ଧାରା ଅଧିନିୟମ ୧୨୬(୨)/୨୯୬/୧୧୫(୨)୧୧୭(୨)୩୫୧(୨)/୩(୫) ଭାରତୀୟ ନ୍ୟାୟ ସଂହିତା ଅନୁଯାୟୀ ଆକ୍ରମଣକାରୀ ବୋଲି ଦର୍ଶାଯାଇଥିବା ବ୍ୟକ୍ତିଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ମାମଲା ରୁଜୁ ପରେ ପରବର୍ତ୍ତୀ ପଦକ୍ଷେପ କ'ଣ ରହୁଛି ତାହା ଦେଖିବାକୁ ବାକି।

## ବନ୍ଧୁକ ମୂନରେ ୩୦ ଲକ୍ଷ ଟଙ୍କା ସହ ସୁନା ଅଳଙ୍କାର ଲୁଟ୍

**ସାଲେପୁର,୨୫ା୩ (ସଂଚାର ବ୍ୟୁରୋ):** ଗୃହକର୍ତ୍ତାଙ୍କ ହାତଗୋଡ଼ ବାନ୍ଧି ଝିଅ ମୁଣ୍ଡରେ ବନ୍ଧୁକ ଲଗାଇ ୫ଜଣ ଡକାୟତ ନଗଦ ୩୦ଲକ୍ଷ ଟଙ୍କା ଓ ୫ଶହ ଗ୍ରାମ ସୁନା ଅଳଂକାର ଲୁଟି ନେଇଥିବା ନେଇ ସାଲେପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି।



ଘଟଣାରୁ ପ୍ରକାଶ ଯେ ଗତକାଲି ବିଳମ୍ବିତ ରାତ୍ରିରେ ଜାହାଙ୍ଗିରାବାଦ ଗ୍ରାମର ବିଜୟ ମହାନ୍ତି ଓ ତାଙ୍କ ପତ୍ନୀ ଓ ସାନଝିଅ ଘରେ ଥିବାବେଳେ ୫ଜଣ ଦୁର୍ବୃତ୍ତ ମୁହଁରେ ଗାମୁଛା ପିନ୍ଧି ସିଡ଼ିଘରର ଗ୍ରୀଲ୍ ତାଲା ଭାଙ୍ଗି ଘର ମଧ୍ୟରେ ପଶି ବିଜୟ ଓ ତାଙ୍କ ସ୍ତ୍ରୀଙ୍କ ହାତଗୋଡ଼ ବାନ୍ଧି ମୁହଁରେ କନା ବିଣ୍ଡିଆ ଦେଇ ତାଙ୍କ ସାନଝିଅ ମୁଣ୍ଡରେ ବନ୍ଧୁକ ଲଗାଇ ଭୟଭୀତ କରିବା ସହ ବିଜୟ ଝିଅ ବିବାହ ପାଇଁ ଜମି ବିକ୍ରି କରି ରଖିଥିବା ୩୦ଲକ୍ଷ ଟଙ୍କା ଓ ପ୍ରାୟ ଝିଅ ବାହାଘର ପାଇଁ ରଖିଥିବା ୨୦ଭରି ସୁନା ଓ ନିଜ ପତ୍ନୀଙ୍କ ସୁନା ଗହଣା ଯାହାକି ୫ଶହ ଗ୍ରାମରୁ ଉର୍ଦ୍ଧ୍ୱ ହେବ ତାହାକୁ ଡକାୟତମାନେ ଲୁଟି ନେଇ ଚମ୍ପଟ ମାରିଥିବା ବିଜୟ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସାଲେପୁର ପୁଲିସ ଅଭିଯୋଗକୁ ଗ୍ରହଣ କରି ସାଲେପୁର ଥାନା କେସ୍ ନଂ-୧୧୯/୨୫ରେ ମାମଲା ରୁଜୁ କରି ସନ୍ଧାନୀ କୁକୁର ସହ ତଦନ୍ତ ଆରମ୍ଭ କରିଥିଲା। ସନ୍ଧାନୀ କୁକୁର ଯାହା ଘର ସମ୍ମୁଖରେ ଯାଇ ଚିହ୍ନଟ କରିଥିଲା, ସମ୍ପୃକ୍ତ ବ୍ୟକ୍ତିର ପୁଅକୁ ଥାନାରେ ଅଟକ ରଖି ପୁଲିସ ପଚରା ଉଚୁରା କରୁଥିବା ସାଲେପୁର ଥାନା ଅଧିକାରୀ ଅନିତା ସାହୁ ପ୍ରକାଶ କରିଛନ୍ତି।

## ଖାଦ୍ୟ ସୁରକ୍ଷା ସ୍ୱଚ୍ଛତା, ନିରାପତ୍ତା ପାଇଁ ତାଲିମ

**କେନ୍ଦ୍ରାପଡା,୨୫ା୩ (ସଂଚାର ବ୍ୟୁରୋ):** ରାଜ୍ୟ ଖାଦ୍ୟ ସୁରକ୍ଷା ବିଭାଗ ସଚିବଙ୍କ ନିର୍ଦ୍ଦେଶ କ୍ରମେ କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ଅଂଚଳରେ ବିକ୍ରି ହେଉଥିବା ଖାଦ୍ୟ ଗୁଡିକର ମାନ ନିର୍ଦ୍ଧାରଣ ସଂପର୍କରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାରେ ଅଙ୍ଗନବାଡି କେନ୍ଦ୍ର ଗୁଡିକରେ ଶିଶୁ ମାନଙ୍କୁ ଦିଆଯାଉଥିବା ଅଣ୍ଡା, ଛତୁଆ ଓ ଶୁଖିଲା ଖାଦ୍ୟ ଗୁଡିକର ମାନ ତଥା ସାଧାରଣ ଲୋକେ ବ୍ୟବହାର କରୁଥିବା ପ୍ୟାକେଟ୍ ଖାଦ୍ୟ ଗୁଡିକର ବ୍ୟବହାର ସଂପର୍କରେ ଅଙ୍ଗନବାଡି କର୍ମୀ ମାନଙ୍କୁ ତାଲିମ ଦିଆଯାଇଛ। କଲିକତାର ଏଫ୍.ଏସ୍.ଏସ୍.ଏ.ଆଇର ଟ୍ରେନର ଜୟଦେବ ବାସୁ ତାଲିମ ପ୍ରଦାନ କରି ପ୍ରକାଶ କରିଥିଲେ ଯେ, ଖାଦ୍ୟ ସୁରକ୍ଷା ନିରାପତା ପାଇଁ ଜନ ସଧାରଣ କୌଣସି ଖାଦ୍ୟ ଓ ପ୍ୟାକେଟ୍ ଖାଦ୍ୟ କିଣିବା ବେଳେ ଏହାର ବ୍ୟବହାର ଅବଧି, ନିର୍ମାଣ ଅବଧି ଓ ପ୍ୟାକେଟ୍ ରେ ଲେଖା ଯାଇଥିବା ସାମଗ୍ରୀର ତଥ୍ୟ ସଂପର୍କରେ ଜାଣିବା ନିହାତି ଜରୁରୀ । ଏହି କାର୍ଯ୍ୟକ୍ରମରେ ଏହି କାର୍ଯ୍ୟକ୍ରମରେ ଡିଏସଡବ୍ଲ୍ୟୁଓ ମନୋରମା ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରମୋଦ ପ୍ରହରାଜ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ ।

## ମାହାଙ୍ଗାରେ କଂଗ୍ରେସ ସାଧାରଣ ସମ୍ପାଦକଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା



**ନିଶ୍ଚିନ୍ତକୋଇଲି,୨୫ା୩ (ସଂଚାର ବ୍ୟୁରୋ):** ରାଜ୍ୟ ସରକାର ଗରିବ ଗୁରୁବାଙ୍କୁ ଅବହେଳା,ନାରି ମାନଙ୍କୁ ସୁରକ୍ଷା ପ୍ରଦାନରେ ଅବହେଳା ପଦର୍ଶନ କରିଆସୁଥିବା ବିରୋଧରେ ଆସନ୍ତା ୨୭ତାରିଖ ବିଧାନସଭା ଘେରାଉ ପାଇଁ କଂଗ୍ରେସ ଦଳ ତରଫରୁ ଦିଆଯାଇଥିବା ଡାକରାକୁ ସଫଳ କରିବା ଲାଗି ଆଜି ଭାରତୀୟ କଗ୍ରେସ ଦଳ ସାଧାରଣ ସଂପାଦକ ତଥା ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲୁ କେନ୍ଦ୍ରାପଡ଼ା ଗସ୍ତରେ ଆସି ଅପରାହ୍ନରେ ଫେରିଥିବା ସମୟରେ ମାହାଙ୍ଗା ନିର୍ବାଚନ ମଣ୍ଡଳୀ ବିପ୍ଲବୀ କଂଗ୍ରେସ୍ ନେତା ତଥା ପ୍ରାକ୍ତନ ପିସିସି ସାଧାରଣ ସଂପାଦକ ଏବଂ ବର୍ତମାନର ପିସିସି ସଭ୍ୟ ଶ୍ରୀ ପ୍ରଦୀପ୍ତ କୁମାର ଦାସଙ୍କ ନେତୃତ୍ୱରେ ସତାଧିକ କଂଗ୍ରେସ କର୍ମକର୍ତ୍ତାମାନେ ନିଶ୍ଚିନ୍ତକୋଇଲି ମୁଖ୍ୟ ବଜାର ଠାରେ ଲଲୁଙ୍କୁ ପୁଷ୍ପଗୁଛ ଉତ୍ତରୀୟ ପ୍ରଦାନ ସ୍ୱରୁପ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ଅବସରରେ କଂଗ୍ରେସ ଦଳ ପକ୍ଷରୁ ମହିଳା ମାନଙ୍କ ସୁରକ୍ଷା ଦିଗରେ ପ୍ରଶ୍ନ ଉଠାଇବାରୁ ଆଜି ବିଧାନସଭା ଗୃହରୁ ୧୨ଜଣ ବିଧାୟକଙ୍କୁ ବାଚସ୍ପତି ନିଲମ୍ବିତ କରିଥିବା ଘଟଣାକୁ ଶ୍ରୀଯୁକ୍ତ ଲଲୁ ଦୃଢ ନିନ୍ଦା କରିବା ସହ ଆଗାମୀ ଦିନରେ ରାଜ୍ୟବାସୀ ତଥା ମହିଳା ମାନଙ୍କ ସୁରକ୍ଷା ଦିଗରେ ଏ ଲଢ଼େଇକୁ କଂଗ୍ରେସ ଦଳ ଆହୁରି ମଜବୁତର ସହ ଲଢିବ ବୋଲି କହିବା ସହ ଆଗାମୀ ୨୭ତାରିଖ ବିଧାନସଭା ଘେରାଉକୁ ସଫଳ କରାଇବାରେ ମାହାଙ୍ଗା କଂଗ୍ରେସର କର୍ମକର୍ତ୍ତା ମାନେ ବହୁଳ ମାତ୍ରାରେ ଯୋଗଦେବାକୁ ନିବେଦନ କରିଥିଲେ। ଏଥିରେ ଅନ୍ୟ ମାନଙ୍କ ମଧ୍ୟରେ ପ୍ରଦେଶ କଂଗ୍ରେସ କମିଟି ସଭ୍ୟ ନାରାୟଣ ଦ୍ୱିବେଦୀ,ଯୁବନେତା ସେକ୍ ସଦାମ୍ , ଗୋପାଳ ସେଠୀ, ରମେଶ ସାହୁ, ରମେଶ ବାରିକ୍, ସୁସିଲ ଲେଙ୍କା, ହେମନ୍ତ ସ୍ୱାଇଁ,ବିଭୁପ୍ରସାଦ ଦ୍ୱିବେଦୀ, ସଞ୍ଜୟ ପଣ୍ଡା, ହୃଷୀକେଶ ମହାରଣା,ଗୌରାଙ୍ଗ ରାଉତ, ମନୋଜ କୁମାର ମହାନ୍ତି, ଜୟାନନ୍ଦ ରାଉତଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ରହିଥିଲେ।

## ଜିଲ୍ଲାପାଳ ବାଣ୍ଟିଲେ ସହାୟକ ଉପକରଣ



**କେନ୍ଦ୍ରାପଡା,୨୫ା୩ (ସଂଚାର ବ୍ୟୁରୋ):** ମଙ୍ଗଳବାର ଅପରାହ୍ନରେ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପ୍ରଥମ ଥର ଜିଲ୍ଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ର ଦ୍ୱାରା ପ୍ରସ୍ତୁତ କରାଯାଇଥିବା ସହାୟକ ଉପକରଣ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଏବଂ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ନୀଲୁ ମହାପାତ୍ରଙ୍କ ଦ୍ୱାରା ବଣ୍ଟନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତି, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା ପ୍ରମୋଦ କୁମାର ପ୍ରହରାଜ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମନୋରମା ସ୍ୱାଇଁଙ୍କ ସହ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିବା ସହ ଭିନ୍ନକ୍ଷମ କଲ୍ୟାଣ ପାଇଁ ଜିଲ୍ଲା ପ୍ରଶାସନ ନେଇଥିବା ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ମୋଟ ୧୭ ଜଣଙ୍କୁ ସହାୟକ ଉପକରଣ ବଣ୍ଟନ କରାଯାଇଥିଲା । ଉପକୃତ ହୋଇଥିବା ହିତାଧିକାରୀମାନେ ପ୍ରଭୁ ବଳଦେବଜୀଉଙ୍କ ନିକଟରେ ଜିଲ୍ଲାପାଳ ତଥା ଅନ୍ୟାନ୍ୟ ଅଧିକାରୀଙ୍କ ମଙ୍ଗଳ କାମନା କରିଥିଲେ । ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ରୂପାଲୀ ପ୍ରିୟଦର୍ଶିନୀଙ୍କ ତତ୍ତ୍ୱାବଧାନରେ ସଂପନ୍ନ କରାଯାଇଥିଲା ।

## ଗ୍ରାମ୍ୟ ଉନ୍ନୟନ ବିଭାଗ ଦୁର୍ନୀତି ତାଲିକା ଲମ୍ବୁଛି

# ଦୁଇ ବସ୍ତା ମେଟାଲରେ ୪୦୦ ମିଟର ରାସ୍ତା କାମ ସାରିଦେଲେ

**ରାଜନଗର,୨୫ା୩ (ସଂଚାର ବ୍ୟୁରୋ):** ରାଜନଗର ଗ୍ରାମ୍ୟ ଉନ୍ନୟନ ବିଭାଗରେ ଦୁର୍ନୀତିର ତାଲିକା ଲମ୍ବିବାରେ ଲାଗିଛି।ମହୁଲିଆ ଜୁନୁପାଙ୍ଗରା ରାସ୍ତାରେ ପିଚୁ ଘଷି ରାସ୍ତା କାମ ସର ଦିଆଯାଇଛି। ରାସ୍ତାରେ ପିଚୁ କାମ ସାରିଥିବା ବେଳେ ବଡ ବଡ ମେଟାଲ ରାସ୍ତା ସାରା ଉପରକୁ ଉଠିକି ରହିଛି। ରାସ୍ତାରେ ୨୬ ଏମଏମ ପିଚୁ କରିବାକୁ ଏସ୍ଟିମେଣ୍ଟ ଥିବା ବେଳେ ପିଚୁ ପରେ କିପରି ମେଟାଲ ଉପରକୁ ଉଠିକି ରହିଲା, ତାହାକୁ ନେଇ ସାଧାରଣରେ ପତିକ୍ରିୟା ବଢିବାରେ ଲାଗିଛି। ଏହି ସମୟରେ ଏହି ବିଭାଗରେ କିପରି ଆଖି ବୁଜା ଦୁର୍ନୀତି ହୁଏ ତାହାର ନଗ୍ନ ଚିତ୍ର ସାମ୍ନାକୁ ଆସିଛି। ରାସ୍ତାରେ ହୋଇଥିବା ଖାଲରେ ମେଟାଲ ପକାଇବାକୁ ୨ ଲକ୍ଷ ୩୬ ହଜାର ଟଙ୍କା ଦିଆ ଯାଇଥିବା ବେଳେ ମାତ୍ର ୨ ବସ୍ତା ମେଟାଲ ପକାଇ ରାସ୍ତା କାମ ସାରି ଦିଆଯାଇଥିବା ଗୁରୁତର ଅଭିଯୋଗ ହୋଇଛି।

ଏହି ବ୍ଲକର ବାଘମରି ଠାରୁ ପଟ୍ଟାପାରିଆ ପର୍ଯ୍ୟନ୍ତ ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ନିର୍ମାଣ ହୋଇଥିଲା। ରାସ୍ତାର ମରାମତି ଅବଧି ସାରିବା ପରେ ରାସ୍ତାର କିଛି ସ୍ଥାନରେ ଗର୍ତ୍ତ ସୃଷ୍ଟି ହୋଇଥିଲା।



ରାସ୍ତା ଅବସ୍ଥା ଶୋଚନୀୟ ହେତୁ ତାଳଚୁଆ, ବାଘମାରି, ରଙ୍ଗଣୀ, କେରୁଆପାଳ ପ୍ରଭୃତି ୪ଟି ପଂଚାୟତ ବାସୀ ନହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୨୦୨୪ ଜାନୁୟାରୀ ମାସରେ ରାସ୍ତାର ୧୧ କିଲୋମିଟର ମଧ୍ୟରୁ ୬କିମି ୫୦୦ ମିଟର ରାସ୍ତାକୁ ପୁନର୍ନିର୍ମାଣ ପାଇଁ ଟେଣ୍ଡର ମାଧ୍ୟମରେ ଠିକାଦାର ନିଯୁକ୍ତି କରାଯାଇଥିଲା। ଟିକାୟତନଗର ଛକ ଠାରୁ ରଙ୍ଗଣୀ ଯାଏଁ ରାସ୍ତା ନିର୍ମାଣ ପାଇଁ ୧ କୋଟି ୨୮ ଲକ୍ଷ ଟଙ୍କାର ଟେଣ୍ଡର ଡକାଯାଇଥିଲା। ଏହି ଅର୍ଥରେ ନିମ୍ନ ମାନର କାମ ଚଳିତ ମାସରେ ହୋଇଥିବାରୁ ପିଚୁ କାମ ୧୦ ଦିନ ତଳେ ସାରିଥିବା ବେଳେ ରସତରୁ ପିଚୁ ଉଠିଗଲାଣି। ସେହି ବାଘମାରୀ - ପଟାପାରିଆ ରାସ୍ତାର ପଟାପାରିଆ ନିକଟରେ ୪୦୦ ମିଟର ରାସ୍ତାକୁ ଅନ୍ୟ ଏକ ଟେଣ୍ଡାର ମାଧ୍ୟମରେ ପିଚୁ କରାଯାଇଛି। ରାସ୍ତା କଡ ସଫା କରିବା ପାଇଁ ୬ ହଜାର ୬୪୦ ଟଙ୍କା, ଫାଟି ଯାଇଥିବା ପିଚୁ ତାଡିବା ଓ ଖାଲ ସ୍ଥାନରେ ୨୫ ରୁ ୪୦ ଏମଏମ ସାଇଜର ମେଣ୍ଟାଲ, ଚିପସ୍ସ ମିଶାଇ ଖାଲ ପୂରଣ କରିବା ପାଇଁ ୨ ଲକ୍ଷ ୬୩ ହଜାର ୩୧୭ ଟଙ୍କା, ଟ୍ୟାଗ କୋଡ ପିଚୁ ପାଇଁ ୧୬ ହଜାର ୧୨୬ ଟଙ୍କା, ୨୦ ଏମଏମ ମୋଟେଇର କାର୍ପେଟିଙ୍ଗ ପିଚୁ ପାଇଁ ୩ ଲକ୍ଷ ୨୭ ହଜାର ୩ ଶହ ଟଙ୍କା, କାର୍ପେଟିଙ୍ଗ ପିଚୁ ଉପରେ ସିଲକୋଟିଙ୍ଗ ପିଚୁ ପାଇଁ ୧ ଲକ୍ଷ ୨୩ ହଜାର ୯ ଶହ ଟଙ୍କା, ରାସ୍ତା ସାଇଟରେ ମାଟି ଦେବା ପାଇଁ ୨୧ ହଜାର ୯୯୯ ଟଙ୍କା ଦିଆଯାଇଛି। ମାତ୍ର ରାସ୍ତାରେ କୌଣସି କାମ ନକରି ମାତ୍ର ୫ / ୬ ଏମଏମ ପିଚୁ କରି ରାସ୍ତା କାମ ସାରି ଦିଆଯାଇଛି।

ସବୁଠୁ ବଡ କଥା ହେଲା ରାସ୍ତାରେ ଖାଲ ଯେମିତି ଥିଲା ସେମିତି ରହିଛି। ଖାଲ ଉପରେ ପିଚୁ ଘଷି ଦିଆଯିବା ଯୋଗୁଁ ପିଚୁ ରାସ୍ତା ସମୁଦ୍ର ଢେଉ ଭଳି ଉଞ୍ଚା ଖାଲ ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏପରିକି ରାସ୍ତା କାମ ବେଳେ ଠିକାଦାର ବଜୁରି ଆଣିଥିବା ଟ୍ରକରେ ମାତ୍ର ଦୁଇ ବସ୍ତା ମେଟାଲ ଆଣିଥିଲେ। ଗୋଟିଏ ଖାଲରେ ଏହି ଦୁଇ ବସ୍ତା ମେଟାଲ ପଖାଇ ଥିଲେ। ଅନ୍ୟ ଖାଲ ଯେମିତି ଥିଲା ସେମିତି ରହିଛି, ରାସ୍ତାରେ ମାତ୍ର ୩/୪ ଏମ ଏମ ପିଚୁ ଘଷି କାମ ସାରି ଦେଇ ସରକାରୀ ଟଙ୍କା ଲୁଟି ନିଆଯାଇଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

## ବିଶ୍ୱ ଜଳ ଦିବସ ପାଳିତ

# ପ୍ରତିବଦ୍ଧ ପୃଥିବୀ ପାଇଁ 'ହିମଖଣ୍ଡ ସଂରକ୍ଷଣ' ଜରୁରୀ



ଭୁବନେଶ୍ୱର,୨୫।୩(ସଂଚାର ବ୍ୟୁରୋ): ଭୁବନେଶ୍ୱରସ୍ଥିତ ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନରେ ବୈଜ୍ଞାନିକମାନଙ୍କ ଦ୍ୱାରା 'ବିଶ୍ୱ ଜଳ ଦିବସ' ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ କର୍ମଶାଳାରେ ପ୍ରତିଷ୍ଠାନର ବୈଜ୍ଞାନିକମାନେ 'ହିମଖଣ୍ଡ ସଂରକ୍ଷଣ' ଭଳି ସାମ୍ପ୍ରତିକ ସମୟର ଏକ ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁ ଉପରେ ବିଷଦ ଆଲୋଚନା କରିଥିଲେ । କେନ୍ଦ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନର ନିର୍ଦ୍ଦେଶକ ଡ. ଅମରେଶ କୁମାର ନାୟକ ମୁଖ୍ୟ ଅତିଥି ଏବଂ କେନ୍ଦ୍ରୀୟ ଭୂତଳ ବୋର୍ଡର ଆଞ୍ଚଳିକ ନିର୍ଦ୍ଦେଶକ ଡ. ବି.କେ. ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏକ ପ୍ରତିବଦ୍ଧ ପୃଥିବୀ ପାଇଁ 'ହିମଖଣ୍ଡ ସଂରକ୍ଷଣ'ର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନର ନିର୍ଦ୍ଦେଶକ ଡ. ଅର୍ଜମାଦତ୍ତ ଷଡ଼ଙ୍ଗୀ ପ୍ରତିଷ୍ଠାନ ଦ୍ୱାରା ବିକଶିତ ବୈଷୟିକ ଜ୍ଞାନକୌଶଳ ସମ୍ବନ୍ଧରେ ଅବଗତ କରାଇବା ସହିତ ଆଗାମୀ ଦିନରେ ସେନ୍ସର, ଆଇଓଟି, କୃତ୍ରିମ ବୁଦ୍ଧିମତ୍ତା ତଥା ରିମୋଟ ସେନ୍ସିଂ ଆଦି ଆଧୁନିକ ଜ୍ଞାନକୌଶଳର ବ୍ୟବହାର ଦ୍ୱାରା ହିମଖଣ୍ଡ ତଥା ଜଳର ସୁପରିଚାଳନା ଉପରେ ଗୁରୁତ୍ୱାରୋପ କରିଥିଲେ। ଉପସ୍ଥିତ ବୈଜ୍ଞାନିକମାନେ ଅତ୍ୟାଧୁନିକ ଜ୍ଞାନକୌଶଳ ସମ୍ବନ୍ଧରେ ସୂଚନା ଦେଇଥିଲେ। ଏହି ଅବସରରେ ପ୍ରତିଷ୍ଠାନର ବିଭିନ୍ନ ପ୍ରୋଜେକ୍ଟ ସହିତ ସଂଶ୍ଲିଷ୍ଟ ହୋଇ ଆଧୁନିକ ଜଳସେଚନ ପଦ୍ଧତିକୁ ଆପଣାଇ ଥିବା ସଫଳ କୃଷକମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହା ସହିତ ବିଶ୍ୱ ଜଳ ଦିବସ ସନ୍ଦର୍ଭରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାରେ ବିଜୟୀ ହୋଇଥିବା ଡି.ଏ.ଭି ଚନ୍ଦ୍ରଶେଖରପୁରର ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।

ଏହି ଅବସରରେ ଏକ 'ମାନସ ମନ୍ଥନ' କର୍ମଶାଳା ଆୟୋଜିତ ହୋଇଥିଲା, ଯାହାର ବିଷୟବସ୍ତୁ 'ଭୂତଳ ଜଳ-ଖାଦ୍ୟ-ଉର୍ଜାର ଜଟିଳ ସଂରଚନାଗତ ସମ୍ପର୍କ: ଆହ୍ୱାନ ଏବଂ ସୁଯୋଗ' ଥିଲା। ଏଥିରେ ଭାରତୀୟ କୃଷି ଅନୁସନ୍ଧାନ ପରିଷଦର ବୈଜ୍ଞାନିକମାନଙ୍କ ସହ ଅନ୍ତର୍ଜାତୀୟ ଜଳ ପରିଚାଳନା ପ୍ରତିଷ୍ଠାନ, ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟ, କେନ୍ଦ୍ରୀୟ ଭୂତଳ ବୋର୍ଡ, କେନ୍ଦ୍ରୀୟ ଜଳ ଆୟୋଗ, ଭାରତୀୟ ବିଜ୍ଞାନ ପ୍ରତିଷ୍ଠାନ, ଆଇଆଇଟି, ଖଡ଼ଗପୁର ଓ ଗୌହାଟୀ, ତାମିଲନାଡୁ, ଜୁନାଗଡ଼, ପଞ୍ଜାବ ଓ ମହାତ୍ମା ଫୁଲେ କୃଷି ବିଶ୍ୱବିଦ୍ୟାଳୟ, ଜାତୀୟ କୃଷି ଅର୍ଥନୀତି ଏବଂ ନୀତି ଅନୁସନ୍ଧାନ କେନ୍ଦ୍ର, ଜାତୀୟ ଭୂ-ପଦାର୍ଥ ବିଜ୍ଞାନ ଅନୁସନ୍ଧାନ ପ୍ରତିଷ୍ଠାନ ଆଦିର ବରିଷ୍ଠ ବୈଜ୍ଞାନିକ ଓ ବିଶେଷଜ୍ଞମାନେ ଯୋଗଦେଇଥିଲେ। ଏହି କର୍ମଶାଳାରେ 'ଦେଶର ଭୂତଳ ଜଳର ସ୍ଥିତି ଏବଂ ପରିଚାଳନା', 'ଭୂତଳ-ଖାଦ୍ୟ-ଉର୍ଜାର ପାରସ୍ପରିକ ସମ୍ପର୍କ' ଏବଂ 'ଭୂତଳ ଜଳର ଗୁଣବତ୍ତା ତଥା ଜଳ ପରିଚାଳନାର ଶାସନ ଓ ନୀତି' ଆଦି ବିଷୟ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ଦେଶକୁ କୃଷି ଜଳ ଅଭାବ ସ୍ଥିତିରୁ ବଞ୍ଚାଇବା ପାଇଁ ବିଭିନ୍ନ ରଣନୀତି ଉପରେ ବିଚାରବିମର୍ଶ ମଧ୍ୟ ହୋଇଥିଲା। କାର୍ଯ୍ୟକ୍ରମର ପରିଚାଳନା ସଂସ୍ଥାନର ପ୍ରଧାନ ବୈଜ୍ଞାନିକ ଡ. ସୁଶାନ୍ତ କୁମାର ଜେନା କରିଥିଲେ।



ବିଧାନସଭା ବୁଲିବାକୁ ଆସିଥିବା କଟକ ସେଣ୍ଟ ଜାଭିଅର ସ୍କୁଲର ଛାତ୍ରଛାତ୍ରୀଙ୍କ ସହ ବାଚସ୍ପତି ସୁରମା ପାଢ଼ୀ, ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ।

## ବନ୍ଧୁକ ଦେଖାଇ ଘରୁ ଲୁଟି ନେଲେ ସୁନା ଅଳଙ୍କାର

**ଆନନ୍ଦପୁର,୨୫।୩ (ସଂଚାର ବ୍ୟୁରୋ):** ଆନନ୍ଦପୁର ଫକିରପୁରଠାରେ ସ୍ପଷ୍ଟ ଦିବାଲୋକରେ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଘରେ ପଶି ବନ୍ଧୁକ ଦେଖାଇ ଲୁଟି ନେଲେ ସୁନା ଅଳଙ୍କାର । ଲୁଟର ଶିକାର ହୋଇଛନ୍ତି ଫକିରପୁର ସିଟି ସ୍କୁଲର ଚତୁର୍ଥ ଶ୍ରେଣୀ କର୍ମଚାରୀ ପ୍ରଫୁଲ୍ଲ କୁମାର ନାଥଙ୍କ ପରିବାର । ଆଜି ଦିନ ପ୍ରାୟ ୨ଟାରୁ ୨ଟା ୩୦ ମଧ୍ୟରେ ପ୍ରଫୁଲ୍ଲ ଘରେ ନ ଥିବାର ସୁଯୋଗ ନେଇ ୨ଟା ବାଇକରେ ୪ଜଣ ମୁଖା ପିନ୍ଧା ଦୁର୍ବୃତ୍ତ ଘରେ ପହଁଞ୍ଚିବା ପରେ ସ୍ତ୍ରୀ ପୁଷ୍ପାବତୀ ନାଥଙ୍କୁ ବନ୍ଧୁକ ଦେଖାଇ ଆଲମିରା ଚାବି ମାଗିଥିଲେ । ଭୟଭିତ ହୋଇ ପୁଷ୍ପାବତୀ ଚାବି ଦେବା ପରେ ଆଲମିରାରେ ଥିବା ଏକ ସୁନା ଚେନ୍, ମଙ୍ଗଳସୂତ୍ର, ଦୁଇଟି ମୁଦୀ ଓ ଦୁଇଟି କାନଫୁଲ ନେଇ ପଳାଇଥିଲ । ସନ୍ଧ୍ୟାରେ ସ୍ୱାମୀ ଫେରିବାପରେ ପୁଷ୍ପାବତୀଙ୍କ ଠାରୁ ସମସ୍ତ ବିଷୟ ଜାଣିବା ପରେ ଆନନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୋଲିସ୍ ଏହି ଘଟଣାରେ ତଦନ୍ତ ଆରମ୍ଭ କରିଛି ।

## ଡା. ଦେବେନ୍ଦ୍ର ପ୍ରଧାନଙ୍କୁ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀଙ୍କ ଶ୍ରଦ୍ଧାଞ୍ଜଳି



- ଧର୍ମେନ୍ଦ୍ରଙ୍କୁ ଭେଟିବା ସହ ପରିବାର ଲୋକଙ୍କୁ ସମବେଦନା ଜ୍ଞାପନ

ଭୁବନେଶ୍ୱର,୨୫।୩ (ସଂଚାର ବ୍ୟୁରୋ): ଗତ ୧୭ ତାରିଖରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପିତା ତଥା ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କର ପରଲୋକ ହୋଇଛି। ଏନେଇ ଆଜି ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ତାଳଚେରସ୍ଥିତ ହାଣ୍ଡିଧୂଆଁ ବାସଭବନରେ ପହଞ୍ଚିଥିଲେ। ତାଙ୍କ ସହ ସାଂସଦ ନବିନ ଜିନ୍ଦଲ, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସାଂସଦ ତ୍ରିପୁରା ବିପ୍ଳବ ଦେବ, ସାଂସଦ କିରନ ଚୌଧୁରୀ, ସାଂସଦ କାର୍ତ୍ତିକ ଶର୍ମା, ସାଂସଦ ଧର୍ମବୀର ସିଂହ ଚୌଧୁରୀ, ସାଂସଦ ଡଃ ଅନିଲ ଗୁପ୍ତା, ବିଧାୟକ ଅଶୋକ କଟାରିଆ, ବିଧାୟକ ସି. ଶରତ ଗର, ବିଧାୟକ ଯୋଗେନ୍ଦ୍ର ରାଣା, ବରିଷ୍ଠ ବିଜେପି ନେତା ସୁଦର୍ଶନ ସୋଲାଙ୍କି, ଅଶୋକ ଗୁଜ୍ଜର ମଧ୍ୟ ପହଞ୍ଚିଥିଲେ। ସେମାନେ ସ୍ୱର୍ଗତ ଡା. ଦେବେନ୍ଦ୍ର ପ୍ରଧାନଙ୍କ ଫଟୋରେ ପୁଷ୍ପ ମାଲ୍ୟାର୍ପଣ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏଥିସହ ସେମାନେ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ମଧ୍ୟ ସମବେଦନା ଜଣାଇଛନ୍ତି। କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କ ବାପା ଙ୍କ ଦେହାନ୍ତରେ ତାଙ୍କ ଗାଁ ହରିୟାଣାର ଜମାଲପୁର୍‌ଠାର ତାଙ୍କୁ ସାକ୍ଷାତ କରି ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ଶ୍ରୀ ଧାମି ଓ ଜେଏସପିଏଲ ଗ୍ରୁପର ଅଧ୍ୟକ୍ଷ ତଥା ସାଂସଦ ଶ୍ରୀ ଜିନ୍ଦଲଙ୍କ ସହ ଅନୁଗୋଳ ଜିଲ୍ଲା ଜିନ୍ଦଲ ନଗରସ୍ଥିତ ଜଗନ୍ନାଥ ମନ୍ଦିରରେ ଦର୍ଶନ କରି ବେଶ୍ ଆନନ୍ଦ ପାଇଛନ୍ତି।



## ବିଧାନସଭା ଖବର

### ୫ ବର୍ଷରେ ଜବତ ହୋଇଛି ୪୦୩ କରତକଳ

ଭୁବନେଶ୍ୱର,୨୫।୩(ସଂଚାର ବ୍ୟୁରୋ): ଗତ ୫ ବର୍ଷ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ବେଆଇନ୍ ଭାବେ ଚାଲୁଥିବା ୪୦୩ଟି କରତକଳକୁ ବିଭାଗୀୟ କର୍ମଚାରୀମାନେ ଜବତ କରିଛନ୍ତି। ଏଥିସହ ସେଠାରେ ମହଜୁଦ ଥିବା କାଠ ଓ କରତକଳର ଯନ୍ତ୍ରାଂଶକୁ ବି ଜବତ କରାଯାଇଛି। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ। ମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି ଯେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ୧୭୫ଟି ଲାଇସେନ୍ସପ୍ରାପ୍ତ କରତକଳ ଚାଲୁଛି। ଏହି କରତକଳଗୁଡିକୁ ସାଧାରଣତଃ ବିଭିନ୍ନ କିସମର କାଠ କାଟିବା ପାଇଁ ଅନୁମତି ପ୍ରଦାନ କରାଯାଇଛି। ତେବେ ଗତ ପାଞ୍ଚ ବର୍ଷ ମଧ୍ୟରେ ବେଆଇନ୍ ଭାବେ ଚାଲୁଥିବା ୪୦୩ କରତକଳକୁ ଜବତ କରାଯିବା ସହିତ ଏହାକୁ ସ୍ଥାପନ କରିଥିବା ଲୋକଙ୍କ ବିରୋଧରେ ଓଡିଶା କରତକଳ ନିୟନ୍ତ୍ରଣ ଆଇନ ୧୯୯୧ ଅନୁଯାୟୀ ବିଭାଗ ତରଫରୁ ଆଇନଗତ ମାମଲା ରୁଜୁ କରାଯାଇଛି।

### ରାଜ୍ୟରେ ୯ ଲକ୍ଷରୁ ଉର୍ଦ୍ଧ୍ୱ ଇଏସ୍‌ଆଇ ହିତାଧିକାରୀ

ରାଜ୍ୟରେ ଗତବର୍ଷ ମାର୍ଚ୍ଚ ସୁଦ୍ଧା ଇଏସଆଇ ଯୋଜନାରେ ଥିବା ବୀମାଭୁକ୍ତ ବ୍ୟକ୍ତିଙ୍କ ସଂଖ୍ୟା ୯ ଲକ୍ଷରୁ ଅଧିକ ଥିବା ବେଳେ ସେମାନଙ୍କ ନିଯୁକ୍ତିଦାତାଙ୍କ ସଂଖ୍ୟା ୫୨ ହଜାରରୁ ଅଧିକ ରହିଛି। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ରାଜ୍ୟ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ।ମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି ଯେ ୨୦୨୪ ମାର୍ଚ୍ଚ ଶେଷ ସୁଦ୍ଧା ରାଜ୍ୟରେ ଇଏସଆଇ ଯୋଜାନାରେ ବୀମାଭୁକ୍ତ ବ୍ୟକ୍ତିଙ୍କ ସଂଖ୍ୟା ୯ ଲକ୍ଷ ୮୨ ହଜାର ୩୯୦ ଥିବା ବେଳେ ସେମାନଙ୍କ ନିଯୁକ୍ତିଦାତାଙ୍କ ସଂଖ୍ୟା ୫୨ ହଜାର ୫୪୧ ଥିଲା। ଭବିଷ୍ୟନିଧି ସଂଗଠନଠାରୁ ପ୍ରାପ୍ତ ତଥ୍ୟ ଅନୁଯାୟୀ, କୌଣସି ଶିଳ୍ପାନୁଷ୍ଠାନ/ବ୍ୟବସାୟ ଅନୁଷ୍ଠାନରେ ୨୦ ବର୍ଷ ବା ତଦୁର୍ଦ୍ଧ୍ୱ ସମୟ କାର୍ଯ୍ୟ କରିଥିବା ଶ୍ରମିକ ଓ ସେମାନଙ୍କ ମାସିକ ଦରମା ୧୫ ହଜାର କିମ୍ବା ତା'ଠାରୁ କମ୍ ଥାଏ, ସେମାନଙ୍କୁ ଇପିଏଫ୍ ଆଇନ୍ ୧୯୫୨ ଅନୁଯାୟୀ ପଞ୍ଜିକୃତ କରାଯାଇଥାଏ। ତେବେ ଇଏସ୍‌ଆଇ ଆଇନ୍ ୧୯୪୮ ଅନୁସାରେ ୧୦ କିମ୍ବା ତା'ଠାରୁ ଅଧିକ ବ୍ୟକ୍ତିଙ୍କୁ ନିୟୋଜିତ କରୁଥିବା କାରଖାନା/ପ୍ରତିଷ୍ଠାନରେ କାର୍ଯ୍ୟରତ ଶ୍ରମିକ ଯେଉଁମାନଙ୍କ ମାସିକ ଦରମା ୨୧ ହଜାର ଟଙ୍କା (ଦିବ୍ୟାଙ୍ଗଙ୍କ କ୍ଷେତ୍ରରେ ୨୫ ହଜାର)ରୁ କମ୍ ହୋଇଥାଏ, ସେହି କର୍ମଚାରୀମାନଙ୍କୁ କର୍ମଚାରୀ ରାଜ୍ୟ ବୀମା ନିଗମ, ଭୁବନେଶ୍ୱର ଦ୍ୱାରା ବୀମାଭୁକ୍ତ କରାଯାଇଥାଏ।

### କୌଣସି କମ୍ପାନୀ ଧାର୍ଯ୍ୟ ସମୟରେ ସାରିନାହାନ୍ତି ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ

ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟରେ ରାଜ୍ୟରେ ୨୩ଟି କମ୍ପାନୀ ନିୟୋଜିତ ହୋଇଥିବା ବେଳେ ଗୋଟିଏ ହେଲେ ବି କମ୍ପାନୀ ଧାର୍ଯ୍ୟ ସମୟ ମଧ୍ୟରେ କାର୍ଯ୍ୟ ସାରିନାହାନ୍ତି। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ ନାଏକ। ମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି ଯେ ରାଜ୍ୟରେ ମେଗା ପାଇପ୍ ଜଳଯୋଗାଣ ପ୍ରକଳ୍ପ ନିର୍ମାଣ କାର୍ଯ୍ୟରେ ବର୍ତ୍ତମାନ ୨୩ଟି କମ୍ପାନୀ ନିୟୋଜିତ ଅଛନ୍ତି। କିନ୍ତୁ ଏମାନଙ୍କ ମଧ୍ୟରୁ ଗୋଟିଏ ବି କମ୍ପାନୀ ଚୁକ୍ତିନାମା ଅନୁସାରେ ଧାର୍ଯ୍ୟ ହୋଇଥିବା ସମୟ ସୀମା ମଧ୍ୟରେ କାର୍ଯ୍ୟ ଶେଷ କରିନାହାନ୍ତି। ଧାର୍ଯ୍ୟ ସମୟ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ସାରିନଥିବାରୁ ଅଥବା ଅନ୍ୟାନ୍ୟ କାରଣ ଯୋଗୁଁ କୌଣସି କମ୍ପାନୀକୁ ନିକଟ ଅତୀତରେ କଳା ତାଲିକାଭୁକ୍ତ କରାଯାଇନାହିଁ କିମ୍ବା ସେଭଳି କୌଣସି ସୁପାରିସ୍ ବି ହୋଇନାହିଁ।

### ରାଜ୍ୟରେ ୨୫୯ ବର୍ଗକିମି ହେନ୍ତାଳ ବନ

ରାଜ୍ୟରେ ବର୍ଷକୁ ବର୍ଷ ହେନ୍ତାଳ ବନ ପରିମାଣ ବୃଦ୍ଧି ପାଉଥିବା ବେଳେ ଶେଷ ଥର ପାଇଁ ଗତ ୨୦୨୩ରେ ଆକଳନ କରାଯାଇଥିଲା। ଏହି ଆକଳନ ଅନୁଯାୟୀ ରାଜ୍ୟରେ ଏବେ ମୋଟ ୨୫୯ ବର୍ଗ କିମି ହେନ୍ତାଳ ବନ ରହିଛି। ଗତ ୨୦୧୩ରେ ଏହା ୨୧୩ ବର୍ଗ କିମି ଥିଲା। ହେନ୍ତାଳ ବନ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ। ମନ୍ତ୍ରୀ କହିଛନ୍ତି ଯେ ଭାରତ ସରକାରଙ୍କ ଜାତୀୟ ବନ ସର୍ବେକ୍ଷଣ ସଂସ୍ଥା ଦ୍ୱାରା ପ୍ରତି ଦୁଇ ବର୍ଷରେ ଥରେ ଇଣ୍ଡିଆନ ଷ୍ଟେଟ୍ ଅଫ୍ ଫରେଷ୍ଟ ରିପୋର୍ଟ ପ୍ରକାଶ ପାଇଥାଏ। ୨୦୨୩ରେ ଶେଷ ଥର ପାଇଁ ପ୍ରକାଶିତ ରିପୋର୍ଟରେ ରାଜ୍ୟରେ ହେନ୍ତାଳ ବନର ପରିମାଣ ୨୫୯ ବର୍ଗ କିମି ରହିଛି। ସେହିଭଳି ମନ୍ତ୍ରୀ ଦର୍ଶାଇଛନ୍ତି ଯେ ୨୦୧୪-୧୫ ଆର୍ଥିକ ବର୍ଷଠାରୁ ଅଦ୍ୟାବଧି ରାଜ୍ୟରେ ୨୮୪୯ ହେକ୍ଟର ଜମିରେ ହେନ୍ତାଳ ବନ ସୃଷ୍ଟି କରାଯାଇଛି। ଏଥିପାଇଁ ୧୫୦୦.୨୯୧୭୬ ଲକ୍ଷ ଟଙ୍କା ବ୍ୟୟ ହୋଇଛି। ବାଲେଶ୍ୱର, ଭଦ୍ରକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ପୁରୀ ଜିଲ୍ଲାରେ ଏହି ହେନ୍ତାଳ ବନ ସୃଷ୍ଟି ହୋଇଥିବା ମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି।

## ମଧ୍ୟାହ୍ନ ଭୋଜନ ଖାଇ ଛାତ୍ରୀ ଅସୁସ୍ଥ: ହସ୍ପିଟାଲରେ ଭର୍ତ୍ତି

**ଟିଟିଲାଗଡ଼,୨୫।୩ (ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲା ଟିଟିଲାଗଡ଼ ପଞ୍ଚାୟତ ଅଧୀନରେ ଥିବା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେମଙ୍ଗଳବାର ଏକ ଅଘଟଣ ଘଟିଛି। ମଧ୍ୟାହ୍ନ ଭୋଜନ ଖାଇ ବିଦ୍ୟାଳୟର କିଛିଜଣ ଛାତ୍ରୀ ଅସୁସ୍ଥ ହୋଇପଡିଛନ୍ତି। ସେମାନଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନା ମୁତାବକ, ମଧ୍ୟାହ୍ନ ଭୋଜନ ଖାଇବା ପରେ କେତେଜଣ ଛାତ୍ରୀଙ୍କ ମୁଣ୍ଡ ବୁଲାଇବା ସହ ବାନ୍ତି ଅନୁଭବ କରିଥିଲେ। ପରେ ଅସୁସ୍ଥ ଛାତ୍ରୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଥିଲା। ତୁରନ୍ତ ବିଦ୍ୟାଳୟ ପକ୍ଷରୁ ସେମାନଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

## ୧୦୫ଗ୍ରାମ ଧଳାଜହର ଜବତ: ଜଣେ ଗିରଫ

**ଖୋର୍ଦ୍ଧା,୨୫।୩ (ସଂଚାର ବ୍ୟୁରୋ):** ଖୋର୍ଦ୍ଧା ଅବକାରୀ ବିଭାଗ ଆଦର୍ଶ ଥାନା ଅନ୍ତର୍ଗତ ଗୁରୁଜଙ୍ଗ ଟାଙ୍ଗିରେ ଚଢାଉ କରି ୧୦୫ଗ୍ରାମ ବ୍ରାଉନସୁଗାର ଜବତ ସହ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ରାଜକିଶୋର ସୁନ୍ଦରାୟ। ଜବତ ଧଳାଜହର ପରିମାଣ ୧୦ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କା ହେବ। ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଉପଭୋକ୍ତାଙ୍କ ସ୍ୱାର୍ଥରକ୍ଷା ଦିଗରେ ଠୋସ୍ ପଦକ୍ଷେପ



- ବିଦ୍ୟୁତ୍ ଦର ଅପରିବର୍ତ୍ତିତ ନେଇ ସମୀରଙ୍କ ମନ୍ତବ୍ୟ
- ମୁଖ୍ୟମନ୍ତ୍ରୀ ଓ ଶକ୍ତିମନ୍ତ୍ରୀଙ୍କୁ ଦେଲେ ଧନ୍ୟବାଦ

ଭୁବନେଶ୍ୱର,୨୫।୩ (ସଂଚାର ବ୍ୟୁରୋ): ରାଜ୍ୟରେ ବିଜେପି ଏକାକୀ ସରକାର ଗଠନ କରିବା ପରେ ନିୟମିତ ଭାବେ ଜନସାଧାରଣଙ୍କ ଆସ୍ଥାଭାଜନ ହେଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କୃଷିଠାରୁ ଆରମ୍ଭ କରି ଶିକ୍ଷା, ସ୍ୱାସ୍ଥ୍ୟ ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ନୂତନ ଯୋଜନା ପ୍ରଣୟନ କରିବା ସହ ନାନାଦି ସଂସ୍କାରମୂଳକ ପଦକ୍ଷେପ ନେଉଛନ୍ତି। ଏବେ ସରକାର ବିଦ୍ୟୁତ୍ ଦରକୁ ଅପରିବର୍ତ୍ତିତ ରଖିବା ସହ ୨ କିଲୋୱାଟ୍ ପର୍ଯ୍ୟନ୍ତ ସ୍ମାର୍ଟ ମିଟରର ମାସିକ ଭଡ଼ା ମଧ୍ୟ ଛାଡ଼କରି ଉପଭୋକ୍ତାଙ୍କୁ ଆଶ୍ୱସ୍ତି ଦେଇଛନ୍ତି। ଏପରି ପଦକ୍ଷେପ ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଓ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କୁ ବିଜେପିର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ଧନ୍ୟବାଦ ଜଣାଇବା ସହ ବିଦ୍ୟୁତ୍ ଉପଭୋକ୍ତାଙ୍କ ସ୍ୱାର୍ଥରକ୍ଷା ପାଇଁ ନିଆଯାଇଥିବା ପଦକ୍ଷେପ ସ୍ୱାଗତଯୋଗ୍ୟ ବୋଲି କହିଛନ୍ତି । ଶ୍ରୀ ମହାନ୍ତି କହିଛନ୍ତି ଯେ ପୂର୍ବରୁ ସ୍ମାର୍ଟମିଟର ଲାଗି ମାସିକ ୬୦ ଟଙ୍କା ଭଡ଼ା ହିସାବରେ ନିଆଯାଉଥିଲା। କିନ୍ତୁ ଏବେ ବିଜେପି ସରକାର ନେଇଥିବା ନିଷ୍ପତ୍ତି ସେମାନଙ୍କୁ ଆଶ୍ୱସ୍ତି ଦେଇଛି। ଫଳରେ ଉପଭୋକ୍ତାଙ୍କ ମାସିକ ବିଦ୍ୟୁତ୍ ଦେୟ ମଧ୍ୟ ହ୍ରାସ ପାଇବ। ଏପରି ନିଷ୍ପତ୍ତି ରାଜ୍ୟର ଲକ୍ଷ ଲକ୍ଷ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଫାଇଦା ଦେବ। ନୂଆ ସ୍ମାର୍ଟ ମିଟର ଲଗାଇଲେ ବି ଏବେ ଏହି ବର୍ଗର ଉପଭୋକ୍ତାଙ୍କୁ ଭଡ଼ା ଦେବାକୁ ପଡ଼ିବନାହିଁ। ଏହି ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ। ସେହିପରି ମେସେଜ ଓ ଇମେଲ୍‌ରେ ଇ-ବିଲ୍ ନେଲେ ବିଲ୍ ପିଛା ୧୦ ଟଙ୍କା ଛାଡ଼ ମିଳିବ। ତା'ଛଡ଼ା ପ୍ରିପେଡ୍ ମିଟରରେ ୪ ପ୍ରତିଶତ ରିହାତି ମିଳିବ। ଆହୁରି ଡିଜିଟାଲ୍ ପେମେଣ୍ଟରେ ପୂର୍ବ ଭଳି ୪ ପ୍ରତିଶତ ରିହାତି ଜାରି ରହିବ। ୧୦ କିଲୋୱାଟରୁ ଅଧିକ ଲୋଡ୍ ବ୍ୟବହାରକାରୀଙ୍କୁ ଦିନ ୮ଟାରୁ ଅପରାହ୍ନ ୪ଟା ଯାଏ ବିଜୁଳି ବିଲ୍‌ରେ ୨୦ ପ୍ରତିଶତ ରିହାତି ମିଳିବ। ଏଭଳି ସଂସ୍କାର ଆଗାମୀ ଦିନରେ ବି ଜାରି ରହିବ ବୋଲି ଶ୍ରୀ ମହାନ୍ତି କହିଛନ୍ତି।

## ଗାଁ ନିକଟରେ ବୁଲୁଛନ୍ତି ଗୋଠଛଡ଼ା ମା'-ଛୁଆ ହାତୀ, ଲୋକେ ଭୟଭୀତ



**ଆଠଗଡ଼,୨୫।୩ (ସଂଚାର ବ୍ୟୁରୋ):** ଆଠଗଡ଼ ବନଖଣ୍ଡ ନରସିଂହପୁର ଉଭୟ ପୂର୍ବ ଓ ପଶ୍ଚିମ ବନ ବିଭାଗ ଅଞ୍ଚଳର ଗ୍ରାମ ନିକଟରେ ବୁଲୁଛନ୍ତି ବଣୁଆ ମା', ଛୁଆ ହାତୀ। ଭୟଭୀତ ଅବସ୍ଥାରେ ରହୁଛନ୍ତି ସ୍ଥାନୀୟ ଅଞ୍ଚଳବାସୀ। ହାତୀକୁ ଘଉଡ଼େଇବା ପାଇଁ ନାକେଦମ ବନ ବିଭାଗ କର୍ମଚାରୀ । ସୂଚନା ଅନୁଯାୟୀ, ନରସିଂହପୁର ପୂର୍ବ ବନ ବିଭାଗ ଅଧୀନରେ ଥିବା ପାଞ୍ଚଗୋଛିଆ ରଙ୍ଗଡ଼ାବ ଜଙ୍ଗଲ ନିକଟବର୍ତ୍ତୀ ଅଞ୍ଚଳରେ ନବଜାତ ହାତୀ ଛୁଆ ସହିତ ଦନ୍ତା ଓ ମାଈ ହାତୀ ଚଳପ୍ରଚଳ କରୁଥିଲେ। ଗତ ଜାନୁୟାରୀ ୨୫ ତାରିଖରେ ଦନ୍ତା ହାତୀଟି ରଙ୍ଗଡ଼ାବ ନିକଟରେ ବିଦ୍ୟୁତ ଆଘାତରେ ମୃତ୍ୟୁ ବରଣ କରିବା ପରେ ଗୋଠ ଛଡା ହୋଇ ଯାଇଥିଲା ମାଈ ହାତୀ । ଏହି ମାଈ ହାତୀଟି ତାର ଦୁଇ ମାସର ଛୁଆକୁ ଧରି ପାଞ୍ଚଗୋଛିଆ ପାତ୍ର ଭାଗ ଗ୍ରାମ ନିକଟରେ ଚଳ ପ୍ରଚଳ କରୁଥିଲା। କିନ୍ତୁ ଖାଦ୍ୟ ନଖାଇ ଦିନକୁ ଦିନ ମା' ଓ ଛୁଆ ହାତୀ ଅସୁସ୍ଥ ହୋଇ ପଡିଥିଲେ। ଏନେଇ ଖବର ପ୍ରସାରଣ ପରେ ବନ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। କପିଳାସରୁ ୪ ଜଣିଆ ବିଶେଷଜ୍ଞ ଦଳ ଆସି ଔଷଧ ଇଞ୍ଜେକ୍ସନ ଦେଇ ଚିକିତ୍ସା କରିବା ପରେ ଉଭୟ ମା', ଛୁଆ ଧୀରେ ଧୀରେ ସୁସ୍ଥ ହୋଇଥିଲେ। ଉଭୟ ମା', ଛୁଆ ହାତୀ ପାଞ୍ଚଗୋଛିଆ, ପାତ୍ରଭାଗ, ରଙ୍ଗଡ଼ାବ, ସାଗର ଆଦି ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମ ନିକଟରେ ଆମ୍ବ ବଗିଚା, ଚାଷ ଜମି ନିକଟରେ ବୁଲୁଥିବା ଦେଖିବାକୁ ମିଳୁଛି। ଫଳରେ ଗାଁ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ସେପଟେ ହାତୀର ଗତିବିଧି ଉପରେ ନଜର ରଖିଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ବିଜେପି କୃଷକ ମୋର୍ଚ୍ଚାର ଡା. ଦେବେନ୍ଦ୍ର ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି

## ଓଡ଼ିଶାରେ କୃଷି ଭିତ୍ତିଭୂମି ବିକାଶର ବିନ୍ଧାଣୀ ସାଜିଥିଲେ




**ଭୁବନେଶ୍ୱର,୨୫।୩ (ସଂଚାର ବ୍ୟୁରୋ):** ଓଡ଼ିଶା ବିଜେପିର ବରିଷ୍ଠ ନେତା, ପୂର୍ବତନ ରାଜ୍ୟ ସଭାପତି, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡକ୍ଟର ଦେବେନ୍ଦ୍ର ପ୍ରଧାନଙ୍କ ବିୟୋଗରେ ଆଜି ସ୍ଥାନୀୟ ବୁଲନ୍ ନନା ସେବା ଭବନରେ ରାଜ୍ୟ ବିଜେପି କୃଷକ ମୋର୍ଚ୍ଚା ପକ୍ଷରୁ ଏକ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ଏହି ଅବସରରେ ରାଜ୍ୟ ସଭାପତି ମହେଶ୍ୱର ସାହୁ କହିଛନ୍ତି ଯେ କୃଷି ମନ୍ତ୍ରୀ ରୂପେ ଓଡ଼ିଶାରେ କୃଷି ଭିତ୍ତିଭୂମିର ବ୍ୟାପକ ବିକାଶ କରିଥିଲେ ଡା. ଦେବେନ୍ଦ୍ର ପ୍ରଧାନ। ସେ ଓଡ଼ିଶାରେ କୃଷି ବିଜ୍ଞାନ କେନ୍ଦ୍ରର ପ୍ରତିଷ୍ଠାର ମୁଖ୍ୟ ପୁରୋଧା ଥିଲେ। କେନ୍ଦ୍ରରେ ଅଟଳ ବିହାରୀ ବାଜପେୟୀଙ୍କ ସରକାର ଆସିବା ପରେ ଭୂପୃଷ୍ଠ ପରିବହନ ମନ୍ତ୍ରୀ ଭାବେ ଡାକ୍ତର ପ୍ରଧାନ ଓଡ଼ିଶାର ସମସ୍ତ ଜିଲ୍ଲାରେ ଜାତୀୟ ରାଜପଥର ବିସ୍ତାର କରିଥିଲେ। ଏହା ପୂର୍ବରୁ ଓଡ଼ିଶାରେ କେବଳ ୨ଟି ଜାତୀୟ ରାଜପଥ କାର୍ଯ୍ୟକ୍ଷମ ଥିଲା। ତାଙ୍କ ପ୍ରଚେଷ୍ଟାରେ ଓଡ଼ିଶାରେ ବିଜେପି ସଂଗଠନ ମଧ୍ୟ ମଜବୁତ ହେବା ସହ ତୃଣମୂଳ ସ୍ତର ପର୍ଯ୍ୟନ୍ତ ଶକ୍ତିଶାଳୀ ହୋଇପାରିଥିଲା ବୋଲି ଶ୍ରୀ ସାହୁ କହିଛନ୍ତି। ରାଜ୍ୟ ସମ୍ପାଦକ ପ୍ରଶାନ୍ତ କୁମାର ସ୍ୱାଇଁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଜେପିର ବରିଷ୍ଠ ନେତା ସଜ୍ଜନ ଶର୍ମା, ଶୁଭ୍ରାଂଶୁ ଶେଖର ପାଢ଼ୀ, କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ହୃଷୀକେଶ ଜେନା ଓ ପୁଲିନ୍ ପ୍ରକାଶ ପୁହାଣ, କୃଷକ ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ଉପେନ୍ଦ୍ର ଭଞ୍ଜ, ରାଜ୍ୟ ସମ୍ପାଦକ ବିକ୍ରମ କେଶରୀ ରାଉତରାୟ, ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ଡ. ଜଗନ୍ନାଥ ମହାପାତ୍ର, କୌଶିକ ଚାନ୍ଦ, କୈଳାସ ବାରିକ, ଅଶୋକ କୁମାର ପୃଷ୍ଟି, ଲକ୍ଷ୍ମୀ ନାରାୟଣ ତ୍ରିପାଠୀ, ଚନ୍ଦ୍ରଶେଖର ରଥ, ସୁମନ୍ତ ମହାରଣା, କୃଷ୍ଣଚନ୍ଦ୍ର ପଣ୍ଡା, ସୁବୋଧ ପଣ୍ଡା, ଶଙ୍କର୍ଷଣ ଜେନା, ଶ୍ରୀଧର ସାହୁ, ଭାଗିରଥୀ ସିଂହ, ଗଜେନ୍ଦ୍ର ଚୌଧୁରୀ, ସୁନୀଲ ମହାନ୍ତି, ସନ୍ତୋଷ କୁମାର ବିଶ୍ୱାଳ, ସୁରଥ ସେଠୀ, ଶ୍ରୀଧର ପ୍ରଧାନ, ଶିବରାଜ ବେହେରା, ତପନ କୁମାର ବେହେରା, ସଞ୍ଜୀବ ରଣା, ଉତ୍କଳ ମନ୍ତ୍ରୀ, ଅଜୟ କୁମାର ସ୍ୱାଇଁ, ଅଜୟ କୁମାର ସାମନ୍ତରାୟ, ଅଜୟ କୁମାର ପ୍ରଧାନ, ପାଣ୍ଡବ ଧଳ, ବିମଳ କୁମାର ସେନାପତି, ରଞ୍ଜନ ମହନ୍ତ, ଜିତେନ୍ଦ୍ର ବିଶ୍ୱାଳ, ବସନ୍ତ କୁମାର ନାୟକ, ସନ୍ତୋଷ କୁମାର ମିଶ୍ର, ସନ୍ତୋଷ କୁମାର ପ୍ରଧାନ, ରେଙ୍ଗୁଟୁ ପ୍ରଧାନ, ଜୟଲକ୍ଷ୍ମୀ ମହାନ୍ତି, ମାନିନୀ ଷଡ଼ଙ୍ଗୀ ଓ ସୁଦର୍ଶନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ଡା ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଟ୍ରେନି ଓଏଏସ୍ ଅଫିସରଙ୍କୁ ରାଜ୍ୟପାଳଙ୍କ ପରାମର୍ଶ

## ସରକାରୀ ଯୋଜନା ବିଷୟରେ ସମ୍ପୂର୍ଣ୍ଣ ଜ୍ଞାନ ନିଅନ୍ତୁ

**ଭୁବନେଶ୍ୱର,୨୫।୩(ସଂଚାର ବ୍ୟୁରୋ):** ଜନସାଧାରଙ୍କ ଆବଶ୍ୟକତାକୁ ଲକ୍ଷ୍ୟ ରଖି ତଥା ସେମାନଙ୍କର ହିତ ଉଦ୍ଦେଶ୍ୟରେ ସରକାର ବିଭିନ୍ନ ସମୟରେ ବିଭିନ୍ନ ଯୋଜନା ପ୍ରଣୟନ ସହିତ କାର୍ଯ୍ୟକ୍ରମମାନ ଆରମ୍ଭ କରିଥାନ୍ତି। ଏହାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ କିପରି ସାଧିତ ହୋଇପାରିବ ତାହା ସୁନିଶ୍ଚିତ କରିବାର ଦାୟିତ୍ୱ ତୃଣମୂଳସ୍ତରରେ କାର୍ଯ୍ୟ କରୁଥିବା ପ୍ରଶାସନିକ ଅଧିକାରୀମାନଙ୍କର। କିନ୍ତୁ ପ୍ରଶାସନିକ ଅଧିକାରୀ ଭାବେ ପ୍ରଥମେ ସେହି ଯୋଜନା ଯାହା ସାମାଜିକ ସୁରକ୍ଷା, ଜନକଲ୍ୟାଣ କିମ୍ବା ବିକାଶମୂଳକ ତାହା ସମ୍ପର୍କରେ ଅଧିକ ଜାଣିବା, ବୁଝିବା ଦ୍ୱାରା ତାହାର ସୁଫଳ ସମ୍ପର୍କରେ ସେମାନେ ସଠିକ୍ ଭାବେ ଜନସାଧାରଣଙ୍କୁ ବୁଝାଇବାରେ ସକ୍ଷମ ହୋଇପାରିବେ ବୋଲି ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମ୍‌ପାଟି ଓଡ଼ିଶା ପ୍ରଶାସନିକ ସେବାର ପ୍ରଶିକ୍ଷଣ ଗ୍ରହଣ କରୁଥିବା ଅଫିସର ଟ୍ରେନିମାନଙ୍କୁ ପରାମର୍ଶ ଦେଇଛନ୍ତି। ଆଜି ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ଓଡ଼ିଶା ରାଜସ୍ୱ ସେବାରୁ ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍)କୁ ପଦୋନ୍ନତି ପ୍ରାପ୍ତ ୭୧ ଅଫିସର ଟ୍ରେନି ଓ ପ୍ରତ୍ୟକ୍ଷ ଭାବେ ନିଯୁକ୍ତ ଓଡ଼ିଶା ପ୍ରଶାସନିକ ସେବା - ୨୦୨୨ ବ୍ୟାଚ୍‌ର ୭୮ ଅଫିସର ଟ୍ରେନି ରାଜ୍ୟପାଳଙ୍କୁ ସାକ୍ଷାତ କରିଥିଲେ। ରାଜ୍ୟପାଳ ପ୍ରଶିକ୍ଷଣ ଗ୍ରହଣ କରୁଥିବା ଅଧିକାରୀମାନଙ୍କୁ ଉଦ୍‌ବୋଧନ ଦେବା ଅବସରରେ ସେମାନଙ୍କୁ ନିଜ ମଧ୍ୟରେ ଶିଖିବାର ପ୍ରବୃତ୍ତିକୁ ଜାରି ରଖି ଜ୍ଞାନର ପରିଧିକୁ ବ୍ୟାପକ କରି ଦୃଢ଼ ଆତ୍ମ ବିଶ୍ୱାସର ସହ ଜନସାଧାରଣଙ୍କୁ ସେବା ଯୋଗାଇବାକୁ କହିଥିଲେ। କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଜୀବନ ସୁରକ୍ଷା ବୀମା ଯୋଜନା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା ପରି ସାମାଜିକ ସୁରକ୍ଷା ଯୋଜନାର ଉପକାରିତା ଓ ଉପଯୋଗିତା, ସୌର ଶକ୍ତିର ବ୍ୟାପକ ବ୍ୟବହାର ନିମନ୍ତେ କାର୍ଯ୍ୟକାରୀ କରାଯାଉଥିବା ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା ଦ୍ୱାରା ଶକ୍ତି ସଂରକ୍ଷଣ, ଇଲେକ୍ଟ୍ରିକ୍ ଯାନର ବ୍ୟବହାର ନିମନ୍ତେ ସରକାରୀ ପ୍ରୋତ୍ସାହନ ଯାହା ଦ୍ୱାରା ପେଟ୍ରୋଲ ଆଦି ଇନ୍ଧନର ଆମଦାନୀ ରାଶି ହ୍ରାସ କରାଯାଇପାରିବ ଓଏଲ୍ ପାମ୍ ମିଶନ ଦ୍ୱାରା ଖାଇବା ତେଲ ଉତ୍ପାଦନ ବୃଦ୍ଧି ସହିତ ଆତ୍ମ ନିର୍ଭର ହେବା ଉପରେ ଜୋର୍ ଦିଆଯାଇଛି ଓ ଏ ଦିଗରେ ପ୍ରଶାସନିକ ଅଧିକାରୀଭାବେ ନିଜେ ବିଶଦ ଭାବେ ଜାଣିବା ସହିତ ଜନସାଧାରଣ ଯେପରି ଏହାର ସୁଫଳ ପାଇପାରିବେ ସେଥିପାଇଁ ଯତ୍ନଶୀଳ ହେବା ଉଚିତ୍ ବୋଲି ରାଜ୍ୟପାଳ କହିଥିଲେ। ସେହିପରି ରାଜ୍ୟ ସରକାରଙ୍କ ଯୋଜନା ସମ୍ପର୍କରେ ଜାଣିବା ପାଇଁ ବିଭିନ୍ନ ବିଭାଗର କାର୍ଯ୍ୟଧାରା ସମ୍ପର୍କରେ ଅବଗତ ହେବାକୁ ସେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ଅତିରିକ୍ତ ନିର୍ଦ୍ଦେଶକ ଡକ୍ଟର ମୋନାଲିସା ଲେଙ୍କା ଏକାଡେମୀ ଦ୍ୱାରା ପ୍ରଦାନ କରାଯାଉଥିବା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଓ ଅଫିସର୍ସ ଟ୍ରେନିଙ୍କ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନବିଏସ ରାଜପୁତ ଉପସ୍ଥିତ ଥିଲେ। ଅଫିସସର୍ସ ଟ୍ରେନିଙ୍କ ପକ୍ଷରୁ ଆକାଂକ୍ଷା ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

## ଜମିବାଡ଼ି ବିବାଦକୁ ନେଇ ଯୁବକଙ୍କୁ ବିଭତ୍ସ ହତ୍ୟା: କିଛି ସନ୍ଦିଗ୍ଧ ଅଟକ



ବଲାଙ୍ଗୀର,୨୫।୩ (ସଂଚାର ବ୍ୟୁରୋ): ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ଡୁମେରଝରନ ଗାଁର ଜଣେ ଯୁବକଙ୍କ ମୃତଦେହ ନିକଟସ୍ଥ ଏକ ଜଙ୍ଗଲ ଭିତରୁ ଉଦ୍ଧାର କରାଯାଇଛି। ମୃତ ଯୁବକ ଜଣକ ହେଲେ ଡୁମ୍ବେର ଝରନ ଗାଁର ଶତ୍ରୁଘ୍ନ ପଟେଲ (୩୬)। ଶତ୍ରୁଘ୍ନଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ସଂଘବଦ୍ଧ ଭାବେ ତାଙ୍କୁ ଆକ୍ରମଣ କରି ହତ୍ୟା କରି ଜଙ୍ଗଲରେ ଫିଙ୍ଗିଦେଇ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିବା ତାଙ୍କ ବାପା ଅଭିଯୋଗ କରିଛନ୍ତି । ମୃତଦେହକୁ ପୋଲିସ ଉଦ୍ଧାର କରି ବଲାଙ୍ଗୀର ଭୀମଭୋଇ ମେଡ଼ିକାଲ କଲେଜ ଓ ହସପିଟାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଜମିବାଡ଼ି ବିବାଦକୁ କେନ୍ଦ୍ରକରି ହତ୍ୟାକାଣ୍ଡ ହୋଇଥିବା ମୃତକଙ୍କ ପରିବାର ଲୋକେ ସନ୍ଦେହ କରୁଛନ୍ତି। ଏହି ଘଟଣାକୁ ବଲାଙ୍ଗୀର ସଦର ଥାନା ପୋଲିସ ତଦନ୍ତ ଆରମ୍ଭ କରିଛି । କିଛି ସନ୍ଦିଗ୍ଧଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି।

# ସଂରକ୍ଷଣକୁ ନେଇ ନୂଆ ବିବାଦ

କର୍ଣ୍ଣାଟକର କଂଗ୍ରେସ ସରକାର ରାଜ୍ୟରେ ସରକାରୀ ଠିକା କାମରେ ସଂଖ୍ୟାଲଘୁ ମୁସଲମାନଙ୍କ ପାଇଁ ୪% ସ୍ଥାନ ସଂରକ୍ଷଣ ବ୍ୟବସ୍ଥା କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହାକୁ ନେଇ ଆରମ୍ଭ ହୋଇଛି ତୁମ୍ବିତୁଫାନ। ସଂସଦରେ ଏଥିନେଇ ପ୍ରଅବଳ ହଟ୍ଟଗୋଳ ସୃଷ୍ଟି ହୋଇଛି। କର୍ଣ୍ଣାଟକର ଉପ-ମୁଖ୍ୟମନ୍ତ୍ରୀ ଡି କେ ଶିବକୁମାର ଏହି ପ୍ରସଙ୍ଗରେ ସମ୍ବିଧାନ ପରିବର୍ତ୍ତନ କରିବାକୁ କହିଛନ୍ତି। ଏହା ହିଁ ବିବାଦର ମୁଖ୍ୟ କାରଣ। କାରଣ ସମ୍ବିଧାନରେ ଧର୍ମ ଭିତ୍ତିରେ କୋଃଣସି ପ୍ରକାର ସଂରକ୍ଷଣ ବ୍ୟବସ୍ଥା ନାହିଁ। କର୍ଣ୍ଣାଟକ ସରକାର ଯାହା ନିଷ୍ପତ୍ତି ନେଇଛନ୍ତି ତାହା କାର୍ଯ୍ୟକାରୀ ହେବା ସହଜ ନୁହେଁ। କୋର୍ଟରେ ଏହାକୁ ଚାଲେଞ୍ଜ କରାଗଲେ ସହଜରେ ଖାରଜ ହୋଇଯିବ। କଂଗ୍ରେସ ଏହା ଜାଣିଛି। କିନ୍ତୁ କେବଳ ସଂଖ୍ୟାଲଘୁ ତୁଷ୍ଟିକରଣ ନିମନ୍ତେ କଂଗ୍ରେସ ଏପରି କରୁଛି। ଦୀର୍ଘ ବର୍ଷ ହେବ କଂଗ୍ରେସ ସଂଖ୍ୟାଲଘୁ ଭୋଟ ବ୍ୟାଙ୍କ ଉପରେ ନିର୍ଭର କରିଆସୁଛି। ଏବେ ଏଥିରେ ଭାଗ ବସାଇବକୁ ଅନେକ ଦଳ ବାହାରିଲେଣି। ତେଣୁ କଂଗ୍ରେସ ନିଜ ଭୋଟ ବ୍ୟାଙ୍କକୁ ଅଧିକ ସୁଦୃଢ଼ କରିବା ନିମନ୍ତେ ଏବେ କିଛି ନୂଆ ପଦକ୍ଷେପ ନେବାକୁ ଚାହୁଁଛି। କିନ୍ତୁ ଏହା ଦଳ ପାଇଁ ବୁମେରାଂ ହୋଇପାରେ। ସଂରକ୍ଷଣ ପ୍ରସଙ୍ଗରେ କଂଗ୍ରେସର ମତ ସବୁ ବେଳେ ବିବାଦ ସୃଷ୍ଟି କରିଛି ଏବଂ ଏଭଳି ଚିନ୍ତାଧାରା ସମ୍ବିଧାନ ବିରୋଧୀ। କଂଗ୍ରେସ ନେତା ରାହୁଲ ଗାନ୍ଧି ଗତ ନିର୍ବାଚନ ବେଳେ କହିଥିଲେ ଯେ, ତାଙ୍କ ଦଳ କ୍ଷମତାକୁ ଆସିଲେ ସଂରକ୍ଷଣ ସୀମାକୁ ୫୦% କଟକଣାକୁ ହଟାଇଦେବ। ଜନସଂଖ୍ୟାରେ ଯେଉଁ ଜାତିର ଅନୁପାତ ଯାହା ସେହି ଜାତିକୁ ସେତିକି ପ୍ରତିଶତ ସଂରକ୍ଷଣ ପ୍ରଦାନ କରାଯିବ। ଏହା ସମ୍ପୂର୍ଣ୍ଣ ଅସାମ୍ବିଧାନିକ ଏବଂ ଅତି ଇତର ଲୋକର ଚିନ୍ତାଧାରା। ଏହା ଭାରତୀୟ ସମାଜକୁ ନଷ୍ଟ କରିଦେବ। ଭାରତୀୟ ସମ୍ବିଧାନରେ ଜାତି ଭିତ୍ତିକ ସଂରକ୍ଷଣ ବ୍ୟବସ୍ଥା ରହିଛି। ଶିକ୍ଷା ଏବଂ ସରକାରୀ ଚାକିରୀ କ୍ଷେତ୍ରରେ ଅନୁସୂଚିତ ଜାତି, ଜନଜାତି ଏବଂ ଅନ୍ୟ ପଛୁଆ ବର୍ଗଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ରହିଛି। ଏହା ସହିତ ସବୁ ସ୍ତରରେ କିଛି ନିର୍ଦ୍ଦିଷ୍ଟ ନିର୍ବାଚନ ମଣ୍ଡଳୀ ମଧ ନିର୍ଦ୍ଦିଷ୍ଟ ଜାତିର ଲୋକଙ୍କ ପାଇଁ ସଂରକ୍ଷିତ ରହିଛି। ଏକ ନିର୍ଦ୍ଦିଷ୍ଟ ଲୋକସଭା ବା ବିଧାନସଭା ଆସନରେ କେବଳ ଅନୁସୂଚିତ ଜାତି ବା ଜନଜାତିର ବର୍ଗର ବ୍ୟକ୍ତି ପ୍ରାର୍ଥୀ ହୋଇପାରିବେ। ଏବେ ସଂସଦରେ ମହିଳା



ସଂରକ୍ଷଣ ବିଲ୍ ଗୃହୀତ ହୋଇଛି। ଏହା ଦ୍ୱାରା ଲୋକସଭା ଏବଂ ବିଧାନସଭାର ଏକ ତୃତୀୟାଂଶ ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ରହିବ। ଏହା କାର୍ଯ୍ୟକାରୀ ହେବାକୁ ଅତି କମରେ ୩ ବର୍ଷ ଲାଗିବ। ସେହିପରି ସମ୍ବିଧାନରେ ଜାତି ଭିତ୍ତିରେ କିଛି ନିର୍ଦ୍ଦିଷ୍ଟ ବର୍ଗ ପାଇଁ ସ୍ୱତନ୍ତ୍ର ଆଇନ ବା ନିୟମ ରହିଛି। ଜାତି ଆଧାରରେ ଜଣେ ବ୍ୟକ୍ତି ଅନ୍ୟ ଜଣକୁ ଅପମାନଜନକ କଥା କହିଲେ ବା ଗାଳି ଦେଲେ ତାଙ୍କ ବିରୋଧରେ ଏସଟି/ଏସସି ଅତ୍ୟାଚାର ନିରୋଧ ଆଇନ ଲାଗୁ ହେବ। ଏଥିପାଇଁ ଜେଲ ଓ ଜୋରିମାନା ବ୍ୟବସ୍ଥା ରହିଛି। ଅନେକ ସମୟରେ ଏହାର ଦୁରୂପଯୋଗ ମଧ ହେଉଛି। ଅନେକ ସମୟରେ ନିରପରାଧ ବ୍ୟକ୍ତି ଏହା ଦ୍ୱାରା ଦଣ୍ଡିତ ହେଉଛନ୍ତି। ସେହିପରି ଅନୁସୂଚିତ ଜାତି ଏବଂ ଜନଜାତିଙ୍କ ଜମି ଅନ୍ୟ ଜାତିର ବ୍ୟକ୍ତି କିଣିବା ଉପରେ ମଧ ଅଙ୍କୁଶ ରହିଛି। ନିକଟରେ ରାଜ୍ୟ କ୍ୟାବିନେଟ ଏହି ନିୟମକୁ କୋହଳ କରିବା ଲାଗି ଏକ ପ୍ରସ୍ତାବକୁ ଅନୁମୋଦନ କରିଥିଲା। ଜଣେ ଜନଜାତି ସମ୍ପ୍ରଦାୟର ବ୍ୟକ୍ତି ନିଜ ଜମି ଅନ୍ୟ ଜାତିର ବ୍ୟକ୍ତିଙ୍କୁ କିଛି ନିର୍ଦ୍ଦିଷ୍ଟ ସର୍ତ୍ତରେ ବିକ୍ରୀ କରିପାରିବ ବୋଲି କ୍ୟାବିନେଟ ବୈଠକରେ ନିଷ୍ପତ୍ତି ହୋଇଥିଲା। କିନ୍ତୁ ଏହାକୁ ପ୍ରବଳ ବିରୋଧ କରାଯିବାରୁ ସରକାର ଏହାକୁ ସ୍ଥଗିତ ରଖିଛନ୍ତି ଏବଂ ଏହାର ପୁନର୍ବିଚାର ଲାଗି ନିଷ୍ପତ୍ତିକୁ ଆଦିବାସୀ ପରାମର୍ଶଦାତା କମିଟିକୁ ପଠାଇଛନ୍ତି। ବିଧାନସଭାର ଶୀତକାଳିନ ଅଧିବେଶନରେ ଏହାକୁ କେନ୍ଦ୍ର କରି ଝଡ଼ ସୃଷ୍ଟି ହୋଇଥିଲା। ସରକାର ଚାପର ସମ୍ମୁଖୀନ ହୋଇ ଏହାକୁ ଏକରକମ ପ୍ରତ୍ୟାହାର କରିଛନ୍ତି କହିଲେ ଭୁଲ ହେବ ନାହିଁ। ଏହି ଆଇନର ଉଦ୍ଦେଶ୍ୟ ହେଲା ଆଦିବାସୀଙ୍କ ଜମିକୁ କେହି ଯେପରି ଶାଗ ମାଛ ଦରରେ କିଣିନପାରନ୍ତି ବା ଏହା ଦ୍ୱାରା ଜଣେ ଆଦିବାସୀ ସମ୍ପ୍ରଦାୟର ବ୍ୟକ୍ତି ଶୋଷଣ ଅଥବା ଅନ୍ୟାୟର ଶୀକାର ନହୁଅନ୍ତି। କିନ୍ତୁ ଏହା ଦ୍ୱାରା ଅନେକ ସମୟରେ ଆଦିବାସୀ ବର୍ଗର ବ୍ୟକ୍ତି ହଇରାଣ ମଧ ହେଉଛନ୍ତି। ସେମାନେ ନିଜ ଆବଶ୍ୟକତା ପୂରଣ ନିମନ୍ତେ ଜମି ବିକ୍ରି କରିବା ବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନିଜ ଜମିର ଉପଯୁକ୍ତ ମୂଲ୍ୟ ମଧ ସେମାନେ ପାଉନାହାଁନ୍ତି। ତେଣୁ ସରକାର ନିୟମକୁ ଆଂଶିକ କୋହଳ କରିବାକୁ ନିଷ୍ପତ୍ତି ନେଇଥିଲେ ଯାହା ଯଥାର୍ଥ ଏବଂ ସ୍ୱାଗତଯୋଗ୍ୟ। କିନ୍ତୁ ଏହାକୁ ନେଇ ସଂକୀର୍ଣ୍ଣ ରାଜନୀତି ହେବାରୁ ସରକାର ବାଧ ହୋଇଛନ୍ତି ଏହାର ପୁନର୍ବିଚାର କରିବାକୁ। ଏହି ନିୟମ କେତେଦୂର ଯଥାର୍ଥ ତାହା ଏବେ ବିଚାରଯୋଗ୍ୟ। ଜାତି ଭିତ୍ତିକ ସଂରକ୍ଷଣ ବ୍ୟବସ୍ଥା ଯେଭଳି ଏକ ବ୍ୟତିକ୍ରମ ସେହିପରି ଜାତି ଭିତ୍ତିରେ ରାଜସ୍ୱ ଆଇନ ମଧ ଏକ ବ୍ୟତିକ୍ରମ। ଜଣେ ସାଧାରଣ ବର୍ଗର ବ୍ୟକ୍ତି ନିଜ ଜମିକୁ ବା ଅନ୍ୟ ସ୍ଥାବର ସମ୍ପତ୍ତିକୁ ସହଜରେ ବିକ୍ରି କରିପାରୁଛି, ବିନା ବାଧାରେ। କିନ୍ତୁ ଜଣେ ଆଦିବାସୀ ଏହା କରିପାରୁନାହିଁ। ସେହିପରି ଜଣେ ଆଦିବାସୀ ସମ୍ପ୍ରଦାୟର ବ୍ୟକ୍ତିଙ୍କ ଜମି ଏକ ମହତ୍ୱପୂର୍ଣ୍ଣ କାର୍ଯ୍ୟରେ ମଧ ବିନିଯୋଗ ହୋଇପାରୁନି। ଏହାର ପୁନର୍ବିଚାର ଜରୁରୀ। ସ୍ୱାଧୀନତାର ୭୬ ବର୍ଷ ପରେ ଜାତି ଭିତ୍ତିକ ଆଇନ କେତେଦୂର ଗ୍ରହଣୀୟ ତାହା ବୁଦ୍ଧିଜୀବୀ ମାନେ ବିଚାର କରିବା ଉଚିତ। ଜଣେ ଆଦିବାସୀ ପାଠ ପଢ଼ି ଯଦି ନିଜ ଗାଁଠାରୁ ଦୂରରେ ଚାକିରୀ କରିଛି ବା ଅନ୍ୟ କାମରେ ନିୟୋଜିତ ଅଛି, ତେବେ ତାଙ୍କର ଚାଷ ଜମି ପଡ଼ିଆ ପଡୁଛି। ଯଦି ସେ ଚାହିଁବେ ତେବେ ଏହାକୁ ବିକ୍ରି କରିବା ସହଜ ହେଉନି। ଚାଷ ଜମି ପଡ଼ିଆ ପଡ଼ିବା ଦ୍ୱାରା ଦେଶର କ୍ଷତି ହେଉଛି। ନିଜ ସମ୍ପତ୍ତିକୁ ସେ ଚାହିଁଲେ କାହାକୁ ଦାନ ମଧ କରିପାରୁନି। ଏଭଳି ଆଇନ ଆଉ କେତେ ଦିନ ଚାଲିବ? ଯେଉଁଦିନ ଦେଶର ସବୁ ନାଗରିକଙ୍କ ପାଇଁ ସମାନ ଆଇନ ପ୍ରଣୀତ ହେବ ସେହିଦିନ ସାମାଜିକ ନ୍ୟାୟ ପ୍ରତିଷ୍ଠା ହେଲା ଏବଂ ଦେଶ ସ୍ୱାଧୀନତାର ସ୍ୱାଦ ସମସ୍ତଙ୍କୁ ମିଳିଲା ବୋଲି ବୁଝିବାକୁ ପଡ଼ିବ। ସବୁ ଆଇନ ବା ନିୟମ କାନୁନରେ କିଛି ଲାଭ, କିଛି କ୍ଷତି ରହିଛି। ସବୁ ଆଇନର ଦୁରୂପଯୋଗ ଆଶଙ୍କା ରହିଛି। କିନ୍ତୁ ସମାଜର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଯାହା ଉଚିତ ଏବଂ ଗ୍ରହଣୀୟ ତାହା କାର୍ଯ୍ୟକାରୀ ହେବା ଉଚିତ। ସ୍ୱାଧୀନତାର ୭୫ ବର୍ଷ ପରେ ଏବେ ସମୟ ଆସିଛି ଭବିଷ୍ୟତ ସମ୍ପର୍କରେ ଚିନ୍ତା କରିବା ଉଚିତ। ଭବିଷ୍ୟତରେ ସଂରକ୍ଷଣ ବ୍ୟବସ୍ଥାରେ ପରିବର୍ତ୍ତନ ନିହାତି ଜରୁରୀ। ଆମକୁ ଆଗକୁ ବଢ଼ିବାକୁ ପଡ଼ିବ। ସଂରକ୍ଷଣ ସିଢ଼ି ବିନା କିପରି ଆଗକୁ ଯିବାକୁ ପଡ଼ିବ ସେ ସମ୍ପର୍କରେ ଚିନ୍ତା କରିବାକୁ ପଡ଼ିବ। ଜାତି ଏବଂ ଧର୍ମ ଆଧାରରେ କାହାକୁ ରିହାତି ଏକ ଦୁର୍ନୀତି। ଏହାକୁ ବର୍ଜନ କରିବା ନିହାତି ଜରୁରୀ। ଏକ ସମୃଦ୍ଧ ରାଷ୍ଟ୍ର ଗଠନ ନିମନ୍ତେ ସୁସ୍ଥ ସମାଜ ଗଠନ ପ୍ରାଥମିକ ଆବଶ୍ୟକତା।

# ସୌଭାଗ୍ୟଶାଳୀ ରାତି-ସବେ କଦର

**ମୌଲାନା ଫଜଲ ହକ ଖାଁ**



ଇସଲାମ ଧର୍ମର ୫ଟି ମୌଳିକ ନୀତି ରହିଛି। କଲମା, ନମାଜ, ରୋଜା, ଜକାତ ଏବଂ ହଜ। କଲମା ଅର୍ଥାତ୍ ଏକେଶ୍ୱର ବିଶ୍ୱାସୀ ହେବା। ନମାଜ ଅର୍ଥାତ୍ ପ୍ରଭୁଙ୍କୁ ଭକ୍ତି କରିବା। ରୋଜା ଅର୍ଥାତ୍ ପବିତ୍ର ରମଜାନ ମାସରେ ଉପବାସ କରିବା। ଜକାତ୍ ଅର୍ଥାତ୍ ବର୍ଷକୁ ଥରେ ଗଚ୍ଛିତ ଧନର ଏକ ନିର୍ଦ୍ଦିଷ୍ଟ ଅଂଶ ପ୍ରଭୁଙ୍କ ପ୍ରସନ୍ନତା ପାଇଁ ଦାନ କରିବା। ହଜ୍ ଅର୍ଥାତ୍ ତୀର୍ଥ କରିବା। ଏହି ୫ଟି ମୌଳିକ ନୀତି ମଧ୍ୟରୁ ରୋଜା ଅନ୍ୟତମ। ପବିତ୍ର ରମଜାନ ମାସରେ ପ୍ରତ୍ୟେକ ମୁସଲିମମାନେ ଉପବାସ ପାଳନ କରନ୍ତି। ପବିତ୍ର ରମଜାନ ମାସର ଇସଲାମୀୟ ଶାସ୍ତ୍ରରେ ବଡ଼ ମହତ୍ୱ ରହିଛି। ଏହା ଏକ ତପସ୍ୟା ଓ ସାଧନାର ମାସ। କର୍ମ ଦ୍ୱାରା ଫଳ ପ୍ରାପ୍ତିର ମାସ। ଭକ୍ତ ଓ ଭଗବାନଙ୍କ ମିଳନର ମାସ। କିଛି ପାଇବାର ମାସ। ବଦାନ୍ୟତାର ମାସ। କିଛି ପାଳନ କରିବାର ମାସ। ପୁନ୍ୟ ଅର୍ଜନ କରିବାର ମାସ। ସେବା ଓ ସହାୟ୍ୟର ମାସ। ଧର୍ଯ୍ୟ ଓ ଆତ୍ମ ସଂଯମର ମାସ। ପ୍ରଭୁଙ୍କୁ ଆପଣା କରିନେବାର ମାସ। ସ୍ୱର୍ଗପ୍ରାପ୍ତିର ମାସ। କୁଭ୍ୟାସ ଦୂର କରିବାର ମାସ। ମାନବ କଲ୍ୟାଣ କରିବା ମାସ। କ୍ଷମାର୍ଚନାର ମାସ। ଆଧ୍ୟାତ୍ମିକ ଋତୁରାଜର ମାସ। ଏକ ସୌଭାଗ୍ୟଶାଳୀ ରାତି ପାଇବାର ମାସ।

ପବିତ୍ର ରମଜାନ ଏପରି ଅନେକ ଐଶରୀୟ ଅନୁଗ୍ରହର ମାସ ହୋଇଥାଏ। ତନ୍ମଧ୍ୟରୁ ଏହି ମାସରେ ଏପରି ଏକ ସୌଭାଗ୍ୟଶାଳୀ ରାତି ଆସିଥାଏ, ଯାହା ହଜାର ରାତି ଠାରୁ ଉତ୍କୃଷ୍ଟ। ଏହି ପରିପ୍ରେକ୍ଷୀରେ ପବିତ୍ର କୋରାନ କୁହେ; "ପ୍ରକୃତରେ ଆମେ ପବିତ୍ର କୋରାନକୁ ଏକ ମହତ୍ୱପୂର୍ଣ୍ଣ ସୌଭାଗ୍ୟଶାଳୀ ରାତିରେ ଅବତୀର୍ଣ୍ଣ କରିଅଛୁ ଏବଂ (ହେ ହଜରତ ମହମ୍ମଦ ସଲ୍ଲମ) ତୁମକୁ କ'ଣ ଜଣା ଯେ ଯେଉଁ ରାତିରେ ଭାଗ୍ୟ ଅବତରଣ କରିଥାଏ ତାହା କ'ଣ? ଏହି ମହତ୍ତ୍ୱପୂର୍ଣ୍ଣ ଭାଗ୍ୟଶାଳୀ ରାତି ତ ଏକ ହଜାର ମାସ ଅପେକ୍ଷା ଉତ୍କୃଷ୍ଟତର ଅଟେ। ପ୍ରତ୍ୟେକ ପ୍ରକାରର ଦେବଦୂତ ଓ (ପରିପୂର୍ଣ୍ଣ) ଆତ୍ମା ନିଜ ପାଳନ କର୍ତାଙ୍କ ଆଦେଶ ଅନୁଯାୟୀ ଏହି ରାତିରେ ସମସ୍ତ (ସାଂସାରିକ ଓ ଆଧାତ୍ମିକ )କାର୍ଯ୍ୟ ସହ ଅବତରଣ କରିଥାନ୍ତି। ଦେବଦୂତମାନେ (ଅବତରଣ କଲା ପରେ) ସକାଳର ଆଗମନ ପର୍ଯ୍ୟନ୍ତ ଶାନ୍ତି ହି ଶାନ୍ତି ବର୍ଷଣ ହୋଇଥାଏ।"

ରମଜାନର ଶେଷ ପର୍ଯ୍ୟାୟରେ ଅର୍ଥାତ୍ ଶେଷ ୧୦ ଦିନରେ ଏପରି ଏକ ରାତି ଆସିଥାଏ, ଯାହାକୁ ସୌଭାଗ୍ୟଶାଳୀ ରାତି - ଲଇଲତୁଲ୍ କଦର୍ କୁହାଯାଏ। ସୌଭାଗ୍ୟଶାଳୀ ରାତିର ଅର୍ଥ ହେଲା ଏପରି ଏକ ରାତି ଯେଉଁ ଥିରେ ସିମୀତ ବିଷୟର ନିଷ୍ପତି କରାଯାଏ। ଏହି ସୌଭାଗ୍ୟଶାଳୀ ରାତିରେ ହିଁ ମନୁଷ୍ୟର ଭାଗ୍ୟ ନିର୍ଦ୍ଧାରଣ ହୋଇଥାଏ ଏବଂ ଏହା ନିଷ୍ପତି କରା ଯାଇଥାଏ ଯେ ଆସନ୍ତା ବର୍ଷ ତା' ସହିତ କ'ଣ ହେବ। ସେ କିପରି ଏବଂ କେତେ ଲାଭବାନ ହେବ ଓ ଉନ୍ନତି କରିବ। ତାକୁ କ'ଣ କ'ଣ ଲାଭ ହାସଲ ହେବ ଏବଂ କି ପ୍ରକାରର କ୍ଷତି ସହିବାକୁ ହେବ। ମନୁଷ୍ୟ ଉନ୍ନତିର ସମସ୍ତ ନିଷ୍ପତି ଏହି ଅନ୍ଧାର ରାତିରେ ହିଁ ହୋଇଥାଏ। ଯେପରି ମନୁଷ୍ୟର ଉନ୍ନତି ମଧ ବାରମ୍ବାର ଅନ୍ଧାରରେ ହୋଇଥାଏ। ମାଆ ପେଟ ଭିତର ମଧ ଅନେକ ଅନ୍ଧାରର ସମଷ୍ଟି ଅଟେ। ତଥା ସେଠାରେ ହିଁ ମନୁଷ୍ୟର ସାଂସାରିକ ଉନ୍ନତିର ନିଷ୍ପତି ହୋଇଥାଏ। ଏହି ସୌଭାଗ୍ୟଶାଳୀ ରାତି ସେହି ଉପଯୁକ୍ତ ବଳିଦାନର ନାମ ଅଟେ, ଯାହା ପ୍ରଭୁଙ୍କ ନିକଟରେ ଗ୍ରହଣୀୟ ହୁଏ।

ଏହି ସୌଭାଗ୍ୟଶାଳୀ ରାତି ବିଷୟରେ ଯେତେବେଳେ ହଜରତ ମହମ୍ମଦ ସଲ୍ଲମଙ୍କୁ ଜ୍ଞାନ ଦିଆଗଲା। ତେବେ ଆପଣ ଆନନ୍ଦରେ ଘର ବାହାରକୁ ଆସିଲେ କି, ଏ ସମ୍ବନ୍ଧରେ ଲୋକମାନଙ୍କୁ ଅବଗତ କରାଇବେ ତଥା ସେମାନେ ମଧ ଏଥିରୁ ଉପକୃତ ହେବେ। କିନ୍ତୁ ଯେତେବେଳେ ବାହାରକୁ ଆସିଲେ, ଦେଖିଲେ ଦୁଇ ଜଣ ବ୍ୟକ୍ତି ଝଗଡା ଲାଗିଛନ୍ତି। ଆପଣ ସେମାନଙ୍କ ଝଗଡା ଏବଂ ସମସ୍ୟାର ସମାଧାନ କରିବାରେ ବ୍ୟସ୍ତ ହୋଇଗଲେ ଯଦ୍ଦ୍ୱାରା ସେହି ତାରିଖର ଜ୍ଞାନ ଆପଣଙ୍କ ଧାନରୁ ଦୂରେଇ ଗଲା। ଜଣାପଡୁଛି କି ହଜରତ ମହମ୍ମଦଙ୍କୁ ସେହି ଝଗଡା ସମାଧାନ କରିବାରେ ବହୁତ ସମୟ ଲାଗି ଗଲା। ଯେତେବେଳେ ଆପଣ ଏ ଆଡକୁ ପୁନର୍ବାର ଧାନ



ଦେଲେ କି ମୁଁ ସୌଭାଗ୍ୟଶାଳୀ ରାତିର ତାରିଖ ବିଷୟରେ ଅବଗତ କରାଇବାକୁ ଆସିଥିଲି। ସେତେବେଳକୁ ଆପଣ ସେ ନିର୍ଦ୍ଦିଷ୍ଟ ତାରିଖ ଭୁଲି ଯାଇଥିଲେ। ବରଂ ଇତିହାସରେ ଲେଖାଅଛି କି ଆପଣଙ୍କୁ ଏ ତାରିଖ ଭୁଲାଇ ଦିଆଯାଇଥିଲା। ତେଣୁ ହଜରତ ମହମ୍ମଦ କହିଲେ କି ସେହି ଝଗଡା ଯୋଗୁଁ ବା ବିଭ୍ରାଟ ଯୋଗୁଁ ସେହି ନିର୍ଦ୍ଦିଷ୍ଟ ସମୟର ଜ୍ଞାନ ଭୁଲାଇ ଦିଆଗଲା। ସେଥି ଯୋଗୁଁ ଏବେ ତ ନିର୍ଦ୍ଦିଷ୍ଟ ତାରିଖ ମନେ ନାହିଁ କିନ୍ତୁ ତାକୁ ରମଜାନ ମାସ ଶେଷ ୧୦ ଦିନର ଅଛିଣ୍ଡା ତାରିଖରେ ଅର୍ଥାତ୍ ରମଜାନର ୨୧,୨୩,୨୫,୨୭ ଏବଂ ୨୯ ତାରିଖରେ ଅନୁସନ୍ଧାନ କର। ସୌଭାଗ୍ୟଶାଳୀ ରାତିରେ ଭିନ୍ନ ପ୍ରକାରର ପରିସ୍ଥିତି ସୃଷ୍ଟି ହୋଇ ଥିବାର ପରିଲିଖିତ ହୋଇଥାଏ। ଅନେକ ସମୟରେ ଏହି ସୌଭାଗ୍ୟଶାଳୀ ରାତିରେ ଆକସ୍ମାତ ବଜ୍ର ଘାତ ହୋଇ ପାରିଥାଏ, ଝିପିରି ଝିପିରି ବର୍ଷା ହୋଇପାରି ଥାଏ। ହୃଦୟର ଭାବନା ଏକ ନିର୍ଦ୍ଦିଷ୍ଟ ସମୟ ପାଇଁ ବିଶେଷ ପ୍ରଫୁଲ୍ଲିତ ହୋଇଉଠି ଥାଏ। ଅଥବା ଅଲ୍ଲାଃଙ୍କ ବିଶେଷ ପ୍ରେମକୁ ହୃଦୟଙ୍ଗମ ହୋଇପାରିଥାଏ। ଏସବୁ ଲକ୍ଷଣ ବିଭିନ୍ନ ମଣିଷ ଠାରେ ଭିନ୍ନ ଭିନ୍ନ ଅବସ୍ଥାରେ ଦେଖା ଦେଇଥାଏ। ଏବଂ କିଛି ଅନୁଭୂତି ସହ ସେ ଅତିକ୍ରମ କରିଥାଏ। ତାହା ହିଁ ସେହି ମଣିଷ ପାଇଁ ସୌଭାଗ୍ୟଶାଳୀର ରାତି ହୋଇଥାଏ। ଯେଉଁ ବ୍ୟକ୍ତିକୁ ଏହି ସୌଭାଗ୍ୟଶାଳୀ ରାତି ପ୍ରାପ୍ତ ହେବ ସେ ପ୍ରଭୁଙ୍କ କରୁଣା ଏବଂ ସମୃଦ୍ଧି ପାଇବା ପାଇଁ ଏ ପ୍ରାର୍ଥନା କରିବା ଉଚିତ୍ ଯେ "ଅଲ୍ଲାହୁମ୍ମା ଇନ୍ନକା ଅଫୁଉନ୍ ତୁହିବ୍ ବୁଲ୍ ଅଫ୍ୱା ଫା'ଫୁଅନ୍ନି" ଅର୍ଥାତ୍ ହେ ଅଲ୍ଲାଃ ତୁମେ କ୍ଷତାଦାତା ଏବଂ କ୍ଷମାଦେବାକୁ ବହୁତ ଭଲ ପାଅ। ତେଣୁ ମୋତେ ବି କ୍ଷମା କରି ଦିଅ। ଏହି ରାତିରେ ପ୍ରଭୁ ତାର ଭକ୍ତ ନିକଟକୁ ଚାଲି ଆସିଥାଏ। ଭକ୍ତର ଭକ୍ତିକୁ ନିକଟରୁ ଦେଖି ପ୍ରସନ୍ନ ହୋଇଥାଏ। ଏବଂ କହିଥାଏ, କ'ଣ ମାଗୁଛୁ ମାଗ। ଆଜି ମୁଁ ସ୍ୱୟଂ ତୋର ପ୍ରତିଫଳ ସ୍ୱରୂପ। ପ୍ରକୃତରେ ଯାହାକୁ ପ୍ରଭୁ ମିଳିଯାଏ, ତାକୁ ଆଉ କ'ଣ ବା ଏ ସଂସାରରେ ଦରକାର।

ସୌଭାଗ୍ୟଶାଳୀ ରାତି ପ୍ରଭୁଙ୍କ ସାନିଧ ହାସଲ କରିବା ଫଳରେ ସାଧିତ ହୋଇଥାଏ। ଏହା ନିସ୍କଳଙ୍କ ହୋଇ ଅଲ୍ଲାଃଙ୍କ ସାନ୍ନିଧ ହାସଲ କରିବା ପାଇଁ ହୋଇଥାଏ। କେବଳ ସାଂସାରିକ ଉଦ୍ଦେଶ୍ୟ ଦ୍ୱାରା ସୌଭାଗ୍ୟଶାଳୀ ରାତି ମିଳି ପାରିନଥାଏ ବରଂ ନିଷ୍ପାପ ହୋଇ ପ୍ରାର୍ଥନା କରିବା ଉଚିତ୍। ଯଦ୍ଦ୍ୱାରା ସାଂସାରିକ ଉଦ୍ଦେଶ୍ୟ ବି ପୂରଣ ହୋଇଥାଏ। ଏହି ସୌଭାଗ୍ୟଶାଳୀ ରାତିକୁ ନିର୍ଦ୍ଦିଷ୍ଟ ତାରିଖ ଦ୍ୱାରା ଧାର୍ଯ୍ୟ କରା ନଯିବାରେ ଏହା ମଧ ରହସ୍ୟ ରହିଛି ଯେ କଳହ, ଅଶାନ୍ତି, ଅରାଜକତା, ଦ୍ୱେଷ ମନଭାବ ଦ୍ୱାରା ସେହି ସୌଭାଗ୍ୟାଶାଳୀ ରାତି ପ୍ରାପ୍ତ ହୋଇପାରିନ ଥାଏ, ବରଂ ଶାନ୍ତି, ସହିଷ୍ଣୁତା, ସାଧୁତା ତଥା ଏକତା ଓ ଅଖଣ୍ଡତା ଏବଂ ଭାଇଚାରା ସ୍ଥାପିତ ଦ୍ୱାରା ହିଁ ସେହି ସୌଭାଗ୍ୟଶାଳୀ ରାତି ମିଳିପାରିଥାଏ। ଯାହା ହଜାର ରାତି ଠାରୁ ଉତ୍କୃଷ୍ଟ। ରମଜାନ ଆମକୁ ଏହି ଶିକ୍ଷା ଦେବାକୁ ଆସିଥାଏ। ଯେଉଁ ବ୍ୟକ୍ତି ଏହି ସୌଭାଗ୍ୟଶାଳୀ ରାତିକୁ ପାଇ ପାରିଥାଏ, ନିଶ୍ଚିତରେ ତା'ର ସବୁ ପ୍ରାର୍ଥନ ଗ୍ରହଣୀୟ ହୋଇଥାଏ। ପ୍ରଭୁଙ୍କ ପ୍ରେମରେ ମଜ୍ଜି ଯାଇଥାଏ। କୁକର୍ମରୁ ଦୂରେଇ ଯାଇଥାଏ। ଭକ୍ତିରେ ବିଭୋଳିତ ହୋଇ ଉଠିଥାଏ। ଏହି ସବୁ ପୁନ୍ୟ କରିବାର ଅଭ୍ୟାସ ତାକୁ ପକାଇ ଦେଇଥାଏ। ଏହି ପରିବର୍ତନ ହିଁ ସେହି ସୌଭାଗ୍ୟଶାଳୀ ରାତିକୁ ପାଇବାର ସାର ହୋଇଥାଏ। ଇସଲାମର ପ୍ରବର୍ତକ ହଜରତ ମୁହମ୍ମଦ ସଲ୍ଲମ କହିଛନ୍ତି; ହତଭାଗା ସେହି ବ୍ୟକ୍ତି ଯାହାକୁ ଜୀବନରେ ବୃଦ୍ଧ ବାପ-ମାଆ ମିଳିଥାଏ, କିନ୍ତୁ ସେ ତାଙ୍କର ସେବା ଓ ସତ୍କାର କରି ମୋକ୍ଷ ପାପ୍ତି କରି ପାରି ନଥାଏ। ଏବଂ ହତଭାଗା ସେହି ବ୍ୟକ୍ତି ଯାହାର ଜୀବନରେ ପବିତ୍ର ରମଜାନ ଆସିଥାଏ ଅଥଚ ସେ ତା'ର ପ୍ରଭୁଙ୍କ ଠାରୁ ତା'ର ପାପ କ୍ଷମା କରାଇ ପାରି ନଥାଏ।

ପ୍ରଭୁ ଆମକୁ ପବିତ୍ର ରମଜାନର ପ୍ରକୃତ ଅର୍ଥକୁ ବୁଝି ତଦନୁଯାୟୀ ନିଜ ଜୀବନ ଅତିବାହିତ କରିବାକୁ ଶକ୍ତି ଓ ସାମର୍ଥ ପ୍ରଦାନ କରନ୍ତୁ। ଏହା ହିଁ ଆମର କାମନା।


ମଙ୍ଗଳାବାଗ-କଟକ
ମୋବାଇଲ୍:୯୬୯୨୨୨୫୦୫୭


# ଆଜିର ପ୍ରେମ କାଲିକୁ ଶୁଖୁଆ ହାଟ



**ଦୀପ୍ତିମୟୀ ନାୟକ**

ପ୍ରେମ ଏକ ଭାବନାକୁ ବୁଝାଏ। ସ୍ନେହ ସଂଯୋଗରୁ ପ୍ରେମ ସୃଷ୍ଟି ହୋଇଥାଏ। ଯେଉଁ ପ୍ରେମରେ ସ୍ନେହ ଶ୍ରଦ୍ଧା ନଥାଏ ସେ ପ୍ରେମ ହୁଏତ ପ୍ରକୃତ ପ୍ରେମ ହୋଇନଥାଏ। ତେବେ ପ୍ରେମକୁ ନେଇ ଏବେ ସୋସିଆଲ ମିଡିଆରେ ଅନେକ ଚର୍ଚ୍ଚା ହେଉଛି। ଯେଉଁ ଚର୍ଚ୍ଚା ଗୁଡିକ ମଧ୍ୟରେ ପ୍ରେମରେ ପ୍ରତାରଣା, ପରକୀୟାପ୍ରିତି, ହତ୍ୟା, ଆତ୍ମହତ୍ୟା, ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଭଳି ଅନେକ କିଛି ନିନ୍ଦନୀୟ କଥା ଚର୍ଚ୍ଚା ହେଉଛି। ଯାହା ପ୍ରେମରେ କଳଙ୍କ ଲଗାଉଛି। ବର୍ତ୍ତମାନର ମଣିଷ ବୁଝିବା ଦରକାର ପ୍ରେମରେ ପ୍ରତାରଣା ନଥାଏ ଆଉ ଯେଉଁ ପ୍ରେମରେ ପ୍ରତାରଣା ଥାଏ। ସେ ପ୍ରେମ କେବେ ପ୍ରକୃତ ପ୍ରେମ ହୋଇନଥାଏ।ସେହିଭଳି ପରକୀୟାପ୍ରିତିରେ ଥିବା ପୁରୁଷ ହୁଅନ୍ତୁ କିମ୍ବା ମହିଳା ଏମାନେ କେବେବି ନିଜ ଜୀବନସାଥୀଙ୍କ ସହ ଖୁସି ନଥାନ୍ତି କାରଣ ଏମାନେ ଅନ୍ୟ ପୁରୁଷ କିମ୍ବା ଅନ୍ୟ ମହିଳାଙ୍କ ପ୍ରତି ଆକୃଷ୍ଟ ହୋଇଥାଆନ୍ତି। ଯାହାଫଳରେ ସେମାନଙ୍କୁ ବିଶ୍ୱାସ କରି ଭଲପାଇବା ମଣିଷଟି ସମ୍ପୂର୍ଣ୍ଣ ଭାଙ୍ଗିପଡିଥାଏ। ଆଜିକାଲି ଏମିତି ଅନେକ ଲୋକ ଅଛନ୍ତି ଯେଉଁମାନେ ପରକୀୟାପ୍ରିତିରେ ଲିପ୍ତ ରହି ନିଜ ସୁନାର ସଂସାର ଚୁନା କରିଥାଆନ୍ତି। ଆଉ ବେଳେବେଳେ ନିଜ ପ୍ରେମକୁ ପାଇବାପାଇଁ ବ୍ୟାକୁଳ ଥିବା ଅନେକ ପ୍ରେମିଯୁଗଳ ପାଗଳଙ୍କ ପରି ହୋଇଥାଆନ୍ତି। ଯାହାଫଳରେ ସେମାନେ କେତେବେଳେ ଅନ୍ୟକୁ ହତ୍ୟା କରନ୍ତି ତ ଆଉ କେତେବେଳେ ନିଜେ ଆତ୍ମହତ୍ୟା କରିଦେଇଥାନ୍ତି। କିଏ ପ୍ରେମକୁ ପାଇବାପାଇଁ ନିଜର କଳ ବଳ କୌଶଳ ଲଗେଇ ଦିଏ ତ ପୁଣି କିଏ ଆତ୍ମହତ୍ୟାକୁ ସବୁ ସମସ୍ୟାର ଶେଷ ସମାଧାନ ଭାବିଦେଇଥାଏ। ଆଉ କିଛି ଲୋକ ଏମିତି ମଧ ଥାଆନ୍ତି ଯେଉଁମାନେ ନିଜ ପ୍ରେମକୁ ପାଇଲାପରେ ମଧ ସେମାନଙ୍କ ଜୀବନସାଥୀଙ୍କୁ ଶାରୀରିକ ଓ ମାନସିକ ଅଶାନ୍ତି ମଧକୁ ଠେଲି ଦେଇଥାଆନ୍ତି। ଯେମିତିକି ପ୍ରଥମେ ପ୍ରେମରେ ରିଲେସନ ରଖି ପରେ ଡିପ୍ରେସନକୁ ଛାଡି ଦେଇଥାଆନ୍ତି। ପ୍ରତ୍ୟେକ ମଣିଷ ବୁଝିବା ଦରକାର ହୃଦୟ ରୂପକ ଏକ ପବିତ୍ର ସ୍ଥାନରେ ଜଣକୁ ପ୍ରେମ କରି ହୁଏ କିନ୍ତୁ ତା ବୋଲି ନୁହେଁ ପ୍ରେମରେ କାହାକୁ ମିଛ ପ୍ରତିଶ୍ରୁତି ଦେଇହୁଏ।

ବେଳେବେଳେ ପ୍ରେମକୁ ନେଇ ଅନେକ ଭାବନା ମନକୁ ଆସେ। ରାତି ପାହିଲେ ଟିଭି, ଖବରକାଗଜ ଏବଂ ସୋସିଆଲ ମିଡିଆରେ ଯେତେବେଳେ ନଜର ପଡ଼ିଯାଏ ସେତେବେଳେ ଗୋଟିଏ କଥା କେବଳ ମନକୁ ଆସିଥାଏ ଆଜିର ପ୍ରେମ କାଲିକୁ ଶୁଖୁଆ ହାଟ ଭଳି କାହିଁକି। ପ୍ରେମରେ କେବଳ ପ୍ରେମ ଭରି ରହିଥାଏ। ପ୍ରେମର ଭାବନା ଏକ ପବିତ୍ର ଭାବନା ହୋଇଥାଏ। ସେହି ଭାବନାକୁ କାହିଁକି ଏତେ ଅପବିତ୍ର କରିଦିଆଯାଉଛି ବୋଲି ମନକୁ ଅନେକ ପ୍ରଶ୍ନ ଉଙ୍କି ମରିଥାଏ।

ଯଦିଓ ପ୍ରେମ କାହାପାଇଁ କେମିତି ହୋଇଥାଏ କିନ୍ତୁ କିଛି ପ୍ରେମ ଶୁଖୁଆ ହାଟ ଭଳି ହୋଇଥାଏ। ଶୁଖୁଆ ହାଟରେ ଗ୍ରାହକଙ୍କର ଯେମିତି ଭିଡ ଜମେ ଠିକ ସେମିତି ଏଠି ନିଜ ପ୍ରେମିକ ପ୍ରେମିକା ଥାଇ ଅସଂଖ୍ୟ ପ୍ରେମିକ ପ୍ରେମିକାଙ୍କର ଲମ୍ବା ଲାଇନ ଲାଗିଥାଏ। ଯାହାର ମନର



ମଣିଷ ଥାଏ ସେ ଆଉ କାହା ମନର ମଣିଷକୁ ନିଜର କରିବାପାଇଁ ଚାହିଁ ରହିଥାଏ। ଯେତେବେଳେ ସେମାନେ ସେମାନଙ୍କ ମନର ମଣିଷ ପାଖକୁ ଚାଲିଯିବେ ସେତେବେଳେ ଏମାନେ କହିବେ ପ୍ରେମରେ ଧୋକା ମିଳିଲା କିନ୍ତୁ ଯେଉଁ ପ୍ରେମକୁ ଏମାନେ ଧୋକା ଦେଇଥିଲେ ସେହି ପ୍ରେମ କଥା କେବେ ଆଲୋଚନା କରିବେନି। ଯାହାର ପ୍ରେମିକ କିମ୍ବା ପ୍ରେମିକା ଅଛି ତାକୁ ଭଲପାଇଲେ ଧୋକା ନିଶ୍ଚିନ୍ତ ମିଳିବ। ପ୍ରେମ ବଦଳରେ ଘୃଣା ହିଁ ମିଳିବ।ଆଜିକାଲି ଆପଣମାନେ ଦେଖୁଥିବେ ଆଜିକାଲି କିଛି ଯୁବପିଢ଼ି ମଣିଷକୁ ପ୍ରେମ କରୁନାହାନ୍ତି ଟଙ୍କାକୁ ପ୍ରେମ କରି ଶେଷରେ ବିବାହ ତ କରିଦେଉଛନ୍ତି ହେଲେ ଶାନ୍ତି ପାଉନାହାଁନ୍ତି।ଶାନ୍ତି ମିଳିବ ବା କେମିତି ମଣିଷକୁ ଭଲପାଇଲେ ସିନା ପ୍ରେମ ମିଳିବ ଟଙ୍କାକୁ ଭଲପାଇଲେ କଣ ପ୍ରେମ ମିଳିବ। ଅଧିକାଂଶ ଲୋକ ଟଙ୍କାକୁ ଭଲପାଇ ସମ୍ପର୍କ ସ୍ଥାପନ କରୁଛନ୍ତି ଯାହା ଲୋକେ ଦେଖୁ ଦେଖୁ କହିଦେଉଛନ୍ତି ମଣିଷକୁ ଭଲପାଇଲେ ଭଲପାଇବା ମିଳେ ଟଙ୍କାକୁ ଭଲପାଇଲେ ବେଳେବେଳେ ନିଜ ପ୍ରେମକୁ ପାଇବା ପାଇଁ କାନ୍ଦିବାକୁ ପଡେ। ତେଣୁ ପ୍ରେମ କରନ୍ତୁ ହେଲେ ପ୍ରମକୁ ଶୁଖୁଆ ହାଟ କରି ନଦିଅନ୍ତୁ। ପ୍ରେମରେ ଅଧିକାର ଥାଏ କିନ୍ତୁ ନିଜ ଅଧିକାର ପାଇଁ କେବେ ଲୋକହସା ହେବାକୁ ପଡ଼ିନଥାଏ। ଆଜିକାଲି ପ୍ରେମରେ ପ୍ରଥମେ ଟେଷ୍ଟ ତାପରେ ଆପଣ ବଷ୍ଟେ ଅର୍ଥାତ ଆଜିକାଲି କିଛି ଯୁବପିଢ଼ି ପ୍ରେମ କଲେ ଶାରୀରିକ ସମ୍ପର୍କ ରଖିଦେଉଛନ୍ତି ଆଉ ପରେ ସ୍ୱାମୀ ବାରଣ୍ଡା ଆଗରେ ନିଜ ଅଧିକାର ପାଇଁ ଲଢେଇ କରୁଛନ୍ତି। ଯିଏ ଯାହାକୁ ଭଲପାଏ ସେ କେବଳ ଭଲପାଇବା ଦେଇଚାଲେ କିନ୍ତୁ ବିବାହ ପୂର୍ବରୁ କୌଣସି ସମ୍ପର୍କ ରଖି ଏମିତି ପାଦରେ ଆଡେଇ ଦିଏନି। ହେଲେ ଏବେ ସୋସିଆଲ ମିଡିଆରେ ଦେଖିବାକୁ ମିଳୁଛି ପ୍ରେମକୁ ନେଇ ସିରିଏସ ଥିବା ଲୋକ ଲୋକ ଲଜ୍ୟାରେ ନିଜ ଜୀବନ ହାରୁଛି ତ ଆଉ କେବେ ଗୁମୁରି ଗୁମୁରି କାନ୍ଦୁଛି। ଶେଷରେ ଗୋଟେ କଥା କହିବି ପ୍ରତ୍ୟେକ ଲୋକ ଜାଣିବା ଉଚିତ ଯେ ମାଛ ହାଟ ଆଉ ଶୁଖୁଆ ହାଟ ଭିତରେ ପାର୍ଥକ୍ୟ କଣ। ଯଦି ମଣିଷ ନିଜ ରୁଚି ଅନୁଯାୟୀ ମାଛକୁ ଛାଡି ଶୁଖୁଆ ଖାଉଛି ତେବେ ସେ ଜିଅନ୍ତା ମାଛର ସ୍ୱାଦକୁ ଭୁଲିଯାଉଛି ଠିକ ସେମିତି ନିଜ ପ୍ରମକୁ ଛାଡି ଯିଏ ଆଉ କାହାର ହୋଇଯାଉଛି ବୁଝି ନିଅନ୍ତୁ ଶୁଖୁଆ ହାଟରେ ଲୋକଙ୍କ ଗହଳି ଜମିଛି। ସେଥିପାଇଁ ଭଲ ମଣିଷକୁ ପ୍ରେମ କରନ୍ତୁ ଖୁସିରେ ନିଜ ଜୀବନ ଅତିବାହିତ କରନ୍ତୁ।


ଅନ୍ଧାରୁଆ ଭୁବନେଶ୍ୱର
ମୋବାଇଲ୍: ୯୦୯୦୬୬୧୫୮୫


# ଜାତୀୟ ଶିକ୍ଷାନୀତି ୨୦୨୦: ଆଶା, ଆଶଙ୍କା ଓ ସମ୍ଭାବନା



**ଡ. ପ୍ରିୟନାଥ ପଞ୍ଚାୟତ**

୨୯ ଜୁଲାଇ ୨୦୨୦ ତତ୍‌କାଳୀନ କେନ୍ଦ୍ର କ୍ୟାବିନେଟ୍ ଦ୍ୱାରା ଜାତୀୟ ଶିକ୍ଷାନିତୀକୁ ଅନୁମୋଦନ କରିବାପରେ କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟ ଦ୍ୱାରା ଏହାକୁ କାର୍ଯ୍ୟକାରୀ କରିବାପାଇଁ ଉଲ୍ଲେଖନୀୟ ପଦକ୍ଷେପ ନିଆଯାଇଅଛି। ପ୍ରସ୍ତାବିତ ଶିକ୍ଷାନିତୀ ଅନୁସାରେ ସଂପ୍ରତି ପ୍ରଚଳିତ ଶିକ୍ଷାବ୍ୟବସ୍ଥାର ବ୍ୟାପକ ତଥା ସଂପୂର୍ଣ୍ଣ ପରିବର୍ତ୍ତନ କରାଯାଇଅଛି। ଅର୍ଥାତ୍ ପ୍ରଚଳିତ ଶିକ୍ଷାବ୍ୟବସ୍ଥାର ରୂପାନ୍ତର ଏବଂ ନବକଳେବର କରାଯାଇଅଛି ବୋଲି ସ୍ପଷ୍ଟ ଅନୁମେୟ ହେଉଅଛି। ପ୍ରସ୍ତାବିତ ଶିକ୍ଷାନିତୀ ଅନୁସାରେ ଆଦ୍ୟ ଶୈଶବ, ପ୍ରାକ୍ ବିଦ୍ୟାଳୟ, ପ୍ରାଥମିକ, ଉଚ୍ଚ ପ୍ରାଥମିକ, ଉଚ୍ଚ ମାଧମିକ, ସ୍ନାତକ ତଥା ସ୍ନାତକୋତ୍ତର ସ୍ତରରେ ବ୍ୟାପକ ଢାଞ୍ଚାଗତ ଏବଂ ଗୁଣାତ୍ମକ ଶିକ୍ଷା ସଂସ୍କାର କରାଯାଇଅଛି। ଏଭଳି ଏକ ବ୍ୟାପକ ଏବଂ ଅଭୂତପୂର୍ଣ୍ଣ ପରିବର୍ତ୍ତନ ବିଷୟରେ ସାଧାରଣରେ ପ୍ରଶ୍ନବାଚୀ ତଥା ଶଙ୍କା ଆଶଙ୍କା ସୃଷ୍ଟି ହେବା ଏକ ସ୍ୱଭାବିକ କଥା। ମାତ୍ର ବିଭିନ୍ନ ବୁଦ୍ଧିଜୀବୀ ତଥା ଶିକ୍ଷାବିତ୍‌ମାନେ ଏହାର ସଫଳ ରୂପାୟନ ତଥା କାର୍ଯ୍ୟକାରୀତା ପରିପ୍ରେକ୍ଷୀରେ ଆଶଙ୍କା କରିବା ବ୍ୟତୀତ କୌଣସି ଉଲ୍ଲେଖନୀୟ ଟିପ୍ପଣୀ କିମ୍ବା ପ୍ରତିକ୍ରିୟା ପ୍ରକାଶ କରିନାହାଁନ୍ତି। ଅତଏବ ଏଭଳି ଏକ ଶିକ୍ଷାନିତୀର ଆବଶ୍ୟକତା ଏବଂ ଉପଯୋଗିତା ସର୍ବୋପରି ଉଲ୍ଲେଖନୀୟ ପଦକ୍ଷେପ ବୋଲି ସ୍ପଷ୍ଟ ଅନୁମେୟ ହେଉଛି। ଦୀର୍ଘ ୨ ବର୍ଷର ଗବେଷଣା ଏବଂ ଅନୁଧ୍ୟାନ କରିବାପରେ ବ୍ୟକ୍ତିଗତ ଭାବେ ଏହାଏକ ଯୁଗ ଉପଯୋଗୀ ଦୂରଦୃଷ୍ଟି ସଂପର୍ଣ୍ଣ ସମୟ ଉପଯୋଗୀ ବୋଲି ମୋର ବ୍ୟକ୍ତିଗତ ଧାରଣା ଅଟେ। ପ୍ରସ୍ତାବିତ ଶିକ୍ଷାନିତୀ ଅନୁସାରେ ୩ ବର୍ଷରୁ ୧୮ ବର୍ଷ ପର୍ଯ୍ୟନ୍ତ ନିରନ୍ତର ତଥା ସମାବେଶୀ ଏବଂ ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥା ସୁନିଶ୍ଚିତ କରିବାପାଇଁ ବ୍ୟାପକ ସଂସ୍କାର ଏବଂ ପରିବର୍ତ୍ତନ ରାଜ୍ୟ ତଥା ଦେଶର ସାମାଜିକ ଏବଂ ଅର୍ଥନୈତିକ ବିକାଶପାଇଁ ସହାୟକ ହେବ। ଜାତୀୟ ଶିକ୍ଷାନିତୀ ୨୦୨୦କୁ କାର୍ଯ୍ୟକାରୀ କରିବାପାଇଁ କେନ୍ଦ୍ର ଓ ରାଜ୍ୟସରକାରଙ୍କର ଦାଇତ୍ୱ ଅଟେ। ବିଜେପି ଶାସିତ ରାଜ୍ୟରେ ଏଭଳି ଅନୁକୂଳ ପରିବେଶ ସୃଷ୍ଟିହେବା ଏକ ସ୍ୱାଭାବିକ ଅବସ୍ଥା ହୋଇଥିଲେବି ଅଣ ବିଜେପି ଶାସିତ ରାଜ୍ୟରେ ଜାତୀୟ ଶିକ୍ଷାନିତୀର ବିଭିନ୍ନ ସଂସ୍କାରଗୁଡିକୁ ଆଦୃତକରି ରାଜ୍ୟସ୍ତରରେ ଶିକ୍ଷାବ୍ୟବସ୍ଥାର ସଂସ୍କାର ଆଣିବାପାଇଁ ଦିଲ୍ଲୀ, ଓଡିଶା ଏବଂ କର୍ଣ୍ଣାଟକରେ ଉଲ୍ଲେଖନୀୟ ପଦକ୍ଷେପ ନିଆଯାଇଛି। ଦିଲ୍ଲୀରେ ସରକାରୀ ବିଦ୍ୟାଳୟଗୁଡିକୁ ଘରୋଇ ବିଦ୍ୟାଳୟ ଢାଞ୍ଚାରେ ଆବଶ୍ୟକୀୟ ପରିବର୍ତ୍ତନ ଆଣିବା ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ହୋଇଥିବା ବେଳେ ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ଦେବା ନିଷ୍ପତ୍ତି କର୍ଣ୍ଣାଟକରେ ଜାତୀୟ ଶିକ୍ଷାନିତୀ କାର୍ଯ୍ୟକାରିତା ସଂପର୍କରେ ଅନୁକୂଳ ପରିସ୍ଥିତି ବୋଲି ସ୍ପଷ୍ଟ କାରିହେଉଛି। ମାତ୍ର ମଧପ୍ରଦେଶ, ଉତ୍ତରପ୍ରଦେଶ ଏବଂ ଓଡିଶାରେ ଜାତୀୟ ଶିକ୍ଷାନିତୀ ସଂପର୍କରେ ପ୍ରଗତିଶୀଳ ପଦକ୍ଷେପ ନିଆଯାଇଥିବା ଜଣାପଡୁଛି। ଓଡିଶାର ତତ୍‌କାଳୀନ ବିଜେଡି ସରକାରଙ୍କର ମୋ ସ୍କୁଲ ଅଭିଯାନ ତଥା ବିଦ୍ୟାଳୟ ରୂପାନ୍ତର କାର୍ଯ୍ୟକ୍ରମ ପ୍ରତ୍ୟେକ୍ଷରେ ନହେଲେ ବି ପରୋକ୍ଷରେ ଜାତୀୟ ଶିକ୍ଷାନିତୀର ସଫଳ ରୂପାୟନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାର୍ଗଦର୍ଶନ କରି ଅଛି। ମାତ୍ର ଦୁର୍ଭାଗ୍ୟ ଏବଂ ପରିତାପର ବିଷୟ ଯେ ଦୀର୍ଘ ୫ ବର୍ଷପରେ ଚଳିତ ସଂସଦ ଅଧିବେଶନରେ ଜାତୀୟ ଶିକ୍ଷାନିତୀର କାର୍ଯ୍ୟକାରିତା ସଂପର୍କରେ ସଂସଦରେ ବିରୋଧାଭାଷ ଏବଂ ପ୍ରତିବାଦର ସ୍ୱର ଏକ ଅଭାବନୀୟ ପରିବେଶ ସୃଷ୍ଟି କରୁଛି। ଏଥିପାଇଁ ପ୍ରସ୍ତାବିତ ଜାତୀୟ ଶିକ୍ଷାନିତୀ ୨୦୨୦ର ସଂସ୍କାର ଏବଂ ଉପାଦେୟତା ତଥା ଉପଯୋଗିତା ବିଷୟରେ ଅବିଳମ୍ବେ ବ୍ୟାପକ ଜନସଚେତନତା ଏବଂ ସାମାଜିକ କ୍ରାନ୍ତିକୁ ପ୍ରୋତ୍ସାହନ ଦେବା ଏକାନ୍ତକାମ୍ୟ। ଏଥିପାଇଁ ବିଭିନ୍ନ ଶିକ୍ଷା ଅନୁଷ୍ଠାନ ତଥା ସ୍ୱେଚ୍ଛାସେବୀ ଏବଂ ସାମାଜିକ ସଂଗଠନ ସକ୍ରିୟ ଭାଗନେବା ପାଇଁ ସରକାର ଅନୁକୂଳ ନିତୀନିର୍ଦ୍ଧାରଣ କରିବା ସହିତ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ଉପଯୁକ୍ତ ସମନ୍ୱୟ ସୃଷ୍ଟି କରିବା ଅତ୍ୟାବଶ୍ୟକ ଅଟେ। ଅର୍ଥାତ୍ ଜାତୀୟ ଶିକ୍ଷାନିତୀର ଲକ୍ଷ୍ୟ, ଉଦ୍ଦେଶ୍ୟ, ଉପାୟଦେୟତା, ଉପଯୋଗିତା ଏବଂ ଏହାର କାର୍ଯ୍ୟକାରିତା ବିଷୟରେ ସଠିକ ଏବଂ ବ୍ୟାପକ ଜନସଚେତନତା ସୃଷ୍ଟି କରିବାପାଇଁ ସାମାଜିକ ଆନ୍ଦୋଳନକୁ ପ୍ରୋତ୍ସାହନ ଦେବା ପ୍ରତ୍ୟେକ ନାଗରିକଙ୍କର ଦାୟିତ୍ୱ ଏବଂ କର୍ତ୍ତବ୍ୟ ଅଟେ ବୋଲି ମୁଁ ହୃଦବୋଧ କରୁଛି। ଏଥିପାଇଁ ଉଭୟ ସରକାର ଆବଶ୍ୟକ ପଦକ୍ଷେପ ନେଇ ପର୍ଯ୍ୟାୟକ୍ରମେ ପ୍ରସ୍ତାବିତ ସଂସ୍କାରଗୁଡିକୁ କାର୍ଯ୍ୟକାରୀ କଲେ ରାଜ୍ୟ ତଥା ଦେଶ ପ୍ରଗତି ପଥରେ ଅଗ୍ରସର ହେବା ସହିତ ଉତ୍କର୍ଷ ଓଡିଶା ୨୦୩୬ ଏବଂ ବିକଶିତ ଭାରତ ୨୦୪୭ର ଲକ୍ଷ୍ୟ ସଫଳ ହେବ ବୋଲି ମୋର ବିଶ୍ୱାସ।


ଉଚ୍ଚତର ଶିକ୍ଷା ଗବେଷକ ଏବଂ ସମାଜସେବୀ
ମୋବାଇଲ୍: ୯୫୫୬୦୩୮୬୯୫

# ଶିବକୁମାରଙ୍କ ଟିପ୍ପଣୀକୁ ନେଇ ସଂସଦରେ ହୋହଲ୍ଲା

## ଦାବି ପ୍ରତ୍ୟାଖ୍ୟାନ କଲା କଂଗ୍ରେସ



**ନୂଆଦିଲ୍ଲୀ, ୨୫।୩:** କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଏବଂ କଂଗ୍ରେସ ନେତା ଡିକେ ଶିବକୁମାରଙ୍କ 'ସମ୍ବିଧାନ ପରିବର୍ତ୍ତନ' ଟିପ୍ପଣୀକୁ ନେଇ ଆଜି ବିରୋଧୀ ଏବଂ ବିଜେପି ସଦସ୍ୟମାନେ ରାଜ୍ୟସଭାରେ ମୁହାଁମୁହିଁ ହୋଇଛନ୍ତି। କର୍ଣ୍ଣାଟକରେ କଂଗ୍ରେସ ସରକାର ମୁସଲମାନଙ୍କୁ ସଂରକ୍ଷଣ ପ୍ରଦାନ କରୁଛି ଏବଂ କଂଗ୍ରେସ ନେତାମାନେ ମଧ୍ୟ ସମ୍ବିଧାନକୁ ସଂଶୋଧନ କରିବାପାଇଁ ଆଗ୍ରହୀ ବୋଲି ବିଜେପି ଅଭିଯୋଗ କରିଛି। ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ଏହି ଅଭିଯୋଗ କରିଥିବାବେଳେ କଂଗ୍ରେସ ସଭାପତି ଏବଂ ରାଜ୍ୟସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡ଼ଗେ ଏହାକୁ ଖଣ୍ଡନ କରିଛନ୍ତି।

ଆଜି ଗୃହ କାର୍ଯ୍ୟ ଆରମ୍ଭ ହେଉହେଉ ସଂସଦୀୟ ବ୍ୟାପାର ମନ୍ତ୍ରୀ ରିଜିଜୁ ନିକଟରେ କର୍ଣ୍ଣାଟକରେ ଜଣେ ବରିଷ୍ଠ କଂଗ୍ରେସ ନେତା ଦେଇଥିବା ଟିପ୍ପଣୀକୁ ନେଇ ଗଭୀର ଚିନ୍ତା ପ୍ରକଟ କରିଥିଲେ। ସେ କହିଥିଲେ ଅତି ସାଂଘାତିକ କଥା ଏବେ ଆମ ନଜରକୁ ଆସିଛି। ସାମ୍ବିଧାନିକ ପଦବିରେ ଥିବା ଜଣେ ବରିଷ୍ଠ କଂଗ୍ରେସ ନେତା ମୁସଲମାନ ସମ୍ପ୍ରଦାୟକୁ ସଂରକ୍ଷଣ ଦେବାପାଇଁ ସମ୍ବିଧାନ ପରିବର୍ତ୍ତନ କରିବାକୁ ଚାହାନ୍ତି ବୋଲି ରିଜିଜୁ ଅଭିଯୋଗ କରିଛନ୍ତି। ରିଜିଜୁ କହିଛନ୍ତି, ଯଦି ଜଣେ ସାଧାରଣ ଲୋକ ଏଭଳି ଟିପ୍ପଣୀ ଦେବେ ତେବେ ଆମେ ତାଙ୍କୁ ଅଣଦେଖା କରିଦେବା। କିନ୍ତୁ ଯଦି ସାମ୍ବିଧାନିକ ପଦବିରେ ଥିବା ଜଣେ ବ୍ୟକ୍ତି ଏଭଳି ଟିପ୍ପଣୀ ଦିଅନ୍ତି ତେବେ ଆମେ ତାହାକୁ ସହଜରେ ଗ୍ରହଣ କରିପାରିବାନି। ରିଜିଜୁ ସିଧାସଳଖ ଖଡ଼ଗେଙ୍କୁ ପ୍ରଶ୍ନ କରିଛନ୍ତି। ମୁସଲମାନ ସଂରକ୍ଷଣ ଲାଗି କଂଗ୍ରେସ ସମ୍ବିଧାନ ସଂଶୋଧନ ପାଇଁ କିଭଳି ଯୋଜନା କଲା ବୋଲି ସେ ପ୍ରଶ୍ନ କରିଛନ୍ତି। ଏହି ପ୍ରସଙ୍ଗରେ ବିରୋଧୀ ଦଳ ନେତା ସ୍ପଷ୍ଟୀକରଣ ଦିଅନ୍ତୁ ବୋଲି ସେ କହିଥିଲେ। ରାଜ୍ୟସଭାରେ ଗୃହର ନେତା ଜେପି ନଡ୍ଡା ମଧ୍ୟ ଅଭିଯୋଗ କରିଛନ୍ତି ଯେ କଂଗ୍ରେସ ସମ୍ବିଧାନର ଅପମାନ କରୁଛି। ନଡ୍ଡା ମଧ୍ୟ ଦାବି କରିଛନ୍ତି ଯେ ଶିବକୁମାର ସର୍ବସାଧାରଣ ସ୍ଥଳରେ ଖୋଲାଖୋଲି ଭାବେ କହିଥିଲେ ଯେ ମୁସଲମାନ ସଂରକ୍ଷଣ ପାଇଁ ଆବଶ୍ୟକ ପଡ଼ିଲେ ସମ୍ବିଧାନ ସଂଶୋଧନ ହେବ। ନଡ୍ଡା ମଧ୍ୟ ଖଡ଼ଗେଙ୍କଠାରୁ ଉକ୍ତ ପ୍ରସଙ୍ଗରେ ସ୍ପଷ୍ଟୀକରଣ ମାଗିଛନ୍ତି। ତେବେ ଖଡ଼ଗେ ଏଭଳି ଅଭିଯୋଗକୁ ଖଣ୍ଡନ କରିଛନ୍ତି। କଂଗ୍ରେସ ସମ୍ବିଧାନକୁ ସୁରକ୍ଷା ଦେବାପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି। ଆଜି ଉଭୟ ଗୃହରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ଏହି ପ୍ରସଙ୍ଗ ଉଠାଇଛନ୍ତି।

# ଅଟୋ ଓ ଇ-ରିକ୍ସାରେ ପିଲାମାନେ ଯାଇପାରିବେନି ସ୍କୁଲ: ନୀତିଶ



**ପାଟନା, ୨୫।୩:** ଅଟୋ ଏବଂ ଇ-ରିକ୍ସାରେ ପିଲାମାନେ ସ୍କୁଲ ଯିବା ନିଷେଧ। ଏପ୍ରିଲ ୧ରୁ ଲାଗିବ ପ୍ରତିବନ୍ଧକ। ବିହାରରେ ନୀତିଶ ସରକାର ପିଲାମାନଙ୍କ ସୁରକ୍ଷା ପାଇଁ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ବିହାରରେ ବଢ଼ୁଥିବା ସଡ଼କ ଦୁର୍ଘଟଣାକୁ ଧ୍ୟାନରେ ରଖି ରାଜ୍ୟ ସରକାର ବିହାର ପୋଲିସ ମୁଖ୍ୟାଳୟ ଟ୍ରାଫିକ୍ ପ୍ରଭାବ ଦ୍ୱାରା ଏହି ନିର୍ଦ୍ଦେଶ ଜାରି କରିଛନ୍ତି।

ବିହାର ସରକାରଙ୍କ କହିବାନୁଯାୟୀ ସ୍କୁଲ ଯିବା ସମୟରେ ପିଲାମାନଙ୍କ ସୁରକ୍ଷା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। ଇ-ରିକ୍ସା ଏବଂ ଅଟୋରେ ପିଲାଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥାଏ। ପୂର୍ବରୁ ଏହିସବୁ ଗାଡିରେ ପିଲାମାନଙ୍କ ସହିତ ଅନେକ ଦୁର୍ଘଟଣା ଘଟିଛି। ଏହି ପ୍ରତିବନ୍ଧ ଜରିଆରେ ସରକାର ଚିନ୍ତା ପ୍ରକଟ କରିଛନ୍ତି। ତେଣୁ ପିଲାଙ୍କୁ ସୁରକ୍ଷିତ ଯାତାୟତ ବ୍ୟବସ୍ଥାକୁ ସୁନିଶ୍ଚିତ କରିବାକୁ ପ୍ରୟାସ କରାଯାଇଛି। ପ୍ରକୃତରେ ଅଟୋ ଏବଂ ଇ-ରିକ୍ସା ଭଳି ଯାନରେ ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା କରାଯାଏ ନାହିଁ। ଏପରି ପରିସ୍ଥିତିରେ ଦୁର୍ଘଟଣା ଘଟିଲେ, ଏଥିରେ ଯାଉଥିବା ପିଲାମାନଙ୍କ ଜୀବନ ବିପଦରେ ପଡ଼ିପାରେ। ତେଣୁ ସ୍କୁଲ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ଯାନଗୁଡ଼ିକୁ ସ୍କୁଲ ଯିବା ପାଇଁ ନିଷେଧ କରାଯାଇଛି। ପ୍ରାପ୍ତ ସୂଚନା ଅନୁଯାୟୀ, ଏହି ନିୟମ ୧ ଏପ୍ରିଲ୍ ୨୦୨୫ ରୁ କାର୍ଯ୍ୟକାରୀ ହେବ। ବିହାର ପୋଲିସ ମୁଖ୍ୟାଳୟ ୧ ଏପ୍ରିଲରୁ ଅଟୋ ଏବଂ ଇ-ରିକ୍ସାରେ ସ୍କୁଲ ଯିବା ଉପରେ ସମ୍ପୂର୍ଣ୍ଣ ନିଷେଧ ଲାଗୁ କରିବ। ଏହି ସମ୍ପର୍କରେ ଜାରି ହୋଇଥିବା ନିର୍ଦ୍ଦେଶ ଅନୁଯାୟୀ, 'ବିହାର ସରକାର ୧ ଏପ୍ରିଲ ୨୦୨୫ ଠାରୁ ସ୍କୁଲ ପିଲା/ଛାତ୍ରଙ୍କ ପରିବହନ ପାଇଁ ଅଟୋ ରିକ୍ସା/ଇ-ରିକ୍ସା ଚଳାଚଳ ଉପରେ ପ୍ରତିବନ୍ଧକ ଲଗାଇବାକୁ ନିଷ୍ପତ୍ତି ନେଇଛନ୍ତି।

## ଏପ୍ରିଲ ୧ରୁ ହେବ ଲାଗୁ

# ଦକ୍ଷିଣ କୋରିଆ ପ୍ରଧାନମନ୍ତ୍ରୀ କାମଚଳା ରାଷ୍ଟ୍ରପତି ଭାବେ ପୁନଃ ଅବସ୍ଥାପିତ



**ସିଓଲ, ୨୫।୩:** ଯେଉଁ ପ୍ରଧାନମନ୍ତ୍ରୀଙ୍କୁ ଦେଶର ସମ୍ବିଧାନ ଅନୁସାରେ ମହାଭିଯୋଗ ଦ୍ୱାରା ହଟାଯାଇଥିଲା, ସେଇ ବ୍ୟକ୍ତିଙ୍କୁ କାର୍ଯ୍ୟକାରୀ ରାଷ୍ଟ୍ରପତି ଭାବେ ଅବସ୍ଥାପିତ କରିବାକୁ ଦକ୍ଷିଣ କୋରିଆର ସର୍ବୋଚ୍ଚ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୪ ଡିସେମ୍ବର ୩ରେ ଦକ୍ଷିଣ କୋରିଆରେ ସାମରିକ ଆଇନ ଲାଗୁ ହୋଇଥିଲା। ଏହାକୁ ନେଇ ଦେଶରେ ରାଜନୈତିକ ହଇଚଇ ସୃଷ୍ଟି ହୋଇଥିଲା। ପରେ କ୍ଷମତାସୀନ ରାଜନୈତିକ ଦଳର ସଦସ୍ୟମାନେ ମହାଭିଯୋଗ ଦ୍ୱାରା ରାଷ୍ଟ୍ରପତି ୟୁନ୍ ସୁକ୍ ୟେଓଲ୍‌ଙ୍କୁ ହଟାଇ ଦେଇଥିଲେ। ପରବର୍ତ୍ତୀ ସମୟରେ ବିରୋଧୀ ଦଳ ସହ ବିବାଦ ଯୋଗୁଁ ପ୍ରଧାନମନ୍ତ୍ରୀ ହାନ୍ ଡକ୍ ସୁଙ୍କୁ ମଧ ମହାଭିଯୋଗ ଦ୍ୱାରା ପଦବିରୁ ହଟାଇ ଦିଆଯାଇଥିଲା। ଏହା ବିରୋଧରେ ହାନ୍ ଦେଶର ସର୍ବୋଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ଆଜି ଏହି ଆବେଦନର ଶୁଣାଣି କରି ହାନ୍‌ଙ୍କ ମହାଭିଯୋଗକୁ ଖାରଜ କରିଛନ୍ତି। କେବଳ ଏହାନୁହେଁ, ତାଙ୍କୁ କାର୍ଯ୍ୟକାରୀ ରାଷ୍ଟ୍ରପତି ଭାବେ ଅବସ୍ଥାପିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ରାଷ୍ଟ୍ରପତି ୟୁନ୍‌ଙ୍କ ମହାଭିଯୋଗର ଚୂଡ଼ାନ୍ତ ରାୟ ପ୍ରକାଶ ପାଇନାହିଁ। ଯଦି ମହାଭିଯୋଗ ବିରୋଧରେ ରାୟ ପ୍ରକାଶ ପାଏ ତେବେ ତାଙ୍କୁ ପୁନଃ ଅବସ୍ଥାପିତ କରାଯିବ, ନଚେତ୍ ପୁଣିଥରେ ରାଷ୍ଟ୍ରପତି ନିର୍ବାଚନ ଅନୁଷ୍ଠିତ ହେବ।

# କାନାଡାରେ ଭାରତୀୟ ଯୁବତୀଙ୍କ ଉପରେ ଆକ୍ରମଣ




**ଓଟାଓ୍ୱା, ୨୫।୩:** କାନାଡାର କାଲଗାରିରେ ଜଣେ ଭାରତୀୟ ଯୁବତୀଙ୍କ ଉପରେ ଆକ୍ରମଣ ହୋଇଛି। ଏହି ଆକ୍ରମଣର ଭିଡିଓ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଭିଡିଓରେ ଜଣେ ବ୍ୟକ୍ତି ବୋ ଭ୍ୟାଲି କଲେଜ ଟ୍ରେନ୍ ଷ୍ଟେସନର ପ୍ଲାଟଫର୍ମରେ ଜଣେ ଝିଅକୁ ଜୋରରେ ଠେଲି ଦେଉଥିବାର ଓ ତାହାର ବେକ ଚିପୁଥିବାର ଦେଖିବାକୁ ମିଳୁଛି।

ଭାଇରାଲ ହୋଇଥିବା ଭିଡିଓରେ, ନୀଳ ଜ୍ୟାକେଟ୍ ଏବଂ ଗାଢ଼ ମାଟିଆ ପ୍ୟାଣ୍ଟ ପିନ୍ଧିଥିବା ଜଣେ ବ୍ୟକ୍ତି ଷ୍ଟେସନରେ ଠିଆ ହୋଇଥିବା ଜଣେ ଝିଅକୁ ଆକ୍ରମଣ କରୁଥିବା ଦେଖିବାକୁ ମିଳୁଛି। ପୁରୁଷ ଜଣକ ପ୍ରଥମେ ଝିଅଟିକୁ ଧକ୍କା ଦେବା ସହ ବେକ ଚିପିବାକୁ ଉଦ୍ୟମ କରିଥିଲା। ଭାଇରାଲ ହୋଇଥିବା ଭିଡିଓରେ, ନୀଳ ଜ୍ୟାକେଟ୍ ଏବଂ ଗାଢ଼ ମାଟିଆ ପ୍ୟାଣ୍ଟ ପିନ୍ଧିଥିବା ଜଣେ ବ୍ୟକ୍ତି ଷ୍ଟେସନରେ ଠିଆ ହୋଇଥିବା ଜଣେ ଝିଅକୁ ଆକ୍ରମଣ କରୁଥିବା ଦେଖିବାକୁ ମିଳୁଛି। ପୁରୁଷ ଜଣକ ପ୍ରଥମେ ଝିଅଟିକୁ ଧକ୍କା ଦେବା ସହ ବେକ ଚିପିବାକୁ ଉଦ୍ୟମ କରିଥିଲା। ତା'ପରେ ସେ ଯୁବତୀଙ୍କ ଜ୍ୟାକେଟ୍ ଧରି ଟ୍ରାଞ୍ଜିଟ୍ ଆଶ୍ରୟସ୍ଥଳର କାନ୍ଥରେ ଜୋରରେ ପିଟି ଦେଲା। ଝିଅଟି ଭାରତୀୟ ବୋଲି କୁହାଯାଉଥିଲେ ବି ତାହାର ପରିଚୟ ମିଳିପାରିନାହିଁ। ଭିଡିଓରେ ଆପଣ ଦେଖାଯାଉଛି ଯେ ଝିଅଟି ଭୟରେ ଚିତ୍କାର କରିବା ଆରମ୍ଭ କରୁଛି। ପ୍ଲାଟଫର୍ମରେ ଅନେକ ଲୋକ ଉପସ୍ଥିତ ଥିଲେ, କିନ୍ତୁ ଆକ୍ରମଣକାରୀଙ୍କୁ ରୋକିବା କିମ୍ବା ଝିଅଟିକୁ ସାହାଯ୍ୟ କରିବା ପାଇଁ କେହି କୌଣସି ପଦକ୍ଷେପ ନେଇ ନଥିଲେ। ଏହି ସମୟରେ, ବ୍ୟକ୍ତି ଜଣକ ଫୋନ୍ ନ ଉଠାଇ ସେଠାରୁ ଚାଲିଯାଆନ୍ତି। ଏହା ପରେ ଯୁବତୀ ତୁରନ୍ତ ଏହି ଆକ୍ରମଣ ବିଷୟରେ ପୋଲିସକୁ ସୂଚନା ଦେଇଥିଲେ।

# ବେଜିଂରେ ଭାରତ-ଚୀନ ଆଲୋଚନା ସଂପର୍କ ସୁଧାର ଉପରେ ଗୁରୁତ୍ୱ

**ନୂଆଦିଲ୍ଲୀ, ୨୫।୩:** ବେଜିଂରେ ଭାରତ ଓ ଚୀନ ମଧ୍ୟରେ ଏକ କୂଟନୈତିକ ଆଲୋଚନା ହୋଇଛି । ଏହି ଆଲୋଚନା 'ସକାରାତ୍ମକ ଏବଂ ଗଠନମୂଳକ' ପରିବେଶରେ ହୋଇଥିଲା ବୋଲି ବୈଦେଶିକ ମନ୍ତ୍ରଣାଳୟ ସୂଚନା ଦେଇଛି। ସୂଚନା ଅନୁସାରେ ଭାରତ-ଚୀନ୍ ସୀମା ବ୍ୟାପାର (ଡବ୍ଲୁଏମସିସି) ଉପରେ ପରାମର୍ଶ ଏବଂ ସମନ୍ୱୟ ପାଇଁ କାର୍ଯ୍ୟ ତନ୍ତ୍ରର ୩୩ତମ ବୈଠକ ଆଜି ଚୀନର ରାଜଧାନୀ ବେଜିଂରେ ଅନୁଷ୍ଠିତ ହୋଇଥିଲା। ଭାରତୀୟ ପ୍ରତିନିଧିମଣ୍ଡଳର ନେତୃତ୍ୱ ନେଇଥିଲେ ଯୁଗ୍ମ ସଚିବ (ପୂର୍ବ ଏସିଆ) ଗୌରାଙ୍ଗଲାଲ ଦାସ ଏବଂ ଚୀନ୍ ପ୍ରତିନିଧିମଣ୍ଡଳର ନେତୃତ୍ୱ ନେଇଥିଲେ ଚୀନ୍ ବୈଦେଶିକ ମନ୍ତ୍ରଣାଳୟର ସୀମା ଏବଂ ସମୁଦ୍ର ବ୍ୟାପାର ବିଭାଗର ମହାନିର୍ଦ୍ଦେଶକ ହଂ ଲିଆଙ୍ଗ୍। ଏହି ସମୟରେ, ଭାରତ ଏବଂ ଚୀନ୍ ପରବର୍ତ୍ତୀ ସ୍ୱତନ୍ତ୍ର ପ୍ରତିନିଧି ବୈଠକ ପାଇଁ ପର୍ଯ୍ୟାପ୍ତ ପ୍ରସ୍ତୁତି କରିବାକୁ ସହମତ ହୋଇଥିଲେ। ଏଲଏସିର ପରିସ୍ଥିତିର ଏକ ବ୍ୟାପକ ସମୀକ୍ଷା ମଧ କରିଥିଲେ। ଭାରତ-ଚୀନ୍ ସୀମା ବ୍ୟାପାର (ଡବ୍ଲୁଏମସିସି) ଉପରେ ପରାମର୍ଶ ଏବଂ ସମନ୍ୱୟ ପାଇଁ କାର୍ଯ୍ୟ ତନ୍ତ୍ରର ୩୩ତମ ବୈଠକ ଆଜି ଚୀନର ରାଜଧାନୀ ବେଜିଂରେ ଅନୁଷ୍ଠିତ ହୋଇଥିଲା। ଭାରତୀୟ ପ୍ରତିନିଧିମଣ୍ଡଳର ନେତୃତ୍ୱ ନେଇଥିଲେ ଯୁଗ୍ମ ସଚିବ (ପୂର୍ବ ଏସିଆ) ଗୌରାଙ୍ଗଲାଲ ଦାସ ଏବଂ ଚୀନ୍ ପ୍ରତିନିଧିମଣ୍ଡଳର ନେତୃତ୍ୱ ନେଇଥିଲେ ଚୀନ୍ ବୈଦେଶିକ ମନ୍ତ୍ରଣାଳୟର ସୀମା ଏବଂ ସମୁଦ୍ର ବ୍ୟାପାର ବିଭାଗର ମହାନିର୍ଦ୍ଦେଶକ ହଂ ଲିଆଙ୍ଗ୍। ଭାରତ ଏବଂ ଚୀନ୍ ବେଜିଂରେ ଏକ ନୂତନ କୂଟନୈତିକ ଆଲୋଚନା କରିଥିଲେ ଯେଉଁଥିରେ ଦୁଇ ଦେଶ ଗତ ସ୍ୱତନ୍ତ୍ର ପ୍ରତିନିଧି ଆଲୋଚନା ସମୟରେ ନିଆଯାଇଥିବା ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ପାଇଁ ଅନେକ ପଦକ୍ଷେପ ଏବଂ ପ୍ରସ୍ତାବ ଉପରେ ବିଚାର କରିଥିଲେ।

# ବାହାଘରର ୨ ସପ୍ତାହ ପରେ ପ୍ରେମିକ ସହ ମିଶି ସ୍ୱାମୀକୁ ହତ୍ୟା କଲା ସ୍ତ୍ରୀ

**ଲକ୍ଷ୍ନୌ, ୨୫।୩:** ବିବାହର ୨ ସପ୍ତାହ ମଧରେ ସ୍ୱାମୀକୁ ହତ୍ୟା କଲା ପତ୍ନୀ। ମାର୍ଚ୍ଚ ୫ରେ ବିବାହ ହୋଇଥିଲା। ମାର୍ଚ୍ଚ ୧୯ରେ ଗୁଳି ମାଡ଼। ସୁପାରୀ କିଲରଙ୍କ ଜରିଆରେ ହତ୍ୟା। ଉତ୍ତରପ୍ରଦେଶ ଔରେୟା ଜିଲ୍ଲାରେ ଏହି ହତ୍ୟାକାଣ୍ଡ ଘଟିଛି। ପତ୍ନୀ ଜଣଙ୍କ ତାଙ୍କ ପ୍ରେମିକଙ୍କ ସହ ମିଶି, ହତ୍ୟା ପାଇଁ ଦେଇଥିଲେ ସୁପାରୀ। ପୋଲିସ ଏହି ମାମଲାରେ ୩ ଜଣଙ୍କୁ ଗିରଫ କରିଛି।

## ୨ ଲକ୍ଷ ଟଙ୍କାରେ ଦେଇଥିଲା ସୁପାରୀ



ଖବର ମୁତାବକ, ମାର୍ଚ୍ଚ ୫ ତାରିଖରେ ୨୨ ବର୍ଷୀୟ ପ୍ରଗତି ଯାଦବଙ୍କର ୨୫ ବର୍ଷୀୟ ଦିଲ୍ଲୀପଙ୍କ ସହ ବିବାହ ହୋଇଥିଲା। ମାର୍ଚ୍ଚ ୧୯ ତାରିଖ ଏକ ପଡ଼ିଆରୁ ଆହତ ଅବସ୍ଥାରେ ଉଦ୍ଧାର ହୋଇଥିଲେ ଦିଲ୍ଲୀପ। ଗୁଳି ମାଡ଼ରେ ଆହତ ହୋଇଥିବା ଦେଖି ସ୍ଥାନୀୟ ଲୋକ ପୋଲିସକୁ ଖବର ଦେଇଥିଲେ। ତାଙ୍କୁ ଉଦ୍ଧାର କରାଯାଇ ହସ୍ପିଟାଲ ନିଆଯାଇଥିଲା ହେଲେ ମାର୍ଚ୍ଚ ୨୦ ତାରିଖରେ ଦିଲ୍ଲୀପଙ୍କ ମୃତ୍ୟୁ ହେଲା। ଦିଲ୍ଲୀପଙ୍କ ଭାଇ ଥାନାରେ ଏତଲା ଦେଇଥିଲେ। ଏହାପରେ ପୋଲିସ ଖୋଳତାଡ଼ ଆରମ୍ଭ କରିଥିଲା। ପୋଲିସ ସିସିଟିଭି ଫୁଟେଜ ଖୋଜିଥିଲା, ଯେଉଁଥିରେ ଜଣେ ସନ୍ଦିଗ୍ଧ ବାଇକରେ ବସି ପ୍ରଗତି ଯାଉଥିବା ପୋଲିସ ଦେଖିବାକୁ ପାଇଥିଲା। ପୋଲିସ ତଦନ୍ତ କରିବା ପରେ ମର୍ଡର ମିଷ୍ଟ୍ରି ଉପରୁ ପରଦା ହଟିଥିଲା।ବିବାହ ପୂର୍ବରୁ ପ୍ରଗତିଙ୍କର ଅନୁରାଗ ଯାଦବଙ୍କ ସହ ୪ ବର୍ଷର ସମ୍ପର୍କ ଥିଲା। କିନ୍ତୁ ଉଭୟଙ୍କ ପରିବାର ଲୋକେ ବିବାହ ପାଇଁ ରାଜି ହେଲେ ନାହିଁ। ପ୍ରଗତିଙ୍କୁ ତାଙ୍କ ପରିବାର ଲୋକେ ଦିଲ୍ଲୀପ ସହ ବିବାହ କରାଇ ଦେଲେ। ବିବାହ ପରେ ପ୍ରଗତି ଆଉ ଅନୁରାଗଙ୍କ ସହ ମିଶି ପାରିଲେ ନାହିଁ। ପ୍ରଗତି ଅନୁରାଗଙ୍କୁ ପାଇବା ପାଇଁ ଷଡ଼ଯନ୍ତ୍ର କଲେ। ଉଭୟ ପୁଣି ଏକ ହେବାକୁ ନିଷ୍ପତ୍ତି ନେଲେ, ଆଉ ଦିଲ୍ଲୀପଙ୍କୁ ସବୁ ଦିନ ପାଇଁ ହଟାଇବେ ବୋଲି ଯୋଜନା କଲେ। ସୁପାରୀ କିଲରଙ୍କୁ ଦିଆଯାଇଥିଲା ୨ ଲକ୍ଷ ଟଙ୍କା। ମାର୍ଚ୍ଚ ୧୯ରେ ପ୍ରଗତିଙ୍କ ସ୍ୱାମୀ ଦିଲ୍ଲୀପ କନୌଜ ଫେରୁଥିବା ବେଳେ ସୁପାରୀ କିଲର ରାମଜୀ ଚୌଧୁରୀ ଓ ଆଉ ଦୁଇ ଜଣ ଦିଲ୍ଲୀପଙ୍କ ଗାଡ଼ିକୁ ରୋକିଥିଲେ। ଆଉ ନିଛାଟିଆ ସ୍ଥାନକୁ ନେଇ ତାଙ୍କ ଉପରକୁ ଗୁଳିମାଡ଼ କରିଥିଲେ। ଏ ଘଟଣାରେ ପୋଲିସ ୩ ସୁପାରୀ କିଲର ଏବଂ ପତ୍ନୀ ପ୍ରଗତିକୁ ଗିରଫ କରିଛି। ତେବେ ଏହି ମାମଲାରେ ପୋଲିସ ପଚରାଉଚରା କରିବା ପରେ ପ୍ରଗତି ସବୁକିଛି ସତ ମାନିଯାଇଛି।

# ଭୟଙ୍କର ଭୂକମ୍ପରେ ଥରିଲା ନ୍ୟୁଜିଲାଣ୍ଡ

**ୱେଲିଙ୍ଗଟନ୍, ୨୫।୩:** ଭୟଙ୍କର ଭୂକମ୍ପରେ ଥରିଲା ନ୍ୟୁଜିଲାଣ୍ଡ। ୬ ଦଶମିକ ୯ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଛି। ରିଭରଟନ୍ ଦ୍ୱୀପ ଭୂକମ୍ପର କେନ୍ଦ୍ରସ୍ଥଳ ଥିଲା। ଭୂପୃଷ୍ଠରୁ ୧୦ କିଲୋମିଟର ଗଭୀର ପର୍ଯ୍ୟନ୍ତ ଭକମ୍ପର ଝଟକା ଅନୁଭୂତ ହୋଇଛି। ଝଟକା ପରେ ଲୋକେ ଭୟରେ ଘରୁ ବାହାରାକୁ ଚାଲିଆସିଥିଲେ। ତେବେ ଜୀବନହାନୀ କିମ୍ବା କ୍ଷୟକ୍ଷତିର କୌଣସି ସୂଚନା ମିଳିନାହିଁ। ଆସନ୍ତା ଏକ ଘଣ୍ଟା ପର୍ଯ୍ୟନ୍ତ ସୁନାମି ସତର୍କତା ନଥିବା ନ୍ୟୁଜିଲାଣ୍ଡ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ୨୦୧୧ ମସିହାରେ ନ୍ୟୁଜିଲାଣ୍ଡରେ ଭୟଙ୍କର ଭୂକମ୍ପରେ ୧୮୫ ଜଣ ଲୋକଙ୍କ ମୃତ୍ୟୁ ହୋଇଥିଲା।

## ରିକ୍ଟର ସ୍କେଲରେ ତୀବ୍ରତା ୬.୫ ରେକର୍ଡ଼

## ପ୍ରଥମ ବଜେଟ୍‌ରେ ଦିଲ୍ଲୀର ବସ୍ତି ବାସିନ୍ଦାଙ୍କୁ ବଡ଼ ଉପହାର ଦେଲେ ରେଖା ସରକାର

# ଆବଣ୍ଟନ ପାଇଁ ଘୋଷଣା କଲେ ୬୯୬ କୋଟି ଟଙ୍କା



**ନୂଆଦିଲ୍ଲୀ, ୨୫।୩:** ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ମଙ୍ଗଳବାର ଦିନ ତାଙ୍କ ପ୍ରଥମ ବଜେଟ୍ ଉପସ୍ଥାପନ କରିଛନ୍ତି। ସେ ତାଙ୍କର ପ୍ରଥମ ବଜେଟ୍‌ରେ ବସ୍ତି ଓ ଜେଜେ କଲୋନିରେ ରହୁଥିବା ବାସିନ୍ଦାଙ୍କୁ ବଡ଼ ଉପହାର ଦେଇଛନ୍ତି। ତାଙ୍କ କହିବା କଥା ହେଉଛି ଦିଲ୍ଲୀର ଏକ ବଡ଼ ଅଂଶ ଆଜି ବି ବସ୍ତିରେ ରହୁଛି। ପୂର୍ବରୁ ବଜେଟ୍ ହୋଇଛି ମାତ୍ର ଖର୍ଚ୍ଚ ହେଉନଥିଲା। ସେ ବସ୍ତି ଓ ଜେଜେ କଲୋନି ପାଇଁ ୬୯୬ କୋଟି ଟଙ୍କା ଆବଣ୍ଟନ ଘୋଷଣା କରିଛନ୍ତି। ସେ ଆପ୍ ସରକାରଙ୍କୁ ଟାର୍ଗେଟ କରି କହିଛନ୍ତି, "ସେମାନେ କହୁଥିଲେ କି ବିଜେପି ଆସିଲେ ବସ୍ତି ଉଠାଇ ଦେବ। ମାତ୍ର ଆମେ ଏହା ପାଇଁ ଅଧିକ ୧୫୭ ପ୍ରତିଶତ ବଜେଟ୍ କରିଛୁ।" ଦିଲ୍ଲୀରୁ ହଟିବ ବସ୍ତି ଯୁଗ। ତୁମେ ଶୀଶମହଲ ନିର୍ମାଣ କରାଇଲ, ଆମେ ଗରିବଙ୍କ ପାଇଁ ଘର ନିର୍ମାଣ କରିବୁ। ଆମେ ବସ୍ତି ବାସିନ୍ଦାଙ୍କ ପାଇଁ ଶୌଚାଳୟ ଏବଂ ସ୍ନାନାଗାର ନିର୍ମାଣ କରିବୁ। ଏପରି କହିବ ସରକାର ଯୋଜନାଗୁଡ଼ିକ ଅପେକ୍ଷା ଯୋଜନାଗୁଡ଼ିକର ବିଜ୍ଞାପନରେ ଅଧିକ ଖର୍ଚ୍ଚ କରିଥିଲେ। କିନ୍ତୁ ଆମର ସ୍ୱପ୍ନ, ଏକ ସମୃଦ୍ଧ ଏବଂ ସଶକ୍ତ ଦିଲ୍ଲୀ ଗଠନ କରିବା। ବଜେଟରେ ବଡ ଘୋଷଣା କରିଛନ୍ତି ରେଖା ଗୁପ୍ତା ସରକାର।

# ଇଣ୍ଡିଆନ୍ ମିଲିଟାରୀ ଏକାଡେମୀରେ ଟ୍ରେନିଂ ନେବେ ମହିଳା ଅଧିକାରୀ



**ନୂଆଦିଲ୍ଲୀ,୨୫।୩:** ୯୨ ବର୍ଷରେ ପ୍ରଥମ ଥର। ଡେରାଡୁନ୍ ଇଣ୍ଡିଆନ୍ ମିଲିଟାରୀ ଏକାଡେମୀ ବା ଆଇଏମ୍‌ରେ ଟ୍ରେନିଂ ନେବେ ମହିଳା ଅଧିକାରୀ। ସୁପ୍ରିମକୋର୍ଟଙ୍କ ରାୟ ପରେ ଏବେ ଏନ୍‌ଡିଏରେ ଆରମ୍ଭ ହୋଇଛି ମହିଳା ଅଧିକାରୀଙ୍କ ଟ୍ରେନିଂ। ଜୁଲାଇ ୨୦୨୫ ରେ ଏନ୍‌ଡିଏରୁ ମହିଳା ଅଧିକାରୀଙ୍କ ପ୍ରଥମ ବ୍ୟାଚ୍ ହେବାକୁ ଯାଉଛନ୍ତି ଗ୍ରାଜୁଏଟ୍। ଏହାପରେ ତାଙ୍କୁ ତିନୋଟି ସେନାର ଅଲଗା ଅଲଗା ଟ୍ରେନିଂ ଓ ସଂସ୍ଥାକୁ ପଠାଯିବ।

ସେନାରେ ବଢ଼ିବ ଆହୁରି ମହିଳା ଅଧିକାରୀଙ୍କ ସଂଖ୍ୟା। କାରଣ ଆଇଏମ୍‌ଏ ଏବେ ମହିଳା ଅଧିକାରୀଙ୍କୁ ପ୍ରଶିକ୍ଷଣ ଦେବାର ପ୍ରସ୍ତୁତି ଜୋରଦାର କରିଛି। ଏନ୍‌ଡିଏରେ ଶେଷ ପର୍ଯ୍ୟାୟରେ ଟ୍ରେନିଂ ନେଉଥିବା ୧୮ ରୁ ୮ ମହିଳା ସ୍ଥଳ ସେନାକୁ ବିକଳ୍ପ ଭାବରେ ଚୟନ କରିଛନ୍ତି। ଏହି ମହିଳା ଅଧିକାରୀଙ୍କୁ ଆଇଏମ୍‌ରେ ବର୍ଷେ ଟ୍ରେନିଂ ଦିଆଯିବ। ଏହାପରେ ସେମାନେ କମିଶନ୍ ହୋଇଯିବ। ଜଣେ ଅଧିକାରୀଙ୍କ କହିବା ଅନୁସାରେ, ୨୦୨୨ ରେ ଏନ୍‌ଡିଏରେ ଏହି ମହିଳାମାନେ ପହଞ୍ଚିଥିଲେ। ବର୍ତ୍ତମାନ ୧୨୬ ମହିଳା ଅଧିକାରୀଙ୍କ ଟ୍ରେନିଂ ଚାଲିଛି। ୯୨ ବର୍ଷରେ ପ୍ରଥମ ଥର ହେବ ଯେତେବେଳେ ମହିଳା ଅଧିକାରୀଙ୍କୁ ଟ୍ରେନିଂ ଦିଆଯିବ। ବର୍ତ୍ତମାନ ଆଇଏମ୍‌ଏରେ ମହିଳା ପ୍ରଶିକ୍ଷଣ ଦିଆଯାଉନଥିଲା। ଅଗଷ୍ଟ ୨୦୨୧ ରେ ସୁପ୍ରିମକୋର୍ଟ ରାୟ ଦେଇଥିଲେ ମହିଳାମାନେ ମଧ ଏନ୍‌ଡିଏ ପରୀକ୍ଷା ଦେଇ ସେନା ଅଧିକାରୀ ହୋଇପାରିବେ। ଏହା ପୂର୍ବରୁ କିଛି ସିଲେକ୍ଟିଭ ବ୍ରାଞ୍ଚରେ ମହିଳାଙ୍କୁ ସର୍ଟ ସର୍ଭିସ କମିଶନ୍ ଅନୁସାରେ ରଖାଯାଉଥିଲା। ଏବେ ଆଇଏମ୍‌ରେ ମହିଳା କ୍ୟାଡେଟସ୍‌ଙ୍କୁ ରହିବାର ଅଲଗା ବ୍ୟବସ୍ଥା କରାଯିବ। ସେଭଳି ପୁରୁଷ ଓ ମହିଳା ଉଭୟଙ୍କୁ ଏକାଠି ମଧ ଟ୍ରେନିଂ ଦିଆଯିବ।

## ୯୨ ବର୍ଷରେ ପ୍ରଥମ

# ପୁଣି ଥରେ ମୁହାଁମୁହିଁ ହେଲେ ନୀତିଶ, ରାବ୍ରୀ



**ପାଟନା, ୨୫।୩:** ବିହାରରେ ପୁଣି ଥରେ ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ରାବ୍ରୀ ଦେବୀଙ୍କ ମଧରେ ବିବାଦ ଦେଖିବାକୁ ମିଳିଛି। ବିହାର ବିଧାନ ପରିଷଦର କାର୍ଯ୍ୟକାଳ ସମୟରେ ଉଭୟ ନେତା ପୁଣି ପରସ୍ପର ସହିତ ଝଗଡ଼ା କରୁଥିବାର ଦେଖାଯାଇଥିଲା। ନୀତିଶ କୁମାର ଓ ରାବ୍ରୀ ଦେବୀଙ୍କ ମଧରେ ପୁଣି ବିବାଦ ଦେଖାଦେଇଛି। ନୀତିଶ କୁମାର ରାବିଡି ଦେବୀଙ୍କୁ କଟାକ୍ଷ କରି କହିଥିଲେ କି, ପାର୍ଟି ତୁମ ସ୍ୱାମୀଙ୍କର ଓ ତୁମେ ତାଙ୍କ କ୍ଷମତାରେ ଏଠି ପହଂଚିପାରିଛ। ତେଣୁ ତୁମକୁ ଗୁରୁତର ସହ ନିଆଯାଇପାରିବ ନାହିଁ। ବିହାର ବିଧାନପରିଷଦରେ ଆଲୋଚନା ଚାଲିଥିବା ବେଳେ ନୀତିଶ କୁମାର କହିଥିଲେ କି, ମହାମେଣ୍ଟର ସଦସ୍ୟମାନେ ଏନଡିଏ ଓ ବିଜେପିକୁ ସଂରକ୍ଷଣ ଚୋର କହୁଛନ୍ତି, ଏହାପରେ ସେ ଆରଜେଡି ବାବଦରେ କିଛି କହିବାକୁ ଯାଉଥିବା ବେଳେ ରାବିଡି ଦେବୀ ଠିଆ ହୋଇପଡିଥିଲେ। ଏହାଦେଖି ନୀତିଶ କୁମାର ରାବିଡି ଦେବୀଙ୍କ ଉପରେ ବର୍ଷିଥିଲେ। ନୀତିଶ ରାବିଡି ଦେବୀଙ୍କୁ ଇଙ୍ଗିତ କରି ନିଜ ଚେୟାରରେ ବସିପଡ ବୋଲି କହିଥିଲେ। ପାର୍ଟି ତୁମ ସ୍ୱାମୀଙ୍କର ତୁମେ କିଛି ନୁହେଁ ବୋଲି କଟାକ୍ଷ ମଧ କରିଥିଲେ।

ନୀତିଶ କୁମାର ଓ ରାବଡି ଦେବୀଙ୍କ ମଧରେ କଳିଗୋଳ ଏହା ପ୍ରଥମ ନୁହେଁ। ଏହା ପୂର୍ବରୁ ବି ଏଭଳି ଅନେକ ଥର ଘଟିଛି। ଯେତେବେଳେ ନୀତିଶ କୁମାର କହିଥିଲେ କି, ଯେତେବେଳେ ତୁମ ସ୍ୱାମୀଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ହଟାଗଲା ତାହାର ସୁଯୋଗରେ ତୁମକୁ ମୁଖ୍ୟମନ୍ତ୍ରୀ କରାଯାଇଥିଲା। ହେଲେ ମୁଖ୍ୟମନ୍ତ୍ରୀ ପଦ ପାଇଁ ତୁମେ ଯୋଗ୍ୟ ନଥିଲ।

# ମୋଦି ଦେଖିବେ ବିକିଙ୍କ 'ଛାବା'

## ସଂସଦରେ ହେବ ସ୍ପେଶାଲ ସ୍କ୍ରିନିଂ



**ନୂଆଦିଲ୍ଲୀ, ୨୫।୩:** ବିକି କୌଶଲଙ୍କ ଫିଲ୍ମ ଛାବା ରିଲିଜ ହେବାର ୪୦ ଦିନ ପୂରଣ ହେବା ପରେ ମଧ କ୍ରେଜ କମିନି। ଫିଲ୍ମର ବକ୍ସ ଅଫିସ୍ କଲେକ୍ସନ୍ ମଧ ସାରା ବିଶ୍ୱରେ ପ୍ରାୟ ୮୦୦ କୋଟିରେ ପହଞ୍ଚିବ। ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦି ଏହାର ପ୍ରଶଂସା କରିଥିବା ବେଳେ ଏବେ ଫିଲ୍ମର ସ୍କ୍ରିନିଂ ସଂସଦ ଗୃହରେ ହେବାକୁ ଯାଉଛି।

ବିକି ଲୌଶଲ ଏବଂ ରଶ୍ମିକା ମନ୍ଦନାଙ୍କ ଅଭିନୀତ ଫିଲ୍ମ ଛାବା ଗୁରୁବାର ଦିନ ବାଲଯୋଗୀ ଅଡିଟୋରିୟମରେ ସ୍ଥିତ ସଂସଦ ଲାଇବ୍ରେରୀ ବିଲଡିଂରେ ପ୍ରଦର୍ଶିତ ହେବ। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ଅନେକ କେନ୍ଦ୍ର ମନ୍ତ୍ରୀ ଏବଂ ସାଂସଦ ମଧ ସ୍କ୍ରିନିଂରେ ସାମିଲ ହେବେ। କେବଳ ଏତିକି ନୁହେଁ, ସମ୍ଭାଜି ଭୂମିକାରେ ଅଭିନୟ କରୁଥିବା ବିକିଙ୍କ ସମେତ ଛାବାର ସମସ୍ତ କାଷ୍ଟ ଏବଂ କ୍ରୁମାନେ ମଧ ସାମିଲ ହୋଇପାରନ୍ତି। ଏହି ଫିଲ୍ମ ୨୭ ମାର୍ଚ୍ଚ ୨୦୨୫ ରେ ପ୍ରଦର୍ଶିତ ହେବ। ପ୍ରଧାନମନ୍ତ୍ରୀ ପୂର୍ବରୁ ମଧ ସେ ଫିଲ୍ମକୁ ପ୍ରଶଂସା କରିଥିଲେ। ସେ କହିଥିଲେ 'ମହାରାଷ୍ଟ୍ର ଏବଂ ମୁମ୍ବାଇ ହିଁ ମରାଠୀ ସିନେମା ଏବଂ ହିନ୍ଦୀ ସିନେମାକୁ ନୂଆ ଉଚ୍ଚତା ଦେଇଛି। ବର୍ତ୍ତମାନ ଛାବାର କ୍ରେଜ୍ ବଢ଼ିଛି। ଫିଲ୍ମର ନିର୍ଦ୍ଦେଶନା ଲକ୍ଷ୍ମଣ ଉତେକର ଦେଇଛନ୍ତି। ରିପୋର୍ଟ ଅନୁଯାୟୀ ଏହି ଫିଲ୍ମ ୩୮ ଦିନ ମଧରେ ଭାରତରେ ୫୮୩.୨୫ କୋଟି ଟଙ୍କା ଆୟ କରିଛି। ବିଶ୍ୱବ୍ୟାପୀ ଫିଲ୍ମ ୭୮୫.୫୦ କୋଟି ଟଙ୍କା ଆୟ କରିଛି।

ଲକ୍ଷ୍ମଣ ଉତେକରଙ୍କ ନିର୍ଦ୍ଦେଶିତ ଛାଭା ମରାଠା ଶାସକ ଛତ୍ରପତି ସମ୍ଭାଜୀ ମହାରାଜ ଏବଂ ତାଙ୍କ ପତ୍ନୀ ମହାରାଣୀ ୟେସୁବାଇଙ୍କ ଉପରେ ଆଧାରିତ ହୋଇଛି। ବିକି କୌଶଲ ଛତ୍ରପତି ଶିବାଜୀଙ୍କ ପୁଅ ସମ୍ଭାଜୀଙ୍କ ଚରିତ୍ରରେ ଅଭିନୟ କରିଛନ୍ତି। ଅଭିନେତା ଅକ୍ଷୟ ଖାନ୍ନା ମୋଗଲ ସମ୍ରାଟ ଔରଙ୍ଗଜେବଙ୍କ ଭୂମିକାରେ ଅଭିନୟ କରୁଛନ୍ତି। ଏହି ଚଳଚ୍ଚିତ୍ରଟିର ଭବ୍ୟ ସେଟ୍, ବୀରତ୍ୱର କାହାଣୀ ଏବଂ ଏକ ଉତ୍କୃଷ୍ଟ କଳାକାର ସହିତ, ବିବାଦରେ ମଧ ଫସି ରହିଥିଲା। ଏହାପୂର୍ବରୁ ଡିସେମ୍ବର ୨୦୨୪ରେ ଫିଲ୍ମ ସାବରମତି ରିପୋର୍ଟ ମଧ ସଂସଦରେ ପ୍ରଦର୍ଶିତ ହୋଇଥିଲା। ଏହି ସ୍ୱତନ୍ତ୍ର ସ୍କ୍ରିନିଂ ସମୟରେ ପିଏମ ମୋଦି ମଧ ଅଂଶଗ୍ରହଣ କରିଥିଲେ ଏବଂ ଟ୍ୱିଟରରେ ଫିଲ୍ମ ବିଷୟରେ ପୋଷ୍ଟ କରିଥିଲେ।

### ଆଇପିଏଲ୍-୧୮: ଚମକିଲେ ଅଧିନାୟକ ଶ୍ରେୟସ୍, ହାରିଲା ଗୁଜରାଟ

# ବିଜୟ ସହ ଅଭିଯାନ ଆରମ୍ଭ କଲା ପଞ୍ଜାବ

**ଅହମ୍ମଦାବାଦ,୨୫ା୩:** ଗତ ୧୭ଟି ସଂସ୍କରଣରେ ଭାଗ ନେଇଥିଲେ ମଧ୍ୟ ଅଦ୍ୟାବଧି କେବଳ ଥରଟିଏ ରନର୍ସଅପ୍ ହୋଇଥିବା ପଞ୍ଜାବ କିଙ୍ଗ୍ସ ଆଜି ପର୍ଯ୍ୟନ୍ତ ଥରଟିଏ ବି ଟାଇଟଲ୍ ପାଇପାରିନାହାଁ। ଏହି ଟାଇଟଲ୍ ମରୁଡ଼ି ଦୂର କରିବା ଲକ୍ଷ୍ୟ ନେଇ ଦଳ ଏଥର ଜଣେ ନୂଆ ଅଧିନାୟକଙ୍କୁ ନେତୃତ୍ୱ ଭାର ଦେଇଛି। ସେ ହେଉଛନ୍ତି ଗତ ସଂସ୍କରଣରେ କୋଲ୍‌କାତା ନାଇଟ୍ ରାଇଡର୍ସଙ୍କୁ ଟାଇଟଲ୍ ଦେଇଥିବା ଶ୍ରେୟସ୍ ଆୟର୍। ଏହି ଅନ୍ତର୍ଜାତୀୟ କ୍ରିକେଟର୍ ଜଣଙ୍କ ଉପରେ ପଞ୍ଜାବ ମାଲିକ ଭରସା ପ୍ରକଟ କରିଥିବା ବେଳେ ଆଜି ପ୍ରଥମ ମ୍ୟାଚ୍‌ରେ ଶ୍ରେୟସ୍ ଏହି ଭରସାକୁ ବହୁଗୁଣିତ କରିଦେଇଛନ୍ତି। ଦଳ ଚଳିତ ସଂସ୍କରଣର ପ୍ରଥମ ମ୍ୟାଚ୍‌ରେ ଆଜି ଏଠାରେ ଘରୋଇ ଗୁଜରାଟ ଟାଇଟନ୍ସଙ୍କୁ ଭେଟିଥିବାବେଳେ ଏଥିରେ ୧୧ ରନ୍‌ରେ ବିଜୟୀ ହୋଇଛି। ଏହି ମ୍ୟାଚ୍‌ରେ ଶ୍ରେୟସ୍ ବିସ୍ଫୋରକ ବ୍ୟାଟିଂ କରି ମାତ୍ର ୪୨ ବଲ୍‌ରେ ୯୭ ରନ୍‌ର ଇନିଂସ ଖେଳି ଦଳର ବିଜୟରେ ମୁଖ୍ୟ ଭୂମିକା ନେଇଛନ୍ତି। ଦଳ ବିଜୟ ସହ ଅଭିଯାନ ଆରମ୍ଭ କରିଥିବା ବେଳେ ଥରଟିଏ ଚାମ୍ପିଅନ୍ ହୋଇଥିବା ଗୁଜରାଟ ତା'ର ପ୍ରଥମ ମ୍ୟାଚ୍‌ରେ ପରାଜୟ ବରଣ କରିଛି।



ପ୍ରଥମେ ବ୍ୟାଟିଂ ପାଇଥିବା ପଞ୍ଜାବ ୫ ୱିକେଟ୍‌ରେ ୨୪୩ ରନ୍‌ର ବଡ଼ ସ୍କୋର୍ କରିଥିଲା। ଦଳ ପକ୍ଷରୁ ଶ୍ରେୟସ୍ ସର୍ବାଧିକ ସ୍କୋରର୍ ରହିଥିଲେ। ସେ ମାତ୍ର ୪୨ ବଲ୍‌ରେ ୫ଟି ଚୌକା ଓ ୯ଟି ଛକା ସହାୟତାରେ ୯୭ ରନ୍ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ଥିଲେ। ଏହାଛଡ଼ା ଶଶାଙ୍କ ସିଂହ ମାତ୍ର ୧୬ ବଲ୍‌ରେ ୪୪ ରନ୍ କରିଥିଲେ। ତାଙ୍କର ଏହି ଅପରାଜିତ ଇନିଂସରେ ୬ଟି ଚୌକା ଓ ୨ଟି ଛକା ରହିଥିଲା। ଏହାଛଡ଼ା ଓପନର ପ୍ରିୟାଂଶ ଆର୍ଯ୍ୟ ୭ଟି ଚୌକା ଓ ୨ଟି ଛକା ମାଧ୍ୟମରେ ୪୭ ରନ୍‌ର ଯୋଗଦାନ ଦେଇଥିଲେ। ଗୁଜରାଟ ପକ୍ଷରୁ ସାଇ କିଶୋର ୩ଟି ୱିକେଟ୍ ନେଇଥିଲେ।

ଜବାବରେ ଗୁଜରାଟ ୫ ୱିକେଟ୍‌ରେ ୨୩୨ ରନ୍ କରିବାକୁ ସକ୍ଷମ ହୋଇଥିଲା। ଓପନର ସାଇ ସୁଦର୍ଶନ ୪୧ ବଲ୍ ଖେଳି ୫ଟି ଚୌକା ଓ ୬ଟି ଛକା ମାଧ୍ୟମରେ ସର୍ବାଧିକ ୭୪ ରନ୍ କରିଥିବା ବେଳେ ଜୋସ୍ ବଟଲର୍ ୩୩ ବଲ୍ ଖେଳି ୪ଟି ଚୌକା ଓ ୨ଟି ଛକା ମାଧ୍ୟମରେ ୫୪ ରନ୍‌ର ଯୋଗଦାନ ଦେଇଥିଲେ। ଏହାଛଡ଼ା ସର୍ଫେନ୍ ରଦରଫୋର୍ଡ ୪ଟି ଚୌକା ଓ ୩ଟି ଛକା ସହ ୪୬ ଏବଂ ଅନ୍ୟତମ ଓପନର ତଥା ଅଧିନାୟକ ଶୁବମାନ ଗିଲ୍ ୨ଟି ଚୌକା ଓ ୩ଟି ଛକା ସହ ୩୩ ରନ୍ କରିଥିଲେ। ପଞ୍ଜାବ ପକ୍ଷରୁ ଅର୍ଶଦୀପ ସିଂହ ୨ଟି ୱିକେଟ୍ ଅକ୍ତିଆର କରିଥିଲେ। ଚମତ୍କାର ଇନିଂସ ପାଇଁ ଶ୍ରେୟସ୍‌ଙ୍କୁ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା।

### ଖୁସି ଖବର ଦେଲେ କେଏଲ ରାହୁଲ

## ଘରକୁ ଆସିଲା କୁନି ପରୀ



**ନୂଆଦିଲ୍ଲୀ, ୨୫ା୩:** ଭାରତୀୟ କ୍ରିକେଟର କେଏଲ ରାହୁଲ ଏବଂ ତାଙ୍କ ପତ୍ନୀ ଆଥିୟା ସେଟ୍ଟି ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇଛନ୍ତି। ରାହୁଲ ଏବଂ ଆଥିୟା ଇନଷ୍ଟାଗ୍ରାମ ମାଧମରେ ପ୍ରଥମ ଥର ପାଇଁ ପିତାମାତା ହେବା ବିଷୟରେ ସୂଚନା ଦେଇଛନ୍ତି। ଆପଣଙ୍କୁ କହି ରଖୁଛୁ ଯେ ଏହି କାରଣରୁ ରାହୁଲ ଦିଲ୍ଲୀ କ୍ୟାପିଟାଲ୍ସର ପ୍ରଥମ ମ୍ୟାଚ୍ ଖେଳିବାକୁ ଆସିନାହାଁନ୍ତି। ଏହି ଦମ୍ପତି ଗତ ବର୍ଷ ନଭେମ୍ବରରେ ସୂଚନା ଦେଇଥିଲେ ଯେ ଆଥିୟା ଗର୍ଭବତୀ ଅଛନ୍ତି। ୨୦୨୫ରେ ଚାମ୍ପିଅନ୍ସ ଟ୍ରଫି ଜିତି ଭାରତୀୟ ଦଳ ଦୁବାଇରୁ ଫେରିବା ପରଠାରୁ, ରାହୁଲ ଆଇପିଏଲର ପ୍ରାରମ୍ଭିକ ମ୍ୟାଚ୍ ଖେଳି ପାରନ୍ତି ନାହିଁ ବୋଲି କଳ୍ପନାଜଳ୍ପନା ଆରମ୍ଭ ହୋଇଥିଲା। ଏହି ଖବର ପ୍ରଚାର ହେବା ପରେ ଦୁହିଁଙ୍କୁ ଅଭିନନ୍ଦନର ସୁଅ ଛୁଟିଛି। ବଲିଉଡ ଅଭିନେତା ଟାଇଗର ଶ୍ରଫ ଏକ ହୃଦୟ ଇମୋଜି ସେୟାର କରି ତାଙ୍କୁ ଏହି ଖୁସି ଖବର ପାଇଁ ଅଭିନନ୍ଦନ ଜଣାଇଛନ୍ତି। ତାଙ୍କୁ ଅଭିନନ୍ଦନ ଜଣାଇଥିବା ଲୋକଙ୍କ ମଧରେ କିଆରା ଆଡଭାନୀ, ଅର୍ଜୁନ କପୁର ଏବଂ ମୃଣାଳ ଠାକୁର ମଧ ଅଛନ୍ତି। ଆପଣଙ୍କୁ ମନେ ପକାଇ ଦେଉଛୁ ଯେ କେଏଲ ରାହୁଲ ଏବଂ ଆଥିୟା ସେଟ୍ଟୀ ଜାନୁଆରୀ ୨୦୨୩ରେ ବିବାହ କରିଥିଲେ। ସେମାନଙ୍କର ବିବାହ ଆଥିୟା ଶେଟ୍ଟୀଙ୍କ ବାପା ସୁନୀଲ ଶେଟ୍ଟୀଙ୍କ ଖଣ୍ଡାଲାର ଫାର୍ମହାଉସରେ ହୋଇଥିଲା। ସେମାନଙ୍କ ବିବାହ ଉତ୍ସବରେ କେବଳ ପରିବାର ସଦସ୍ୟ ଏବଂ ନିକଟତମ ବନ୍ଧୁମାନେ ଯୋଗ ଦେଇଥିଲେ।

## କେରଳ ଲିଗ୍‌ରୁ ଆଇପିଏଲ୍ ମଞ୍ଚରେ ଅଟୋ ଚାଳକ ପୁଅ



**ଚେନ୍ନାଇ, ୨୫ା୩:** ରବିବାର ରାତିରେ ଖେଳାଯାଇଥିବା ଚେନ୍ନାଇ ସୁପର୍ କିଙ୍ଗ୍ସ ବନାମ ମୁମ୍ବାଇ ଇଣ୍ଡିଆନ୍ସ ମୁକାବିଲାରେ ମୋଟ ୪ ଜଣ ଖେଳାଳି ପଦାର୍ପଣ କରିଥିଲେ। କିନ୍ତୁ ଅଜଣା ଅଶୁଣା ବିଘ୍ନେଶ ପୁଥୁର ସମସ୍ତଙ୍କ ମନ ଜିତି ନେଇଛନ୍ତି। ଆଇପିଏଲ୍ ପାଇଁ ଖେଳିବାର ସ୍ୱପ୍ନକୁ ସାକାର କରିଥିବା ୨୪ ବର୍ଷୀୟ ଏହି ଚାଇନାମ୍ୟାନ୍ ବୋଲର୍ ତାରକା ଖଚିତ ସିଏସ୍‌କେ ବିପକ୍ଷରେ ୩/୩୨ ବୋଲିଂ ଚିତ୍ର ପାଇ ମୁମ୍ବାଇ ଇଣ୍ଡିଆନ୍ସକୁ ସାନ୍ତ୍ୱନା ଦେଇଛନ୍ତି। ମୁମ୍ବାଇ ଜିତିପାରି ନଥିଲେ ମଧ ବିଘ୍ନେଶଙ୍କ ସ୍ୱପ୍ନିଳ ଆଗମନ ଏବେ ଚର୍ଚ୍ଚାରେ ରହିଛି। ମୁମ୍ବାଇ ଇଣ୍ଡିଆନ୍ସ ଏହାର ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଜରିଆରେ ତାଙ୍କୁ ଚିହ୍ନଟ କରିବା ସହ ଗଢ଼ିତୋଳିଛି। ଟ୍ରାଏଲ୍‌ରେ ଭଲ କରିବା ପରେ କେରଳର ମାଲାପୁରମ୍ ନିବାସୀ ଜଣେ ଅଟୋ ଚାଳକର ପୁଅ ବିଘ୍ନେଶଙ୍କୁ ମୁମ୍ବାଇ ଇଣ୍ଡିଆନ୍ସ ୩୦ ଲକ୍ଷରେ କିଣିଥିଲା। ଗତ ଦକ୍ଷିଣ ଆଫ୍ରିକା ଟ୍ୱେଣ୍ଟି-୨୦ ବେଳେ ସେ ମୁମ୍ବାଇର ନେଟ୍ ବୋଲର ଥିଲେ। ମୁମ୍ବାଇରେ ଡିୱାଇ ପାଟିଲ୍ ଟି-୨୦ରେ ବି ୩ଟି ମ୍ୟାଚ୍ ଖେଳି ପ୍ରଭାବ ଛାଡ଼ିଥିଲେ।

ନେଟ୍‌ସରେ କିନ୍ତୁ ରୋହିତ ଶର୍ମା, ସୂର୍ଯ୍ୟକୁମାର ଯାଦବ, ତିଳକ ବର୍ମାଙ୍କୁ ବୋଲିଂ କରିବା ପରେ ସେମାନେ ତାଙ୍କୁ ସହଜରେ ଖେଳିପାରୁ ନଥିବା ଜଣାଇଥିଲେ। ରସିଦ୍ ଖାନ୍‌ଙ୍କ ବୋଲିଂ ଷ୍ଟାଇଲ୍‌ରେ ପକାଉଥିବା ବିଘ୍ନେଶଙ୍କୁ ଚଳିତ ଆଇପିଏଲ୍‌ରେ ପ୍ରଥମ ଭାଗରୁ ନେବାକୁ ବି ପ୍ରଶିକ୍ଷକ ମାହେଲା ଜୟବର୍ଦ୍ଧନେଙ୍କୁ ରୋହିତ ଓ ସୂର୍ଯ୍ୟ ସୁପାରିସ୍ କରିଥିଲେ। ଏବେ ଏ ନିଷ୍ପତ୍ତିର ସୁଫଳ ମିଳିଛି ବୋଲି କହିଛନ୍ତି, ଏମ୍ଆଇର ବୋଲିଂ ପ୍ରଶିକ୍ଷକ ପରାସ ମହାମ୍ବ୍ରେ। ରବିବାର ରାତିରେ ଋତୁରାଜ ଗାଏକ୍ୱାଡ, ଶିବମ ଦୁବେ ଓ ଦୀପକ ହୁଡାଙ୍କ ୱିକେଟ୍ ନେଇ ବିଘ୍ନେଶ ବି ଅପ୍ରତ୍ୟାଶିତ ଚର୍ଚ୍ଚାରେ ରହିଛନ୍ତି। କେରଳ ଲିଗ୍‌ର ଏହି ସାଧାରଣ ଖେଳାଳି ଏବେ ଜଣେ ବଡ଼ ଖେଳାଳି ହେବାର ଆଭାସ ବି ଦେଇଛନ୍ତି। ଅତୀତରେ ମୁମ୍ବାଇ ଇଣ୍ଡିଆନ୍ସ ଯଶପ୍ରୀତ୍ ବୁମରା, ହାର୍ଦ୍ଦିକ ପାଣ୍ଡ୍ୟା, କ୍ରୁନାଲ୍ ପାଣ୍ଡ୍ୟା ଓ ତିଳକ ବର୍ମାଙ୍କ ଭଳି ବଡ଼ ଖେଳାଳିଙ୍କୁ ଗଢ଼ିବା ଭଳି ବିଘ୍ନେଶ ବି ଦିନେ ଘରେ ଘରେ ପରିଚିତ ହୋଇଯିବେ ଏହି ବିଶ୍ୱାସ ଆସିଛି। ରବିବାର ମ୍ୟାଚ୍ ଅବସରରେ ବିଘ୍ନେଶ ବି ମୁମ୍ବାଇ ଇଣ୍ଡିଆନ୍ସ ମାଲିକାଣି ନୀତା ଅମ୍ବାନିଙ୍କ ପାଦ ଛୁଇଁବା ଏବଂ ମ୍ୟାଚ୍ ପରେ ମହେନ୍ଦ୍ର ସିଂହ ଧୋନିଙ୍କ ସହ ଆଲୋଚନା କରି ପରାମର୍ଶ ନେବା ଭଳି କାମ କରି ନିଜ ନମନୀୟ ଗୁଣକୁ ପ୍ରସ୍ଫୁଟିତ କରିଛନ୍ତି। ଯାହାକି ତାଙ୍କୁ ଭବିଷ୍ୟତରେ ଆଗକୁ ନେବାକୁ ସହାୟକ ହେବା ନିଶ୍ଚିତ।

## କବାଡି ଖେଳାଳିଙ୍କ ପାଇଁ ବଡ଼ ଆଶ୍ୱସ୍ତି

ନୂଆଦିଲ୍ଲୀ,୨୫ା୩ଃ ଭାରତୀୟ କବାଡି ଖେଳାଳିଙ୍କୁ ଖୁବ୍‌ଶୀଘ୍ର ଏକ ବଡ଼ ଆଶ୍ୱସ୍ତି ମିଳିବାକୁ ଯାଉଛି। ଭାରତୀୟ ଆମେଚର କବାଡି ମହାସଂଘ(ଏକେଏଫ୍ଆଇ) ଉପରୁ ଅନ୍ତର୍ଜାତୀୟ କବାଡି ମହାସଂଘ (ଆଇକେଏଫ୍) ଆସନ୍ତା ଜୁଲାଇରେ ବ୍ୟାନ ହଟାଇବ। ଏ ନେଇ ଆଇକେଏଫ୍ ସଭାପତି ବିନୋଦ କୁମାର ତିଓ୍ୱାରୀ ସୂଚନା ଦେଇଛନ୍ତି। ଗତ ବର୍ଷ ଜୁଲାଇରେ ନିର୍ବାଚିତ ପରିଷଦକୁ ଦାୟିତ୍ୱ ହସ୍ତାନ୍ତର କରା ନ ଯିବାରୁ ଆଇକେଏଫ୍ ପକ୍ଷରୁ ଏକେଏଫ୍ଆଇକୁ ବ୍ୟାନ କରାଯାଇଥିଲା। ୨୦୨୩ ଡିସେମ୍ବରରେ ନିର୍ବାଚିତ ହୋଇଥିବା ପରିଷଦକୁ କୋର୍ଟଙ୍କ ଦ୍ୱାରା ନିଯୁକ୍ତ ପ୍ରଶାସକ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ଏକେଏଫ୍ଆଇର ପଦାଧିକାରୀ ଜବାହରଲାଲ ନେହେରୁ ଷ୍ଟାଡିୟମରୁ କାର୍ଯ୍ୟ ଆରମ୍ଭ କରିଛନ୍ତି। ଏଣୁ ଏକେଏଫ୍ଆଇ ଉପରୁ ବ୍ୟାନ ହଟାଯିବ। ଆସନ୍ତା ମାସରେ ଆମର କାର୍ଯ୍ୟକାରୀ ବୋର୍ଡ ମିଟିଂ ହେବ ଏବଂ ଆନୁଷ୍ଠାନିକ ଭାବେ ବ୍ୟାନ ହଟାଯିବ ବୋଲି ତିଓ୍ୱାରୀ କହିଛନ୍ତି।

## ଜୋନାଲ୍ ଫର୍ମାଟ୍‌କୁ ଫେରିବ ଦୁଲୀପ ଟ୍ରଫି

### ପୂର୍ବ ଭଳି ୬ଟି ଜୋନ୍‌ରେ ଖେଳାଯିବ ଟୁର୍ଣ୍ଣାମେଣ୍ଟ



**ମୁମ୍ବାଇ, ୨୫ା୩ଃ** ପୂର୍ବ ଭଳି ଦୁଲୀପ୍ ଟ୍ରଫି ଜୋନାଲ ଫର୍ମାଟ୍‌କୁ ଫେରିବାକୁ ଯାଉଛି। ପୁଣିଥରେ ୬ଟି ଜୋନ୍‌କୁ ନେଇ ଟୁର୍ଣ୍ଣାମେଣ୍ଟ ଖେଳାଯିବ। ପୂର୍ବାଞ୍ଚଳ, ପଶ୍ଚିମାଞ୍ଚଳ, ଉତ୍ତରାଞ୍ଚଳ, ଦକ୍ଷିଣାଞ୍ଚଳ, କେନ୍ଦ୍ରାଞ୍ଚଳ ଓ ଉତ୍ତର-ପୂର୍ବାଞ୍ଚଳ ଦଳ ଭାଗ ନେବେ। ଆସନ୍ତା ସେପ୍ଟେମ୍ବରରେ ବେଙ୍ଗାଲୁରୁରେ ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଗତ ସିଜନରେ ୪ଟି ଦଳ (ଭାରତ ଏ, ଭାରତ ବି, ଭାରତ ସି ଓ ଭାରତ ଡି) ଚୟନ କରାଯାଇ ଦୁଲୀପ୍ ଟ୍ରଫି ଆୟୋଜନ କରାଯାଇଥିଲା। ସିନିୟର ଦଳ ଚୟନ କମିଟି ଏହି ସବୁ ଦଳ ଚୟନ କରିଥିଲା। ଯାହାକୁ ନେଇ ବିଭିନ୍ନ ରାଜ୍ୟ କ୍ରିକେଟ୍ ଆସୋସିଏସନ୍ ଅସନ୍ତୋଷ ପ୍ରକଟ କରିଥିଲେ। ଜୋନାଲ ଫର୍ମାଟ୍‌ରେ ପ୍ରତିଯୋଗିତା ଆୟୋଜନ କରାଗଲେ ପ୍ରତି ଜୋନ୍‌ର ଶ୍ରେଷ୍ଠ ଖେଳାଳିଙ୍କୁ ଦଳରେ ସ୍ଥାନ ମିଳିପାରିବ।

## ଏପ୍ରିଲରେ ଶ୍ରୀଲଙ୍କା ଯିବ ଓଡ଼ିଶା ଟିମ୍

### ଶୁଭ୍ରାଂଶୁଙ୍କ ହୋଇପାରେ ଘର ବାହୁଡ଼ା



**କଟକ,୨୫ା୩ଃ** ପୁଣି ଥରେ ଓଡ଼ିଶା ଫେରିଆସିବାକୁ ଚିନ୍ତା କରୁଛନ୍ତି ଓଡ଼ିଶାର ଅଭିଜ୍ଞ କ୍ରିକେଟର ଶୁଭ୍ରାଂଶୁ ସେନାପତି। ଓଡ଼ିଶା କ୍ରିକେଟରୁ ବର୍ଷେ ଦୂରେଇ ରହିବା ପରେ ସେ ଘର ବାହୁଡିବା ପାଇଁ ମନସ୍ତ କରିଛନ୍ତି। ଏ ବାବଦରେ ମଧପ୍ରଦେଶ କ୍ରିକେଟ ସଂଘର ଏନ୍‌ଓସିକୁ ଅପେକ୍ଷା କରିଥିବା ଜଣାପଡିଛି। ଯଦି ତାଙ୍କୁ ଏନ୍‌ଓସି ମିଳେ ସେ ଓଡ଼ିଶା ଫେରିବେ। ଓଡ଼ିଶା ଦଳ ଆସନ୍ତା ଏପ୍ରିଲରେ ଶ୍ରୀଲଙ୍କା ଗସ୍ତରେ ଯିବାକୁ ଯୋଜନା କରୁଛି। ଏହି ଦଳରେ ଶୁଭ୍ରାଂଶୁ ସାମିଲ୍ ହେବାର ସମ୍ଭାବନା ଅଧିକ ରହିଛି। ବିସିସିଆଇର ଗତ ଘରୋଇ ସିଜନ୍‌ରେ ଶୁଭ୍ରାଂଶୁ ମଧପ୍ରଦେଶ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ଆଗାମୀ ସିଜନରେ ସେ ଓଡିଶା ପାଇଁ ଖେଳିବେ ବୋଲି ଆଲୋଚନା ହେଉଛି। ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପକ୍ଷରୁ ଶୁଭ୍ରାଂଶୁଙ୍କୁ ଏକାଧିକ ପ୍ରସ୍ତାବ ଦିଆଯାଇଛି। ମଧପ୍ରଦେଶ ଛାଡ଼ି ଓଡ଼ିଶା ପକ୍ଷରୁ ଖେଳିବା ନିମନ୍ତେ ଓସିଏ ପଦାଧିକାରୀ ଆଲୋଚନା କରିଛନ୍ତି। ଅନ୍ୟପକ୍ଷରେ ମଧପ୍ରଦେଶ କ୍ରିକେଟ ସଂଘରୁ ଶୁଭ୍ରାଂଶୁଙ୍କୁ ଏଯାବତ୍ ଏନଓସି ମିଳିନାହିଁ। ଯାହା ଆଶା କରାଯାଉଛି, ଏପ୍ରିଲ ମାସରେ ସେ ଓଡିଶା ଶିବିରରେ ସାମିଲ ହୋଇପାରନ୍ତି।

ବିସିସିଆଇର ଗତ ଘରୋଇ ସିଜନ୍‌ରେ ଶୁଭ୍ରାଂଶୁ ମଧପ୍ରଦେଶ ପକ୍ଷରୁ ୬ଟି ରଣଜୀ ମ୍ୟାଚ୍ ଖେଳିଥିଲେ। ଏଥିରେ ସେ ୨୫୧ରନ କରିଥିବା ବେଳେ ସୟଦ ମୁସ୍ତାକ ଅଲ୍ଲୀ ଟି-ଟ୍ୱେଣ୍ଟିରେ ୧୦ଟି ମ୍ୟାଚରୁ ୨୫୪ ରନ, ବିଜୟ ହଜାର ଟ୍ରଫିରେ ୪ଟି ମ୍ୟାଚରୁ ୧୩୨ରନ ସଂଗ୍ରହ କରିଥିଲେ। ଅନେକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ମଧପ୍ରଦେଶ ନିମନ୍ତେ ଉପଯୋଗୀ ପାଳି ଖେଳି ଦଳକୁ ବିପର୍ଯ୍ୟୟରୁ ଉଦ୍ଧାର କରିଥିଲେ। ମାତ୍ର ଗୋଟିଏ ସିଜନ ଖେଳିବା ପରେ ତାଙ୍କୁ ଘରୋଇ ଦଳକୁ ଫେରାଇ ଆଣିବା ନିମନ୍ତେ ଓସିଏ ଉଦ୍ୟମ କରିଛି। ଜଣେ ବରିଷ୍ଠ ପଦାଧିକାରୀଙ୍କ କହିବା ଅନୁସାରେ, ଆଗାମୀ ଦିନରେ ଓଡ଼ିଶା କ୍ରିକେଟ ଲିଗ୍(ଓସିଏଲ୍) ବଡ଼ ଧରଣର ଆୟୋଜନ ହେବ। ଏହାଛଡ଼ା ଓଡ଼ିଶା ସିନିୟର ଦଳ ଏପ୍ରିଲ ମାସରେ ଶ୍ରୀଲଙ୍କା ଗସ୍ତରେ ଯିବ। ଦଳରେ କିଛି ନବାଗତ ଖେଳାଳି ସାମିଲ ହେବେ। ଏହି ସବୁ ମ୍ୟାଚ୍ ସୂଚୀ ନିମନ୍ତେ ଶୁଭ୍ରାଂଶୁଙ୍କୁ ଓଡିଶା ଫେରାଇ ଆଣିବାକୁ ଆଲୋଚନା ହୋଇଛି। ବର୍ତ୍ତମାନ ସୁଦ୍ଧା ଏହି ଘଟଣାରେ କୌଣସି ସ୍ପଷ୍ଟତା ଆସିନାହିଁ ବୋଲି ଓସିଏ ତରଫରୁ କୁହାଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୧୨କଂଗ୍ରେସର...

ସମାନ କାରଣ ପାଇଁ ଗୃହ କାର୍ଯ୍ୟକୁ ବାଚସ୍ପତି ମୁଲତବୀ ଘୋଷଣା କରିଥିଲେ। କଂଗ୍ରେସ ଓ ବିଜେପିର ପ୍ରଦର୍ଶନ ଯୋଗୁଁ ପ୍ରଶ୍ନକାଳ ଓ ଶୂନ୍ୟକାଳରେ କୌଣସି କାର୍ଯ୍ୟ ହୋଇପାରି ନ ଥିବାବେଳେ ଅପରାହ୍ନ ଅଧିବେଶନରେ କଂଗ୍ରେସ ପୁଣି ଥରେ ଘଣ୍ଟ ବାଡ଼େଇ ପ୍ରଦର୍ଶନ ଆରମ୍ଭ କରିବା ପରେ ଅପରାହ୍ନ ଅଧିବେଶନରେ ବାଚସ୍ପତି ନିଲମ୍ବନ ପରି ଚରମ ନିଷ୍ପତ୍ତି ନେଇଛନ୍ତି ।

ନିଲମ୍ବିତ ହୋଇଥିବା କଂଗ୍ରେସ ବିଧାୟକମାନେ ହେଲେ ରାମଚନ୍ଦ୍ର କାଡାମ, ଡାକ୍ତର ସିଏସ ରାଜନ ଏକ୍କା, ସୋଫିଆ ଫିର୍ଦ୍ଦୋସ, ପବିତ୍ର ସାଉଁଟା, ଅଶୋକ ଦାସ, ଦାଶରଥୀ ଗମାଙ୍ଗ, ମଙ୍ଗୁ ଖିଲ, ନୀଳମାଧମ ହିକ୍‌କା, ପ୍ରଫୁଲ ପ୍ରଧାନ, କାଡ୍ରାକା ଆପାଲାସ୍ୱାମୀ, ସତ୍ୟଜିତ ଗମାଙ୍ଗ ଓ ସାଗର ଦାସ। ସେମାନେ ନିଲମ୍ବନ ପରିପ୍ରେକ୍ଷୀରେ ବିଧାନସଭାର ଆଗାମୀ ୭ଟି କାର୍ଯ୍ୟଦିବସରୁ ଦୂରେଇ ରହିବେ। ତେବେ ବିଧାନସଭାରେ ପ୍ରତିନିଧିତ୍ୱ କରୁଥିବା କଂଗ୍ରେସର ମୋଟ ୧୪ ବିଧାୟକଙ୍କ ମଧ୍ୟରୁ ୧୨ ଜଣଙ୍କୁ ନିଲମ୍ବିତ କରାଯାଇଛି। ଏହି ତାଲିକାରୁ କିଛିଦିନ ତଳେ ନିଲମ୍ବିତ ହୋଇ ବିଧାନସଭାକୁ ଫେରିଥିବା ବରିଷ୍ଠ ନେତା ତାରା ପ୍ରସାଦ ବାହିନୀପତି ଓ ରମେଶ ଜେନା ବାଦ୍ ପଡ଼ିଛନ୍ତି। ଏହି ଅଧିବେଶନରେ ଶ୍ରୀ ବାହିନୀପତି ୭ଟି କାର୍ଯ୍ୟଦିବସ ପାଇଁ ନିଲମ୍ବିତ ହୋଇଥିବା ବେଳେ ଶ୍ରୀ ଜେନା ଗୃହରେ କିଛି ଦିନ ହେଲା ଗୃହରେ ଅନୁପସ୍ଥିତ ରହିଆସିଛନ୍ତି।

ବିରୋଧୀ କଂଗ୍ରେସ ଓ ବିଜେଡି ପକ୍ଷରୁ କ୍ରମାଗତ ଭାବେ ବିଧାନସଭାରେ ବିରୋଧ ହୋଇଆସୁଥିବା ବେଳେ ଏହି କାରଣରୁ ଗତ ୧୨ ଦିନ ହେଲା ଗୃହ କାର୍ଯ୍ୟ ବାଧାପ୍ରାପ୍ତ ହୋଇଆସିଛି। କଂଗ୍ରେସ ଦଳର ବିଧାୟକମାନେ ରାଜ୍ୟରେ ମହିଳାଙ୍କ ବିରୋଧରେ ଅପରାଧ ଘଟଣା କ୍ରମଶଃ ବଢ଼ିଚାଲିଥିବା ବଳେ ଏହାର ତଦନ୍ତ ପାଇଁ ଗୃହ କମିଟି ଗଠନ ସକାଶେ ଦାବି କରିଆସିଛନ୍ତି। ଏଥିସହ ଆଜି ବିଜେଡିର ବିଧାୟକମାନେ ସରକାରୀ ଚାକିରିରେ ଓବିସିଙ୍କ ପାଇଁ ୨୭ ପ୍ରତିଶତ ସଂରକ୍ଷଣ ସକାଶେ ଦାବି କରିଥିଲେ।

ତେବେ ନିଲମ୍ବନ ଘୋଷଣା ପରେ କଂଗ୍ରେସ ବିଧାୟକମାନେ ଗୃହ ମଧ୍ୟରେ ପ୍ରତିବାଦ ଜାରି ରଖିବାରୁ ବାଚସ୍ପତି ଶ୍ରୀମତୀ ପାଢ଼ୀ ଗୃହକୁ ବାରମ୍ବାର ମୁଲତବୀ ଘୋଷଣା କରିଥିଲେ। ଏଥିସହ ବାଚସ୍ପତି ନିଲମ୍ବିତ ହୋଇଥିବା ସଦସ୍ୟମାନଙ୍କୁ ଗୃହରୁ ବାହାର କରିବା ପାଇଁ ମାର୍ଶାଲଙ୍କୁ ପରାମର୍ଶ ଦେଇଥିଲେ। କିନ୍ତୁ ମାର୍ଶାଲଙ୍କ ଅନୁରୋଧ ପରେ ମଧ୍ୟ ନିଲମ୍ବିତ ବିଧାୟକମାନେ ଗୃହରେ ବସି ରହିଥିଲେ। ଏହି ନିଷ୍ପତ୍ତିକୁ କଡ଼ା ଭାଷାରେ ସମାଲୋଚନା କରିବା ସହ ଶ୍ରୀ ବାହିନୀପତି କହିଛନ୍ତି ଯେ ରାଜ୍ୟରେ ନାରୀମାନଙ୍କ ସୁରକ୍ଷା ପାଇଁ କଂଗ୍ରେସ ତା'ର ଆନ୍ଦୋଳନ ଜାରି ରଖିବ। ଆଜି ବାଚସ୍ପତି ନେଇଥିବା ନିଷ୍ପତ୍ତି କଦାପି କଂଗ୍ରେସ ବିଧାୟକମାନଙ୍କୁ ସେମାନଙ୍କ ଲକ୍ଷ୍ୟପଥରୁ ବିଚ୍ୟୁତ କରିପାରିବ ନାହିଁ। ନିଲମ୍ବନ ସତ୍ତ୍ୱେ କଂଗ୍ରେସ ପାଟି କେହି ବି ବନ୍ଦ କରିପାରିବେ ନାହିଁ। ବିଧାନସଭାରେ କଂଗ୍ରେସ ତା'ର ବିରୋଧ ଜାରି ରଖିବ ଓ ଯେ ପର୍ଯ୍ୟନ୍ତ ରାଜ୍ୟର ନାରୀମାନଙ୍କ ସୁରକ୍ଷା ଦିଗରେ ସରକାର ଠୋସ୍ ପଦକ୍ଷେପ ନ ନେଇଛନ୍ତି, ସେ ପର୍ଯ୍ୟନ୍ତ କଂଗ୍ରେସ ପଛକୁ ହଟିବାର ପ୍ରଶ୍ନ ନାହିଁ ବୋଲି ଶ୍ରୀ ବାହିନୀପତି କହିଛନ୍ତି। ସେହିପରି ପିସିସି ସଭାପତି ଭକ୍ତ ଚରଣ ଦାସ ବାଚସ୍ପତିଙ୍କ ନିଲମ୍ବନ ଆଦେଶକୁ ଅଗଣତାନ୍ତ୍ରିକ ବୋଲି କହିବା ସହ ତୁରନ୍ତ ଏହାକୁ ପ୍ରତ୍ୟାହର କରିନେବା ସକାଶେ ଦାବି କରିଛନ୍ତି। ରିପୋର୍ଟ ଲେଖାହେବା ବେଳକୁ କଂଗ୍ରେସ ବିଧାୟକମାନେ ବିଧାନସଭାରେ ସେମାନଙ୍କ ପ୍ରତିବାଦ ଜାରି ରଖିଛନ୍ତି।ଅନ୍ୟପକ୍ଷରେ ଏହାକୁ ବିରୋଧ କରି ସନ୍ଧ୍ୟାରେ କଂଗ୍ରେସ କର୍ମୀମାନେ ବିଧାନସଭା ମଧ୍ୟକୁ ପ୍ରବେଶ କରିବା ସକାଶେ ଉଦ୍ୟମ କରିଥିଲେ। ଖବର ପ୍ରଚାରିତ ହେବା ପରେ ଶତାଧିକ କଂଗ୍ରେସ କର୍ମୀ ବିଧାନସଭା ସମ୍ମୁଖରେ ପହଞ୍ଚି ଦଳର ବିଧାୟକମାନଙ୍କ ବିରୋଧରେ ହୋଇଥିବା କାର୍ଯ୍ୟାନୁଷ୍ଠାନକୁ ପ୍ରବଳ ବିରୋଧ କରିବା ସହ ସରକାରଙ୍କ ବିରୋଧରେ ନାରା ଦେଇଥିଲେ। ଏଥିରେ ଦଳର ଅନେକ ବରିଷ୍ଠ ନେତା ମଧ୍ୟ ସାମିଲ୍ ହୋଇଥିଲେ। ସେମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓ ଜୟଦେବ ଜେନା, ପିସିସି ସଭାପତି ଭକ୍ତ ଚରଣ ଦାସ, ପୂର୍ବତନ ମନ୍ତ୍ରୀ ଶରତ ରାଉତଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ଗେଟ୍ ସମ୍ମୁଖରେ ଧାରଣାରେ ବସିଥିଲେ। ପରେ ସେମାନେ ହୋହାଲ୍ଲା କରିବା ସହ ଧସେଇ ପଶିବା ପାଇଁ ଉଦ୍ୟମ କରିଥିଲେ। ସେଠାରେ ମହଜୁଦ ଥିବା ପୁଲିସ୍ ସେମାନଙ୍କୁ ରୋକିବା ସକାଶେ ଉଦ୍ୟମ କରିବାରୁ ବିଧାନସଭା ଗେଟ୍ ସମ୍ମୁଖରେ ଏକରକମ ଖଣ୍ଡଯୁଦ୍ଧ ହୋଇଥିଲା। କିଛି ସମୟ ପାଇଁ ଉକ୍ତ ଅଞ୍ଚଳଟି ରଣକ୍ଷେତ୍ର ପାଲଟିଯାଇଥିଲା। ବେଶ୍ କିଛି ସମୟ ଧସ୍ତାଧସ୍ତି ଚାଲିବା ପରେ ପୁଲିସ୍ କେତେକ କଂଗ୍ରେସ କର୍ମୀଙ୍କ ସହ କେତେକ ବରିଷ୍ଠ ନେତାଙ୍କୁ ଉଠାଇ ନେଇ ଅଟକ ରଖିଥିବା ଜଣାପଡ଼ିଛି। ଏଥିସହ ଦଳର ପ୍ରଭାରୀ ଅଜୟ କୁମାର ଲଲ୍ଲୁ ମଧ୍ୟ ବିଧାନସଭା ସମ୍ମୁଖରେ ପହଞ୍ଚି ଦଳୀୟ ବିଧାୟକଙ୍କ ବିରୋଧରେ ହୋଇଥିବା କାର୍ଯ୍ୟାନୁଷ୍ଠାନକୁ କଡ଼ା ସମାଲୋଚନା କରିଥିଲେ।

### ସାଥ୍ ଦେଲାନି...

ଆଦୌ ସମର୍ଥନ କରିବ ନାହିଁ ବୋଲି କହିଥିଲେ। ଏଥିସହ ବାଚସ୍ପତି ମଧ୍ୟ ଠିକ୍ ନିଷ୍ପତ୍ତି ନେଇନଥିବା କହିଛନ୍ତି। ସେ କହିଛନ୍ତି ଯେ ଗୃହ ହେଉଛି ବିରୋଧୀ ଦଳର। ପ୍ରଥମ ଦିନରୁ ଦାବି ମୁତାବକ ଆଲୋଚନା କରିଥିଲେ ଆଜି ଫଳ ଏପରି ହୋଇନଥାନ୍ତା। ବାଚସ୍ପତିଙ୍କ ଆହ୍ୱାନ ମନ୍ଦିରକୁ ମୁଖଶାଳା ବଳିଗଲା ଭଳି ହୋଇଛି। ବାଚସ୍ପତି ଗୃହର ନେତା, ବିରୋଧୀଦଳ ନେତା ଓ ଅନ୍ୟମାନଙ୍କୁ ଡାକନ୍ତୁ। ଏ ସମ୍ପର୍କରେ ବିଶଦ ଆଲୋଚନା କରାଯାଉ ଓ ତୁରନ୍ତ ଏହି ବିବାଦରେ ପୂର୍ଣ୍ଣଚ୍ଛେଦ ପକାଯାଉ। ବାଚସ୍ପତି କୌଣସି ଖରାପ ପରମ୍ପରା ସୃଷ୍ଟି କରନ୍ତୁ ନାହିଁ, ଯାହା ଗଣତନ୍ତ୍ର ପ୍ରତି ଆଗାମୀ ଦିନରେ ବଡ଼ ବିପଦ ସୃଷ୍ଟି କରିବ ବୋଲି ଶ୍ରୀ ସ୍ୱାଇଁ କହିଥିଲେ।

ଏହାଛଡ଼ା ବିଜେଡିର ଅନ୍ୟତମ ବିଧାୟକ ଗଣେଶ୍ୱର ବେହେରା ଏହି ପ୍ରସଙ୍ଗ କହିଛନ୍ତି ଯେ କଂଗ୍ରେସ ଯେତିକି ଅପରାଧ କରିନି, ତାକୁ ତିନିଗୁଣା ଦଣ୍ଡ ଦେଲେଣି ବାଚସ୍ପତି। କଂଗ୍ରେସ ପ୍ରଥମେ ମୁଖ୍ୟମନ୍ତ୍ରୀଙ୍କ ବିବୃତି ଦାବି କରିଥିଲା। ମୁଖ୍ୟମନ୍ତ୍ରୀ ବିବୃତି ଦେଲେନାହିଁ କାହିଁକି? ଏ ଗୃହରେ ବିରୋଧୀ ଦଳର ବିବୃତ୍ତି ଦାବି କରିବାର ଅଧିକାର ରହିଛି ଓ ପୂର୍ବର ମୁଖ୍ୟମନ୍ତ୍ରୀମାନେ ମଧ୍ୟ ବିରୋଧୀ ଦଳକୁ ସମ୍ମାନ ଦେଇ ବିବୃତି ରଖିଛନ୍ତି। କିନ୍ତୁ ଆଜି ବାଚସ୍ପତି କାହିଁକି ଏପରି ପରମ୍ପରାକୁ କାଏମ ରଖିଲେ ନାହିଁ ବୋଲି ଶ୍ରୀ ବେହେରା ପ୍ରଶ୍ନ କରିଥିଲେ। ଏଥିସହ ବାଚସ୍ପତି ବିରୋଧୀ ଦଳର ଦାବିକୁ ସମ୍ମାନ ଦେବା ଦରକାର। ନଚେତ୍ ଏହା ଏକ ଖରାପ ପରମ୍ପରା ସୃଷ୍ଟି କରିବ ବୋଲି ସେ କହିଥିଲେ। ତେବେ ବିଜେଡି ବିଧାୟକଙ୍କ ହଠାତ୍ ଏଭଳି ପଟ୍ଟ ପରିବର୍ତ୍ତନକୁ ନେଇ କଂଗ୍ରେସ ଆଶ୍ଚର୍ଯ୍ୟ ହେବା ସହ ଏହାର କାରଣ ଖୋଜୁଛି।

### ରାତି କାମ...

କରୁଥିଲେ। ଅନ୍ୟ ୩ ଜଣଙ୍କୁ ସେଠାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲେ ହେଁ ଚିକିତ୍ସାଧୀନ ଅବସ୍ଥାରେ ଆଉ ଜଣଙ୍କର ମୃତ୍ୟୁ ହୋଇଥିଲା। ଏହାଛଡ଼ା ଅବସ୍ଥା ସଙ୍କଟାପନ୍ନ ହେବାରୁ ଅନ୍ୟ ଜଣେ ଶ୍ରମିକଙ୍କୁ କଟକ ବଡ଼ ମେଡିକାଲ୍‌କୁ ପଠାଯାଇଥିବା ବେଳେ ସେଠାରେ ତାଙ୍କର ମଧ୍ୟ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ତେବେ ଏହି ଦୁର୍ଘଟଣା ପ୍ରତିବାଦରେ ସ୍ଥାନୀୟ ଲୋକେ କାମାକ୍ଷାନଗର-ଢେଙ୍କାନାଳ ରାସ୍ତା ଅବରୋଧ କରିଥିଲେ। ଖବର ପାଇ ସ୍ଥାନୀୟ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତାରୋକ ହଟିଥିଲା। ତେବେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଏନେଇ କୌଣସି ମାମଲା ରୁଜୁ ହୋଇନଥିବା କାମାକ୍ଷାନଗର ଏସ୍‌ଡିପିଓ ଜ୍ଞାନ ରଞ୍ଜନ ମିଶ୍ର କହିଛନ୍ତି। ଅନ୍ୟପକ୍ଷରେ ଏହି ଅଘଟଣ ପାଇଁ ସ୍ଥାନୀୟ ଲୋକେ ରାସ୍ତା କାମ କରୁଥିବା ଠିକା ସଂସ୍ଥାକୁ ଦାୟୀ କରିଛନ୍ତି। ବିଶେଷକରି ରାତି ସମୟରେ ରାସ୍ତାକାମ ଚାଲୁଥିଲେ ମଧ୍ୟ ଉକ୍ତ ରାସ୍ତା ଦେଇ ଯାଉଥିବା ଗାଡ଼ିମାନଙ୍କ ସକାଶେ କୌଣସି ପ୍ରକାର ସୂଚନା ଫଳକ ରହିନଥିଲା। ଅଧିକନ୍ତୁ କିଛି ଦିନ ତଳେ ଏହି ରାସ୍ତା କାମ ଚାଲିଥିବା ସମୟରେ ଏକ ଛୋଟକାଟିଆ ଦୁର୍ଘଟଣା ଘଟିଥିଲା। ତେଣୁ ଲୋକେ ରାତି ସମୟରେ ରାସ୍ତାକାମ ନ କରିବା ସକାଶେ ପରାମର୍ଶ ଦେଇଥିଲେ। କିନ୍ତୁ ଠିକା ସଂସ୍ଥା ଏଥିପ୍ରତି ଦୃଷ୍ଟି ନ ଦେବାରୁ ଆଜି ୩ ଜଣ ନିରୀହ ଶ୍ରମିକଙ୍କୁ ପ୍ରାଣ ହରାଇବାକୁ ପଡ଼ିଛି ବୋଲି ଲୋକେ କହିଛନ୍ତି। ଅନ୍ୟପକ୍ଷରେ ଦୁର୍ଘଟଣା ଘଟାଇବା ପରେ ଉକ୍ତ ଟ୍ରକ୍ ଡ୍ରାଇଭର୍ ଫେରାର୍ ହୋଇଯାଇଥିବା ବେଳେ ଅନ୍ୟ ଦୁଇ ମୃତକଙ୍କ ପରିଚୟ ମଧ୍ୟ ମିଳିପାରିନାହିଁ।

ତେବେ ଏପରି ଏକ ଅଘଟଣ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ ତୁରନ୍ତ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ମୃତକଙ୍କ ପରିବାର ସକାଶେ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିବା ସହ ଆହତଙ୍କ ମାଗଣା ଚିକିତ୍ସା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଚିକିତ୍ସାଧୀନ ଥିବା ବ୍ୟକ୍ତିଙ୍କ ଆଶୁ ଆରୋଗ୍ୟ ମଧ୍ୟ ମୁଖ୍ୟମନ୍ତ୍ରୀ କାମନା କରିଛନ୍ତି।

### ରାଜା ଚକ୍ର...

ପଚରାଉଚରା କରିଥିଲା। ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ମାଧ୍ୟମରେ ସାଧାରଣ ଲୋକଙ୍କ ବିକାଶ ପାଇଁ ଉଦ୍ଦିଷ୍ଟ କୋଟି କୋଟି ଟଙ୍କା ହଡ଼ପ କରାଯାଇଥିବା ସାମ୍ନାକୁ ଆସିଥିବା ବେଳେ ଏଥିରେ ବିଜେଡିର ବହୁ ପ୍ରମୁଖ ନେତା ଜଡ଼ିତ ଥିବା ଅନୁମାନ କରାଯାଉଛି। ପୂର୍ବର ବିଜେଡି ସରକାର ଅମଳରେ ରାଜା ଅଧିକ ବଳୀୟାନ ହେବା ସହ ଜଣେ ସାଧାରଣ ବସ୍ ହକରରୁ କୋଟି କୋଟି ଟଙ୍କାର ମାଲିକ ବନିଯାଇଥିଲେ। ଏହି ଦୁର୍ନୀତି ମାମଲାରେ ଆଗାମୀ ଦିନରେ ବହୁ ବିଜେଡି ନେତା ଫସିବାର ସମ୍ଭାବନା ମଧ୍ୟ ପ୍ରକଟ କରାଯାଉଛି।

### ବିଜେଡି ମାର୍କା...

ନିକଟକୁ ଆସିଛି। ଆଶିଷ ଠାକେରଙ୍କ କାର୍ଯ୍ୟକାଳ ସମୟରେ କେନ୍ଦୁଝରର ବହୁ ଏନ୍‌ଜିଓ ଏକପ୍ରକାର ନିଜର ସତ୍ତା ହରାଇଛନ୍ତି।

କେବଳ କେନ୍ଦୁଝର ନୁହେଁ, ରାଜ୍ୟର ବିଭିନ୍ନ ଜିଲ୍ଲାରେ ଥିବା କେତେକ ବିଜେଡି ମାର୍କା ଏନଜିଓ ସେତେବେଳର ମନ୍ତ୍ରୀ, ନେତା ଓ ବାବୁଙ୍କୁ ହାତ କରି କୋଟିକୋଟି ଟଙ୍କାର କାମ ହାତେଇ ନେଇଥିବା ଅନେକ କାମ କେବଳ କାଗଜପତ୍ରରେ କରିଦେଇଥିବା ଏନଜିଓମାନେ ଚିନ୍ତାରେ ପଡ଼ିଛନ୍ତି । ଖୋଳତାଡର ସୂଚନା ପାଇବା ପରେ ଏବେ ରାଜଧାନୀରେ ଆସି ଚକ୍କର କାଟିବାରେ ଲାଗିଛନ୍ତି। ଏପରିକି ସେମାନଙ୍କ ସେତେବେଳେ କାମ ଦେଇଥିବା କିଛି ବାବୁଙ୍କ ଶରଣରେ ମଧ୍ୟ ପଶିଛନ୍ତି। ଇତି ମଧ୍ୟରେ ବିଜେଡି ମାର୍କା ଏନଜିଓଙ୍କ ଦୌରାତ୍ମ୍ୟରେ ମାଟି କାମୁଡିଥିବା କିଛି ଛୋଟବଡ଼ ଏନଜିଓ ଏବେ ପୂର୍ବ ସରକାରର ଗେହ୍ଲାପୁଅ ସାଜିଥିବା ସଂସ୍ଥାଙ୍କ ସଂକ୍ରାନ୍ତରେ ସୂଚନା ସଂଗ୍ରହ କରିବାରେ ଲାଗିପଡ଼ିଛନ୍ତି। ଏହାର ସୂଚନା ଏବେ ଅନେକ ବିଜେଡିମାର୍କା ଏନଜିଙ୍କୁ ଛାନିଆ କରିଥିବା ବେଳେ ଏହାକୁ ନେଇ ଏକପ୍ରକାର ହଇଚଇ ସୃଷ୍ଟି ହୋଇଛି। ତେବେ ନୂଆ ବିଜେଡି ମାର୍କା ଏନଜିଙ୍କ କାରନାମା ପଦାରେ ପକାଇବା ସହିତ କେବେ ସେମାନେ ଲିପ୍ତ ଥିବା ଅନିୟମିତତା ପଦାକୁ ଆସୁଛ, ତାହା ଉପରେ ସମସ୍ତଙ୍କ ନଜର ।

### କାର୍ଯ୍ୟନିର୍ବାହୀ...

୪.୫ ବିଏଚ୍‌କେ ଫ୍ଲାଟ୍ କିଣିବା ପାଇଁ ୫୬.୪୦ ଲକ୍ଷ ଟଙ୍କା ଅଗ୍ରୀମ ଆକାରରେ ଦିଆଯାଇଛି। ଏହାଛଡ଼ା ତାଙ୍କର ଭୁବନେଶ୍ୱର, ଜଟଣୀ, ବ୍ରହ୍ମପୁର ଓ ଗଞ୍ଜାମର ବିଭିନ୍ନ ଜିଲ୍ଲାରେ ୧୧ଟି ଦାମୀ ପ୍ଲଟ୍ ମଧ୍ୟ ରହିଥିବା ଭିଜିଲାନ୍ସ ଅଧିକାରୀମାନେ ଖୋଳତାଡ଼ ସମୟରେ ଜାଣିବାକୁ ପାଇଛନ୍ତି।

ଆହୁରି ତାଙ୍କ ଘରୁ ଗୋଟିଏ ମାରୁତି ୱାଗନ ଆର୍ କାର୍ ସହ ୩ଟି ଦୁଇଚକିଆକୁ ମଧ୍ୟ ଜବତ କରାଯାଇଛି।

ତା'ଛଡ଼ା ତାଙ୍କ ନାମରେ ୨୦ଟି ବ୍ୟାଙ୍କ୍ ଆକାଉଣ୍ଟ୍, ଡାକଘର ଜମା ଓ ବୀମା ଓ ନିବେଶ ସଂକ୍ରାନ୍ତ କାଗଜପତ୍ର ମଧ୍ୟ ଜବତ କରାଯାଇଛି। ସେହିପରି ବ୍ରହ୍ମପୁରର ମେଡିକାଲ୍ କ୍ୟାମ୍ପସ୍ ଏସ୍‌ବିଆଇ ଶାଖାରେ ତାଙ୍କର ଏକ ଲକର୍ ମଧ୍ୟ ଥିବା ଜଣାପଡ଼ିଛି।

ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ତଦନ୍ତ ଚାଲୁ ରହିଥିବାରୁ ଶ୍ରୀ ପାଟ୍ଟଯୋଶୀଙ୍କ ଆହୁରି ଯଥେଷ୍ଟ ସମ୍ପତ୍ତି ସାମ୍ନାକୁ ଆସିବାର ସମ୍ଭାବନା ରହିଛି।

### ସ୍କୁଲ ପିଲାଙ୍କୁ...

ଶିକ୍ଷାବର୍ଷରୁ ଏହା ଲାଗୁ ହେବ ବୋଲି ଜଣାପଡ଼ିଛି। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ ଏସକେ ମହାପାତ୍ର ପିଏମ ପୋଷଣ କାର୍ଯ୍ୟକ୍ରମର ଷ୍ଟେଟ୍ ନୋଡାଲ ଅଫିସରଙ୍କୁ ଚିଠି ଲେଖିଛନ୍ତି। ଉକ୍ତ ଚିଠିରେ ଉଲ୍ଲେଖ ରହିଛି ଯେ ପିଏମ ପୋଷଣ ଅଧୀନରେ ପିଲାଙ୍କ ଶରୀରରେ ପୋଷଣର ମାତ୍ରା ବଢ଼ାଇବା ହେଉଛି ପ୍ରମୁଖ ଲକ୍ଷ୍ୟ।

ଅଣ୍ଡାରେ ପୁଷ୍ଟିସାର ସହ ଲୌହସାର ମାତ୍ରା ରହିଛି। ପ୍ରାଥମିକ ସ୍ତରରେ ପ୍ରଥମରୁ ଅଷ୍ଟମ ଓ ମାଧ୍ୟମିକ ସ୍ତରରେ ନବମ ଓ ଦଶମ ଶ୍ରେଣୀ ପିଲାଙ୍କ ପାଇଁ ଏହା ଲାଗୁ ହେବ ବୋଲି ଉକ୍ତ ଚିଠିରେ ଅତିରିକ୍ତ ସଚିବ ଉଲ୍ଲେଖ କରିଛନ୍ତି।

### ବିଧାନସଭାରେ ରାଜ୍ୟସ୍ତରୀୟ ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ ଉଦ୍‌ଘାଟିତ

# ଯୁବବର୍ଗ ସଶକ୍ତ ସମାଜ ନିର୍ମାଣର ଆଧାର: ବାଚସ୍ପତି

ଭୁବନେଶ୍ୱର,୨୫।୩(ସଂଚାର ବ୍ୟୁରୋ): ଆଜିର ଯୁବବର୍ଗ ହେଉଛି ଆମ ସମସ୍ତଙ୍କ ପାଇଁ ଅମୂଲ୍ୟ ସମ୍ପଦ ଓ ଆସନ୍ତାକାଲିର ଭବିଷ୍ୟତ। ଯୁବବର୍ଗ ସଶକ୍ତ ସମାଜ ନିର୍ମାଣର ଆଧାର। ବିକଶିତ ଓଡ଼ିଶା-୨୦୩୬ ଓ ବିକଶିତ ଭାରତ-୨୦୪୭ ଲକ୍ଷ୍ୟ ପୂରଣ କରିବାରେ ଯୁବବର୍ଗଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବିଧାନସଭା ପରିସରରେ ଆରମ୍ଭ ହୋଇଥିବା ରାଜ୍ୟସ୍ତରୀୟ ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ ନିଶ୍ଚିତ ରୂପେ ଯୁବ ନେତୃତ୍ୱର ବିକାଶରେ ସହାୟକ ହେବ। ତୃଣମୂଳ ସ୍ତରରୁ ଜାତୀୟ ସ୍ତର ପର୍ଯ୍ୟନ୍ତ ଯୁବଶକ୍ତିର ବିକାଶରେ ହିଁ ଦେଶର ବିକାଶ ହୋଇପାରିବ ବୋଲି ମତ ବ୍ୟକ୍ତ କରିଛନ୍ତି ବାଚସ୍ପତି ସୁରମା ପାଢ଼ୀ। ବିଧାନସଭା ସମ୍ମିଳନୀ କକ୍ଷରେ ରାଜ୍ୟସ୍ତରୀୟ ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଦୁଇଦିନ ଧରି ହେବାକୁ ଥିବା ଏହି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ପ୍ରାୟ ୧୪୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ ଆଗାମୀ ଦିନରେ ଜାତୀୟ ସ୍ତରରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ।

ଆଜିର କାର୍ଯ୍ୟକ୍ରମରେ ଉପ-ବାଚସ୍ପତି ଭବାନୀ ଶଙ୍କର ଭୋଇ, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଇଲେକଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ବାଲେଶ୍ୱର ବିଧାୟକ ମାନସ କୁମାର ଦତ୍ତ, ବିଧାନସଭା ସଚିବ ସତ୍ୟବ୍ରତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟର ଆନୁକୂଲ୍ୟରେ ଆୟୋଜିତ ହେଉଥିବା ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ ମାଧ୍ୟମରେ ଯୁବ ପ୍ରତିଭା ଏବଂ ଯୁବ ନେତୃତ୍ୱ ବିକାଶ ହେବାର ଲକ୍ଷ୍ୟ ରଖାଯାଇଛି।



## ତୁରନ୍ତ ଅପାରଗ ଅଧିକାରୀଙ୍କୁ ତଡ଼: ମୁଖ୍ୟ ସଚିବ



- ଜିଏପିଜି ନିର୍ଦ୍ଦେଶନାମା କଡ଼ାକଡ଼ି ପାଳନ ପାଇଁ ନିର୍ଦ୍ଦେଶ
- ନିୟମିତ ବ୍ୟବଧାନରେ ସମୀକ୍ଷା ପାଇଁ ସଚିବଙ୍କୁ ତାଗିଦ୍

**ଭୁବନେଶ୍ୱର,୨୫।୩(ସଂଚାର ବ୍ୟୁରୋ):** କାର୍ଯ୍ୟରେ ସନ୍ଦେହ ରହୁଥିବା, ସଚ୍ଚୋଟତା ବା ସାଧୁତାର ଅଭାବ ଥିବା କିମ୍ବା ଅପାରଗ ଅଧିକାରୀ ଓ କର୍ମଚାରୀଙ୍କୁ ସେମାନଙ୍କର ପ୍ରକୃତ ଅବସର ସମୟ ପୂର୍ବରୁ ସରକାରୀ ସେବାରୁ ବହିଷ୍କାର କରାଯିବ। ଏ ସଂକ୍ରାନ୍ତ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ (ଜିଏପିଜି) ବିଭାଗ ନିର୍ଦ୍ଦେଶନାମାକୁ କଡ଼ାକଡ଼ି ଭାବେ ପାଳନ କରିବା ସକାଶେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗତକାଲି ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କିତ ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରି ପ୍ରଶାସନିକ ବ୍ୟବସ୍ଥାକୁ ଅପାରଗ, ଅଳସୁଆ ଓ ଦୁର୍ନୀତିଖୋର୍ ବାବୁମାନଙ୍କୁ ହଟାଇବା ସକାଶେ ମୁଖ୍ୟ ଶାସନ ସଚିବ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀ ଆହୁଜା ସରକାରଙ୍କ ସମସ୍ତ ବିଭାଗର ସଚିବଙ୍କୁ ଲେଖିଥିବା ଚିଠିରେ ଉଲ୍ଲେଖ କରିଛନ୍ତି ଯେ ଓଡ଼ିଶା ସେବା କୋଡ୍‌ର ନିୟମ-୭୧( ଧାରା-କ) ଅନୁଯାୟୀ, ସରକାରୀ କର୍ମଚାରୀଙ୍କ ଅକାଳ ଅବସର ବା ପ୍ରି-ମାଚ୍ୟୁର ରିଟାୟରମେଣ୍ଟ ମାମଲାର ସମାଧାନ ପ୍ରକ୍ରିୟାକୁ ଶୃଙ୍ଖଳିତ କରିବା ଓ ପ୍ରଶାସନିକ ଦକ୍ଷତାକୁ ସୁନିଶ୍ଚିତ କରିବା ନିମନ୍ତେ ଜିଏପିଜି ବିଭାଗ ପକ୍ଷରୁ ଗତ ୨୦୧୯ ସେପ୍ଟେମ୍ବର ୯ ତାରିଖରେ ୨୭୦୩୭ ନମ୍ବରରେ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି। କିନ୍ତୁ ଉକ୍ତ ନିର୍ଦ୍ଦେଶନାମାକୁ କେତେକ ବିଭାଗ ସଠିକ୍ ଭାବେ ପାଳନ କରୁନଥିବା ସରକାରଙ୍କ ନଜରକୁ ଆସିଛି। ଫଳରେ ଏହି ନିର୍ଦ୍ଦେଶନାମାର ପ୍ରକୃତ ଉଦ୍ଦେଶ୍ୟ ସାଧିତ ହୋଇପାରୁନାହିଁ। ଏବେ ବି ସଚ୍ଚୋଟତା ଓ ଦକ୍ଷତାର ମାନରେ ସ୍ପଷ୍ଟ ଅଭାବ ଥିବା କେତେକ ଅଧିକାରୀ ଓ କର୍ମଚାରୀ ସରକାରୀ ଚାକିରିରେ ରହିଛନ୍ତି। ଏହା କେବଳ ବ୍ୟବସ୍ଥାରେ ଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରୁନାହିଁ, ବରଂ ଜନସାଧାରଣଙ୍କ ସ୍ୱାର୍ଥ ପାଇଁ ମଧ୍ୟ କ୍ଷତିକାରକ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ କାର୍ଯ୍ୟରେ ସନ୍ଦେହଜନକ, ସଚ୍ଚୋଟତା ଅଭାବ ଓ ଅପାରଗ ସରକାରୀ ଚାକିରିଆମାନଙ୍କୁ ତୁରନ୍ତ ସେବାରୁ ହଟାଇ ସରକାରୀ କାର୍ଯ୍ୟାଳୟଗୁଡ଼ିକର ପ୍ରଭାବଶାଳୀ କାର୍ଯ୍ୟକାରିତା ସୁନିଶ୍ଚିତ କରାଯିବା ଜରୁରୀ। ତେଣୁ ଜିଏପିଜି ବିଭାଗ ନିର୍ଦ୍ଦେଶନାମା ପାଳନ ସଂକ୍ରାନ୍ତରେ ନିୟମିତ ବ୍ୟବଧାନରେ ସମୀକ୍ଷା କରିବା ସକାଶେ ଶ୍ରୀ ଆହୁଜା ପ୍ରତି ବିଭାଗର ସଚିବମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥସହ ସେମାନଙ୍କ ଅଧୀନରେ କାର୍ଯ୍ୟ କରୁଥିବା ସମସ୍ତ ବିଭାଗୀୟ ମୁଖ୍ୟମାନଙ୍କୁ ଏ ସମ୍ପର୍କରେ ନିର୍ଦ୍ଧାରିତ ସମୟରେ ସମୀକ୍ଷା ବୈଠକ କରିବାକୁ ମଧ୍ୟ ମୁଖ୍ୟ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

## ଖୋଲୁଛି ଲେଡି ଠକଙ୍କ କାରନାମା ଗୁମର



**ପୁରୀ,୨୫।୩(ସଂଚାର ବ୍ୟୁରୋ):** ଧୀରେ ଧୀରେ ଖୋଲୁଛି ଲେଡି ଠକ ତିଳୋତ୍ତମା ପ୍ରଧାନଙ୍କ କଳାକାରନାମାର ଗୁମର। ପୁରୀ ଚନ୍ଦନପୁର କୋଳିଆପଡ଼ାର ତିଳୋତ୍ତମାଙ୍କୁ ଠକେଇ ଅଭିଯୋଗରେ ଗିରଫ କରାଯାଇଥିବା ବେଳେ ଆଜି ତାଙ୍କ ବ୍ୟାଙ୍କ୍ ଆକାଉଣ୍ଟ ଫ୍ରିଜ କରାଯାଇଛି। ଏନେଇ ପୁରୀ ଏସପି କହିଛନ୍ତି ଯେ ଘଟଣାର ତଦନ୍ତ ଜାରି ରହିଛି। ଉକ୍ତ ଠକ ମହିଳାଙ୍କଠାରୁ ସୁନା କିମ୍ବା ଟଙ୍କା କିଛି ଜବତ ହୋଇନାହିଁ। ତେବେ ବିପୁଳ ସୁନା ଓ ଟଙ୍କାର ଭିଡିଓ ଭାଇରାଲ ହୋଇଥିବା ବେଳେ ଏହା ସହ ଲେଡି ଠକ ତିଳୋତ୍ତମାଙ୍କର କିଭଳି ସମ୍ପୃକ୍ତି ରହିଛି, ତାହା ଜାଣିବା ସକାଶେ ତଦନ୍ତ ହେବ। ଏହାଛଡ଼ା ଉକ୍ତ ଭିଡିଓ କେବେ ଶୁଟ୍ ହୋଇଥିଲା, ତା'ର ମଧ୍ୟ ଖୋଳତାଡ଼ ହେବ ବୋଲି ଏସ୍‌ପି କହିଛନ୍ତି। ଏଥିସହ ତିଳୋତ୍ତମ ଠକିଥିବା ଲୋକମାନେ କିପରି ସେମାନଙ୍କ ଟଙ୍କା ଫେରିପାଇବେ, ସେ ଦିଗରେ ମଧ୍ୟ ପଦକ୍ଷେପ ନିଆଯିବ ବୋଲି ଏସପି କହିଛନ୍ତି। ତିଳୋତ୍ତମାଙ୍କ ବିରୋଧରେ ହୋଇଥିବା ଅଭିଯୋଗ ଅନୁଯାୟୀ, ତିଳୋତ୍ତମା ଗୋଲାପଡା ଗାଁର ଦୁର୍ଯ୍ୟୋଧନ ସ୍ୱାଇଁଙ୍କୁ ଗତ ୨୦୧୯ରେ ଶିରୁଳି ମହାବୀର ମନ୍ଦିରରେ ୫ ହଜାର ଲୋକଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରିବାକୁ କହିଥିଲେ। ଏଥିସକାଶେ ୧ ହଜାର ଟଙ୍କା ଲେଖାଏଁ ଦେଲେ ପରେ ବ୍ୟାଙ୍କରୁ ଜଣ ପିଛା ୫ ହଜାର ଟଙ୍କା ମିଳିବ ବୋଲି ସେ ଲୋକଙ୍କୁ ଲୋଭନୀୟ ପ୍ରତିଶ୍ରୁତି ଦେଇଥିଲେ। ତାଙ୍କଦ୍ୱାରା ବିଛାଯାଇଥିବା ଏହି ଠକେଇ ଜାଲରେ କେତେକ ଲୋକ ଫସିଯାଇଥିଲେ। ଏପରିକି ପାଖାପାଖି ହଜାରେ ଲୋକ ମୁଣ୍ଡ ପିଛା ୧ ହଜାର ଟଙ୍କା ଲେଖାଏଁ ଦେଇଥିଲେ। ପରେ କିଛି ଲୋକଙ୍କୁ ଋଣ ନାଁରେ ତିଳୋତ୍ତମ ୫ ହଜାର ଲେଖାଏଁ ଟଙ୍କା ମଧ୍ୟ ଦେଇଥିଲେ। ସେ ପୁରୀ ସଦର, ସତ୍ୟବାଦୀ ଓ ଚନ୍ଦନପୁର ଅଞ୍ଚଳର ଲୋକଙ୍କୁ ଗୋଟିଏ ଗ୍ରୁପରେ ନିୟୋଜିତ କରି ପୁଣି ଏକ ଲୋଭନୀୟ ଅଫର ଦେଇ ଠକିଥିଲେ। ସେ ଏଥର ଦେଇଥିବା ପ୍ରତିଶ୍ରୁତିରେ କହିଥିଲେ ଯେ ୫ ହଜାର ଟଙ୍କା ଦେଲେ ୧୫ ଦିନ ମଧ୍ୟରେ ୨୦ ହଜାର ଟଙ୍କାର ଋଣ ଓ ୧୫ ହଜାର ଟଙ୍କା ଦେଲେ ୧୫ ଦିନ ମଧ୍ୟରେ ଲକ୍ଷେ ଟଙ୍କାର ଋଣ ମିଳିବ। ଏପରି ଲୋଭ ଦେଖାଇ ଗତ ୨୦୧୯ରେ ପ୍ରାୟ ୧୨ ଲକ୍ଷ ଟଙ୍କା ନେଇ ତିଳୋତ୍ତମା ଆଉ ଧରାଛୁଆଁ ଦେଇନଥିଲେ। ତିଳୋତ୍ତମାଙ୍କର ପୁରୀ ତାଳବଣିଆ ଥାନା ଅନ୍ତର୍ଗତ ଶ୍ରୀରାମ ନଗରରେ ଏକ ବିରାଟ କୋଠା ରହିଛି। ପୁରୀ ସହରରେ ମଧ୍ୟ ଅନେକ ଲୋକଙ୍କଠାରୁ ସେ ଏଭଳି ଠକେଇ କରିଥିବା ଗତ ଫେବ୍ରୁଆରୀ ୧୯ ତାରିଖରେ ଚନ୍ଦନପୁର ଥାନାରେ ଦିଆଯାଇଥିବା ଏତଲାରେ ଉଲ୍ଲେଖ ରହିଛି।

## ଧରାପଡ଼ିଲା ପରକୀୟା ପ୍ରୀତି
## ବିଷ ପିଇ ଆତ୍ମହତ୍ୟା ଉଦ୍ୟମ

ରାୟଗଡ଼ା,୨୫।୩(ସଂଚାର ବ୍ୟୁରୋ): ରାୟଗଡ଼ା ସହରରେ ଏକ ଅଭାବନୀୟ ଘଟଣା ଘଟିଛି। ଅନୈତିକ ସମ୍ପର୍କ ଧରାପଡ଼ିବା ପରେ ଉଭୟ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ପରକୀୟା ପ୍ରୀତି ଧରାପଡିବା ପରେ ଦୋଷ ଘୋଡ଼ାଇବାକୁ ଯାଇ ଉଭୟ ଏପରି ଚରମ ନିଷ୍ପତ୍ତି ନେଇଥିଲେ ହେଁ ଗୁରୁତର ଅବସ୍ଥାରେ ସେମାନଙ୍କୁ ଚିକିତ୍ସା ଜାରି ରହିଛି। ଚିକିତ୍ସା ନିମନ୍ତେ ପରିବାର ଲୋକେ ଉଭୟଙ୍କୁ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଉଭୟଙ୍କ ଅବସ୍ଥା ଗୁରୁତର ରହିଛି। ମିଳିଥିବା ସୂଚନା ମୁତାବକ, ରାୟଗଡ଼ା ସଦର ରଇତୋ କଲୋନୀ ଅନ୍ତର୍ଗତ ୭ ନମ୍ବର ଲେନ୍‌ରେ ରହୁଥିବା ୪୫ ବର୍ଷୀୟ କୋଡ଼ରୁ ରମେଶ ବିବାହିତ ହୋଇଥିଲେ ମଧ୍ୟ ତାଙ୍କ ପଡ଼ିଶା ଘରର ଜନୈକ ଯୁବତୀଙ୍କୁ ପ୍ରେମ କରୁଥିଲେ। ତେବେ ଉଭୟଙ୍କ ଏହି ସମ୍ପର୍କ ଧରାପଡ଼ିବା ପରେ ସେମାନେ ବିଷପିଇ ଆତ୍ମହତ୍ୟା ପାଇଁ ଉଦ୍ୟମ କରିଥିଲେ। ପରକୀୟା ପ୍ରୀତିରୁ ଏପରି ଏକ ଅଘଟଣ ଘଟିଥିବା ବେଳେ ଏହା ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟବସ୍ତୁ ହୋଇଛି।

### ଅନୁପ ହତ୍ୟାକାଣ୍ଡ ମାମଲାରେ ଆସିଲା ରାୟ
## ୪ ହତ୍ୟାକାରୀଙ୍କୁ ଆଜୀବନ ଜେଲ୍‌ଦଣ୍ଡାଦେଶ



ଭୁବନେଶ୍ୱର,୨୫।୩(ସଂଚାର ବ୍ୟୁରୋ): ବହୁଚର୍ଚ୍ଚିତ ଜଟଣୀ ହତ୍ୟାକାଣ୍ଡ ମାମଲାରେ ୪ ଜଣ ହତ୍ୟାକାରୀଙ୍କୁ ଆଜୀବନ ଜେଲଦଣ୍ଡାଦେଶ ଶୁଣାଇଛନ୍ତି ଏଡିଜେ କୋର୍ଟ-୨। ଆଜି ଗତ ୨୦୧୭ ମାର୍ଚ୍ଚ ୨ ତାରିଖରେ ଘଟିଥିବା ଜଟଣୀ ଅନୁପ ବେହେରା ହତ୍ୟାକାଣ୍ଡ ମାମଲାରେ ରାୟ ପ୍ରକାଶ ପାଇଛି। ଏଡିଜେ କୋର୍ଟ-୨ ପକ୍ଷରୁ ପ୍ରକାଶିତ ରାୟରେ ଦୋଷୀ ହାଲୁ ବେହେରା, ମୃଣାଳ ବେହେରା, ଗୋପୀନାଥ ବେହେରା ଓ ନାଲୁ ବେହେରାଙ୍କୁ ଆଜୀବନ ଜେଲ୍‌ଦଣ୍ଡାଦେଶ ଦିଆଯାଇଛି।ସୂଚନାନୁସାରେ, ଜଟଣୀରେ ୨୦୧୭ ମାର୍ଚ୍ଚ ୨ରେ ଘଟିଥିଲା ଏହି ହତ୍ୟାକାଣ୍ଡ। ଭଉଣୀଙ୍କୁ କମେଣ୍ଟ ମାରିବାରୁ ବଡ଼ଭାଇ ଅନୁପ ବିରୋଧ କରିଥିଲେ। ଏହାକୁ କେନ୍ଦ୍ର କରି ହାଲୁ, ମୃଣାଳ, ଗୋପୀନାଥ ଓ ନାଲୁ ମାରଣାସ୍ତ୍ର ସହ ଲୁହାରଡ଼୍‌ରେ ଅନୁପଙ୍କୁ ପିଟିପିଟି ହତ୍ୟା କରିଥିଲେ। ଏହି ବୀଭତ୍ସ ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଆଜୀବନ କାରାଦଣ୍ଡାଦେଶ ହେବା ପରେ ପରିବାର ଲୋକେ ଆଶ୍ୱସ୍ତ ହୋଇଛନ୍ତି।

## ଭୀମପୁର ଉନ୍ନୟନ କମିଟି କାର୍ଯ୍ୟାଳୟ ଲୋକାର୍ପିତ

- ଉଦ୍‌ଘାଟନ କଲେ ସାଂସଦ ଅପରାଜିତା ଷଡ଼ଙ୍ଗୀ
- ବରିଷ୍ଠ ନାଗରିକ ଡେ' କେୟାର୍ ପାଇଁ ୧୦ ଲକ୍ଷ ମଞ୍ଜୁର



ଭୁବନେଶ୍ୱର,୨୫।୩(ସଂଚାର ବ୍ୟୁରୋ): ଭୁବନେଶ୍ୱର ମହାନଗର ନିଗମ (ବିଏମସି)ର ୱାର୍ଡ ନମ୍ବର ୫୨ ଭୀମପୁର ଉନ୍ନୟନ କମିଟି କାର୍ଯ୍ୟାଳୟ ଆଜି ଲୋକାର୍ପିତ ହୋଇଛି। ଏହି ଅବସରରେ ଉନ୍ନୟନ କମିଟି ତା'ର ବାର୍ଷିକ ଉତ୍ସବ ପାଳନ କରିଥିବା ବେଳେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଯୋଗଦେଇ ଏହି କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟାଳୟଟି ୬୭ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଛି। ଏହି ଅବସରରେ ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ଉନ୍ନୟନ କମିଟିକୁ ସାଂସଦ ଉନ୍ନୟନ ପାଣ୍ଠି (ଏମ୍‌ପି ଲ୍ୟାଡ୍ ଫଣ୍ଡ)ରୁ ଆଉ ୧୦ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ଏହି ଅର୍ଥ ବିନିଯୋଗରେ ୫୨ ନମ୍ବର ୱାର୍ଡରେ ବସବାସ କରୁଥିବା ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବୀଙ୍କ ପାଇଁ ଏଠାରେ ଏକ ଡେ' କେୟାର ପ୍ରତିଷ୍ଠା କରାଯିବ। ଏଥିରେ ବରିଷ୍ଠ ନାଗରିକଙ୍କ ବସାଉଠାଠାରୁ ଆରମ୍ଭ କରି ଲାଇବ୍ରେରୀ, ଆମୋଦପ୍ରମୋଦ, ଅଭିଯୋଗ ପ୍ରକୋଷ୍ଠ ମଧ୍ୟ କାର୍ଯ୍ୟ କରିବ। ବରିଷ୍ଠ ନାଗରିକମାନଙ୍କ ପାଇଁ ଏହି ଅର୍ଥ ଉପଯୋଗ ପୂର୍ବକ ବିଭିନ୍ନ ପ୍ରକାରର ଇନଡୋର ଗେମ୍‌ର ମଧ୍ୟ ବ୍ୟବସ୍ଥା କରାଯିବ। ତା'ଛଡ଼ା ବିଭିନ୍ନ ସମସ୍ୟା ନେଇ ସେମାନଙ୍କୁ ଏଣେତେଣେ ଦୌଡ଼ିବାକୁ ମଧ୍ୟ ପଡ଼ିବନାହିଁ। ଏଠାରେ ସାଂସଦଙ୍କ ଦ୍ୱାରା ନିର୍ମିତ ହେବାକୁ ଥିବା ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କଲେ ଯଥାଶୀଘ୍ର ସେମାନଙ୍କ ସମସ୍ୟାର ସମାଧାନ କରାଯିବାକୁ ମଧ୍ୟ ପଦକ୍ଷେପ ନିଆଯିବ ବୋଲି ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ କହିଛନ୍ତି। ଏହାଦ୍ୱାରା ୫୨ ନମ୍ବର ୱାର୍ଡବାସୀଙ୍କର ଦୀର୍ଘଦିନର ଦାବି ପୂରଣ ହୋଇଛି ବୋଲି ସେ କହିଛନ୍ତି। କମିଟିର ବାର୍ଷିକ ଉତ୍ସବରେ ସାଂସଦଙ୍କ ବ୍ୟତୀତ ମୁଖ୍ୟ ବକ୍ତା ଭାବେ ଏକାମ୍ର ବିଧାୟକ ବାବୁ ସିଂ, ବିଏମସି ମେୟର ସୁଲୋଚନା ଦାସ, ୫୨ ନମ୍ବର ୱାର୍ଡ ଉନ୍ନୟନ କମିଟି ସଭାପତି ସ୍ୱରାଜ ମୋହନ ସାହୁ, ସମ୍ପାଦକ ଅର୍ଜୁନ କୁମାର ଦାଶ ଓ ମୁଖ୍ୟ ଉପଦେଷ୍ଟା ଶଶାଙ୍କ ଶେଖର ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

### ● ୨୯ରୁ ପୁଣି ବଢ଼ିବ ଖରା
## ୬ ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିପାରେ ତାପମାତ୍ରା

ଭୁବନେଶ୍ୱର,୨୫।୩(ସଂଚାର ବ୍ୟୁରୋ): ଆସନ୍ତା ୨୯ରୁ ପୁଣି ବଢ଼ିବ ଖରା। ରାଜ୍ୟରେ ପୁଣି ଫେରିବ ଗ୍ରୀଷ୍ମ ପ୍ରବାହ। ୨୯ରୁ ପୁଣି କଲବଲ କରିବ ଗ୍ରୀଷ୍ମ ଲହରୀ। ସମ୍ବଲପୁର, ସୋନପୁର, ବଲାଙ୍ଗୀର ଓ କଳାହାଣ୍ଡିକୁ ଏ ନେଇ ସତର୍କ କରାଯାଇଛି। ୪ ଦିନରେ ରାଜ୍ୟରେ ୬ ଡିଗ୍ରୀ ଯାଏ ତାପମାତ୍ରା ବଢ଼ିବ। ଏହାଛଡ଼ା ରାତିର ତାପମାତ୍ରା ମଧ୍ୟ ୨ ଦିନ ଭିତରେ ୩ ଡିଗ୍ରୀ ଯାଏ ବଢ଼ିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। କାଳବୈଶାଖୀ ପ୍ରଭାବରେ ଓଡ଼ିଶାର ବିଭିନ୍ନ ପ୍ରବଳ ବର୍ଷା ଏବଂ ବଜ୍ରପାତ ପରେ, ଓଡ଼ିଶାରେ ପୁଣି ଥରେ ଉଷ୍ମ ପାଗ ଫେରିବାକୁ ଯାଉଛି, ଯାହା ଆଗାମୀ ଦିନରେ ସାଧାରଣ ଜୀବନକୁ ପ୍ରଭାବିତ କରିବ। ଭୁବନେଶ୍ୱର ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ, ସୋମବାରଠାରୁ ପାରଦ ବୃଦ୍ଧି ପାଇଛି ଏବଂ ଦୁଇ ଦିନ ପରେ ଦିନ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ଛୁଇଁବ। ଯେହେତୁ ଓଡ଼ିଶାର କୌଣସି ସ୍ଥାନ ପାଇଁ ବଜ୍ରପାତ ସତର୍କତା ନାହିଁ, ତେଣୁ ୩ ଦିନ ମଧ୍ୟରେ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ଅତିକ୍ରମ କରିବାର ସମ୍ଭାବନା ଅଧିକ। ଆଗାମୀ ତିନି ଦିନ ମଧ୍ୟରେ ଦିନର ତାପମାତ୍ରା ୩-୫ ଡିଗ୍ରୀ ସେଲସିୟସ ବୃଦ୍ଧି ପାଇବାର ସମ୍ଭାବନା ଥିବାବେଳେ, ରାତି ଉଷ୍ମ ରହିବା ସହିତ ଆଗାମୀ ଦୁଇ ଦିନ ମଧ୍ୟରେ ତାପମାତ୍ରା ୨ରୁ ୪ ଡିଗ୍ରୀ ସେଲସିୟସ ବୃଦ୍ଧି ପାଇବାର ସମ୍ଭାବନା ରହିଥିବା ପାଣିପାଗ ନିର୍ଦ୍ଦେଶକ ମନୋରମା ମହାନ୍ତି ସୂଚନା ଦେଇଛନ୍ତି।

### ● ବରପାଲି ସାଇଡିଂରେ ଉତ୍ତେଜନା
## ପୁଲିସ୍ ଲାଠିମାଡ଼ରେ ମହିଳା ଆହତ

ସୁନ୍ଦରଗଡ଼,୨୫।୩(ସଂଚାର ବ୍ୟୁରୋ): ସୁନ୍ଦରଗଡ଼ ହେମଗିରି ଥାନା ବରପାଲି ସାଇଡିଂରେ କୋଇଲା ପଡ଼ିବାକୁ ନେଇ ଉତ୍ତେଜନା ସୃଷ୍ଟି ହୋଇଥିବା ବେଳେ ଏନେଇ ପୁଲିସ୍ ଲାଠିମାଡ଼ରେ ଜନୈକା ମହିଳା ଆହତ ହୋଇଛନ୍ତି। ରେଲୱେ କୋଇଲା ପରିବହନକୁ ସ୍ଥାନୀୟ ଲୋକେ ବିରୋଧ କରିବାରୁ ଅଚାନକ ପୁଲିସ୍ ସେମାନଙ୍କ ଉପରେ ଲାଠିଚାର୍ଜ କରିଥିଲା। ପୁଲିସ ଲାଠିମାଡ଼ରେ ଆହତ ହୋଇଥିବା ମହିଳାଙ୍କୁ ସ୍ଥାନୀୟ ହେମଗିରି ମେଡିକାଲରେ ଭର୍ତ୍ତି କରାଯାଇଛି। ଘଟଣାସ୍ଥଳରେ ଅତିରିକ୍ତ ଜିଲ୍ଲାପାଳ ପହଞ୍ଚି ଉତ୍ତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାସୁଝା କରିଥିବା ଜଣାପଡ଼ିଛି। ଏଥିସହ ସେଠାରେ ପୁଲିସ୍ ପକ୍ଷରୁ କଡ଼ା ପହରା ବ୍ୟବସ୍ଥା କରାଯାଇଛି। ପୁଲିସ୍ ମହଜୁଦରେ ବରପାଲି ସାଇଡିଂରେ କୋଇଲା ପକାଯାଉଛି। କିନ୍ତୁ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଗ୍ରାମବାସୀ ସେମାନଙ୍କ ଧାରଣା ଜାରି ରଖିଛନ୍ତି। ମିଳିଥିବା ସୂଚନାନୁଯାୟୀ, ବରପାଲି ସାଇଡିଂକୁ ବନ୍ଦ କରିବା ପାଇଁ ଲୋକମାନେ ଦୀର୍ଘଦିନ ହେବ ସେଠାରେ ଧାରଣା ଜାରି ରଖିଥିଲେ। ଏନେଇ ରେଲୱେ ଅଧିକାରୀ ଓ ଜିଲ୍ଲା ପ୍ରଶାସନକୁ ମଧ୍ୟ ସେମାନେ ଲିଖିତ ଭାବେ ଅବଗତ କରାଇଥିଲେ। ହେଲେ ଜୋରଜବରଦସ୍ତି ଏହି ସାଇଡିଂରେ କୋଇଲା ପଡୁଥିବାରୁ ସ୍ଥାନୀୟ ଲୋକେ ଆଜି ଏହାକୁ ବିରୋଧ କରିବା ସହ ରେଲୱେ ସାଇଡିଂ ଅବରୋଧ କରିଥିଲେ। ଖବର ପାଇ ସ୍ଥାନୀୟ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାସୁଝା କରୁଥିବା ସମୟରେ ପୁଲିସ ଓ ଗ୍ରାମବାସୀଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ଲୋକମାନଙ୍କୁ ନିୟନ୍ତ୍ରଣ କରିବା ସକାଶେ ପୁଲିସ୍ ଲାଠିଚାର୍ଜ କରିଥିଲା। ତେବେ ଆହତ ହୋଇଥିବା ମହିଳାଙ୍କ ପରିଚୟ ମିଳିପାରିନାହିଁ।

## ଲାଞ୍ଚୁଆ ମନରେଗା ସହାୟକ ଚାକିରିରୁ ବହିଷ୍କୃତ
### ● ଦୁଇ କର୍ମଚାରୀ ନିଲମ୍ବିତ

**ଭୁବନେଶ୍ୱର୨୫।୩(ସଂଚାର ବ୍ୟୁରୋ):** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକର ଜଣେ ଚାଷୀଙ୍କଠାରୁ ମୃତ୍ତିକା ସଂରକ୍ଷଣ ନିର୍ଦ୍ଦେଶାଳୟର ମନରେଗା ସହାୟକ ଲାଞ୍ଚ ମାଗୁଥିବା ଅଭିଯୋଗର ଖବର ତଥା ଭିଡିଓ ପ୍ରସାରିତ ହୋଇଥିଲା। ସଂପୃକ୍ତ ଭିଡିଓ ତଥା ଚାଷୀଙ୍କ ଅଭିଯୋଗକୁ ଆଧାର କରି ମୃତ୍ତିକା ସଂରକ୍ଷଣ ନିର୍ଦ୍ଦେଶାଳୟର ଅସ୍ଥାୟୀ କର୍ମଚାରୀ ପ୍ରଶାନ୍ତ ସେଠଙ୍କୁ ଚାକିରିରୁ ବହିଷ୍କାର କରାଯାଇଛି। ଏଥିସହ ମୃତ୍ତିକା ସଂରକ୍ଷଣ ଓଭରସିଅର ପ୍ରଶାନ୍ତ ଦଳାଇ ଓ ମୃତ୍ତିକା ସଂରକ୍ଷଣ ସମ୍ପ୍ରସାରଣ କର୍ମଚାରୀ ଶେଷଦେବ ମେହେରଙ୍କୁ ମଧ୍ୟ ଚାକିରିରୁ ନିଲମ୍ବିତ କରାଯାଇଥିବା ଜଣାପଡ଼ିଛି। କୃଷି ବିଭାଗକୁ ଏ ବିଷୟରେ ଅବଗତ କରାଯିବା ପରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଘଟଣାର ସତ୍ୟାସତ୍ୟ ଅନୁସନ୍ଧାନ କରାଯାଇ ସଂପୃକ୍ତ ଅଧିକାରୀମାନଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏନେଇ ନିକଟସ୍ଥ ଥାନାରେ ମାମଲା ମଧ୍ୟ ରୁଜୁ କରାଯାଇଛି।

### ● ଆଇଆରବି ବାଟାଲିଆନ କନଷ୍ଟେବଲ ସିପାହୀ ନିଯୁକ୍ତି ପ୍ରସଙ୍ଗ
## ୩ ବର୍ଷ କୋହଳ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ,୨୫।୩(ସଂଚାର ବ୍ୟୁରୋ): ଆଇଆରବି ବାଟାଲିଆନ କନଷ୍ଟେବଲ ସିପାହୀ ନିଯୁକ୍ତି ପ୍ରସଙ୍ଗରେ ଆଜି ଏକ ବଡ଼ ଖବର ଆସିଛି। ବୟସ ଅତିକ୍ରାନ୍ତ କରିଯାଇଥିବା ପ୍ରାର୍ଥୀମାନଙ୍କ ଲାଗି ଆଶ୍ୱସ୍ତି ଦେଇଛନ୍ତି ହାଇକୋର୍ଟ। ସେମାନଙ୍କ କ୍ଷେତ୍ରରେ ବୟସ ସୀମାକୁ ୩ ବର୍ଷ କୋହଳ କରିବା ସକାଶେ ହାଇକୋର୍ଟ ଆଜି ନିର୍ଦ୍ଦେଶ ଦେଇଛନ୍ତି। ତେବେ ଏ ସଂକ୍ରାନ୍ତରେ ରାଜ୍ୟ ସରକାର ବିଧିବଦ୍ଧ ଭାବେ ନିଷ୍ପତ୍ତି ନେଇଥିବା ଆଡ୍‌ଭୋକେଟ ଜେନେରାଲ କୋର୍ଟଙ୍କୁ ଅବଗତ କରିବା ପରେ ଏହି ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ଗତ ୫ ବର୍ଷ ଭିତରେ ନିଯୁକ୍ତି ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ ପାଇନଥିଲା। ଫଳସ୍ୱରୂପ ବୟସ ଅତିକ୍ରାନ୍ତ କରିଯାଇଥିବା ପ୍ରାର୍ଥୀମାନେ ପ୍ରକ୍ରିୟାରୁ ବାଦ ପଡ଼ିଥିଲେ। ପରେ ଅବଶ୍ୟ ସେମାନଙ୍କ ଆବେଦନକୁ ଗ୍ରହଣ କରି ହାଇକୋର୍ଟଙ୍କ ଜଣିକିଆ ଖଣ୍ଡପୀଠ ୬ ବର୍ଷ ବୟସ ସୀମା କୋହଳ କରିବାକୁ ନିର୍ଦେଶ ଦେଇଥିଲେ। କିନ୍ତୁ ଏହାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଡିଭିଜନ ବେଞ୍ଚରେ ଚ୍ୟାଲେଞ୍ଜ କରାଯାଇଥିଲା। ଏହା ଭିତରେ ଆଇଆରବି ବାଟାଲିଆନ କନଷ୍ଟେବଲ ନିଯୁକ୍ତି ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଥିଲା। ଏହି ପଦ ପାଇଁ ନିଯୁକ୍ତି ପ୍ରକ୍ରିୟାରୁ ବାଦ ପଡ଼ିବା ଯୋଗୁଁ କେତେକ ପ୍ରାର୍ଥୀ ପୁନଃ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସେମାନଙ୍କ ଆବେଦନକୁ ଗ୍ରହଣ କରି ନିଯୁକ୍ତି ପ୍ରକ୍ରିୟା ଉପରେ ହାଇକୋର୍ଟ ମଧ୍ୟବର୍ତ୍ତୀକାଳୀନ ରହିତାଦେଶ ଲଗାଇଥିଲେ। ତେବେ ଆଜି ରାଜ୍ୟ ସରକାରଙ୍କ ନିଷ୍ପତ୍ତି କୋର୍ଟଙ୍କ ଦ୍ୱାରା ଗ୍ରହଣୀୟ ହେବା ପରେ ନିଯୁକ୍ତି ପ୍ରକ୍ରିୟା ପାଇଁ ଏବେ ବାଟ ଖୋଲିଛି।

## ସ୍ୱେରେଜ ପ୍ରକଳ୍ପ ଭିତ୍ତିପ୍ରସ୍ତର ସ୍ଥାପନ କଲେ ଏକାମ୍ର ବିଧାୟକ
### ● ଏକାମ୍ର ବିକାଶରେ ସ୍ୱର୍ଣ୍ଣିୟ ଅଧ୍ୟାୟ ସୃଷ୍ଟି ହେବ



ଭୁବନେଶ୍ୱର,୨୫।୩ (ସଂଚାର ବ୍ୟୁରୋ): ରାଜ୍ୟରେ ପ୍ରଥମ ଥର ପାଇଁ ବିଜେପି ସରକାର ଗଠନ ହେବା ପରେ ଓ ଏକାମ୍ର ନିର୍ବାଚନ ମଣ୍ଡଳୀରେ ବିଜେପି ବିଧାୟକ ବିଜୟୀ ହେବା ପରେ ଏକାମ୍ର ନିର୍ବାଚନ ମଣ୍ଡଳୀର ସାମଗ୍ରିକ ବିକାଶକୁ ସର୍ବଦା ପ୍ରାଧାନ୍ୟ ଦିଆଯାଉଛି । ବିଜେପି ସରକାରରେ ଏକାମ୍ରର ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ସମସ୍ତ ବାଧାବିଘ୍ନ ଦୂର କରାଯିବା ସହ ନୂତନ ପ୍ରକଳ୍ପ ନିର୍ମାଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଆଜି ଏକାମ୍ର ନିର୍ବାଚନ ମଣ୍ଡଳୀର ଶିଶୁପାଳ ଗଡ଼ ଓ ଲିଙ୍ଗିପୁର ପଞ୍ଚାୟତ ଅଞ୍ଚଳର ମହାବୀର ନଗର,ବିଜୟ ବିହାର, ନୂଆଗାଁ, ନାଥପୁର, ଲିଙ୍ଗିପୁର, ଇନ୍ଦିରା କଲୋନୀ, ମୃତ୍ୟୁଞ୍ଜୟ ବିହାର,ମାରୁତି ନଗର,ଦିବ୍ୟ ବିହାର କଲୋନୀ ଅଞ୍ଚଳରେ ସ୍ୱେରେଜ ପ୍ରକଳ୍ପ ନିର୍ମାଣର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନା କରିଛନ୍ତି ବିଧାୟକ ବାବୁ ସିଂ। ଏହି ଅବସରରେ ସେ କହିଛନ୍ତି ଯେ ସ୍ଥାନୀୟ ଜନସାଧାରଣ ଙ୍କ ଅଭିଯୋଗ ଥିଲା ସ୍ୱରେଜ ଓ ଡ୍ରେନେଜ ବ୍ୟବସ୍ଥା ନଥିବା କାରଣରୁ ରାସ୍ତାରେ ମଇଳା ଆବର୍ଜନା ଭାସୁଥିବା ଫଳରେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏହି ଅଞ୍ଚଳ ଗୁଡିକରେ ସ୍ୱରେଜ୍ ବ୍ୟବସ୍ଥା ହେବା ଦ୍ୱାରା ଜନସାଧାରଣ ଏସବୁ ଅସୁବିଧାରୁ ରକ୍ଷା ପାଇବେ। ତେଣୁ ଏହି ନିର୍ମାଣ କାର୍ଯ୍ୟ ଖୁବ୍ ଶୀଘ୍ର ସରିବ। ଏକାମ୍ରବାସୀଙ୍କ ବିଶ୍ୱାସକୁ ନେଇ ବିଜେପି ସରକାର କାମ କରିବ। ନିର୍ବାଚନୀ ପ୍ରତିଶ୍ରୁତି ପାଳନ ଦିଗରେ ଏହା ଏକ ଠୋସ୍ ପଦକ୍ଷେପ। ଅତୀତର ବିଜେଡି ସରକାର ଅମଳରେ ରାଜନୈତିକ ଇଚ୍ଛା ଓ ଆନ୍ତରିକତା ଅଭାବ କାରଣରୁ କେନ୍ଦ୍ରୀୟ ପ୍ରକଳ୍ପଗୁଡ଼ିକୁ ବାସ୍ତବ ରୂପ ମିଳି ପାରୁନଥିଲା ଏବଂ ଏକାମ୍ର ନିର୍ବାଚନ ମଣ୍ଡଳୀରେ ବିକାଶ ବାଧାପ୍ରାପ୍ତ ହେଉଥିଲା। ଏକାମ୍ର ନିର୍ବାଚନ ମଣ୍ଡଳୀରେ ବିକାଶର ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି ହେବାକୁ ଯାଉଛି ବୋଲି ଶ୍ରୀ ସିଂ କହିଛନ୍ତି । ଆଜିର ଏହି କାର୍ଯ୍ୟକ୍ରମ ରେ ଭୁବନେଶ୍ୱର ବ୍ଲକ୍ ଅଧକ୍ଷା ନିରୁପମା ସାହୁ,ସରପଞ୍ଚ ରଶ୍ମିରଞ୍ଜନ ଶ୍ରୀଚନ୍ଦନ,ସମିତି ସଭ୍ୟ ବିନୋଦ ରାଉତରାୟ,ମଣ୍ଡଳ ସଭାପତି ସୂର୍ଯ୍ୟକାନ୍ତ, ଲକ୍ଷ୍ମୀ ଅପା ପ୍ରମୁଖ ଉପସ୍ଥିତ ଥିଲେ।

## ନାରୀ ସୁରକ୍ଷା ନେଇ କଂଗ୍ରେସ ରାସ୍ତାକୁ ଓହ୍ଲାଇବ: ପ୍ରଭାରୀ



ଭୁବନେଶ୍ୱର,୨୫।୩(ସଂଚାର ବ୍ୟୁରୋ): ଆଜି ବିଧାନସଭାରେ ନାରୀ ସୁରକ୍ଷା ପ୍ରସଙ୍ଗ ନେଇ କଂଗ୍ରେସ ତା'ର ପ୍ରତିବାଦ ଜାରି ରଖିବା ପରିପ୍ରେକ୍ଷୀରେ ବାଚସ୍ପତି ସୁରମା ପାଢ଼ୀ ୧୨ ଜଣ ବିଧାୟକଙ୍କୁ ଶୃଙ୍ଖଳା ଭଙ୍ଗ କରିଥିବା ଦର୍ଶାଇ ନିଲମ୍ବନ କରିଛନ୍ତି। ଏହି ଘଟଣାରେ କଂଗ୍ରେସ ଗଭୀର କ୍ଷୋଭ ପ୍ରକାଶ କରିବା ସହ ବାଚସ୍ପତିଙ୍କ ପଦକ୍ଷେପକୁ ଅଗଣତାନ୍ତ୍ରିକ ବୋଲି ଦଳର ନେତାମାନେ ଦର୍ଶାଇଛନ୍ତି। ଏହି କ୍ରମରେ ଦଳର ପ୍ରଭାରୀ ଅଜୟ କୁମାର ଲଲ୍ଲୁ ମଧ୍ୟ ବାଚସ୍ପତିଙ୍କ ନିଷ୍ପତ୍ତିକୁ କଡ଼ା ସମାଲୋଚନା କରିବା ସହ ଏପରି ପଦକ୍ଷେପ ଦ୍ୱାରା ରାଜ୍ୟ ସରକାର ଗଣତନ୍ତ୍ରକୁ ହତ୍ୟା କରିଛନ୍ତି ବୋଲି କହିଛନ୍ତି। ସେ କହିଛନ୍ତି ଯେ ରାଜ୍ୟ ସରକାର ସମସ୍ତ ବଳ ଖର୍ଚ୍ଚ କରି କଂଗ୍ରେସକୁ ତା'ର ଲକ୍ଷ୍ୟପଥରୁ ହଟାଇପାରିବେ ନାହିଁ। ନାରୀ ସୁରକ୍ଷା ପ୍ରସଙ୍ଗରେ କଂଗ୍ରେସ ଆଦୌ ଚୁପ ବସିବନାହିଁ ବୋଲି ଶ୍ରୀ ଲଲ୍ଲୁ ଆଜି କଟକ ଗସ୍ତରେ ଆସିଥିବା ସମୟରେ ଦଳୀୟ କର୍ମୀମାନଙ୍କୁ ସମ୍ବୋଧିତ କରି କହିଛନ୍ତି। ସେ ଆହୁରି କହିଛନ୍ତି ଯେ ଉଭୟ ବିଜେପି ଓ ବିଜେଡି ନାରୀ ଜାତିକୁ ସମ୍ମାନ ଦେଇନାହାନ୍ତି। ଏହା ପ୍ରତିବାଦରେ କଂଗ୍ରେସ ଆଗାମୀ ଦିନରେ ରାସ୍ତାକୁ ଓହ୍ଲାଇବ ଓ ଜନତା ଦରବାରରେ ଏହି ପ୍ରସଙ୍ଗ ଉପସ୍ଥାପନ କରିବ।



ମଙ୍ଗଳବାର ଦଳର ୧୨ ବିଧାୟକଙ୍କୁ ନିଲମ୍ବନ କରାଯିବା ପ୍ରତିବାଦରେ ବିଧାନସଭା ସମ୍ମୁଖରେ ପହଞ୍ଚିଥିଲେ ୪ ବରିଷ୍ଠ ନେତା

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ଭେନେଜୁଏଲାରୁ ତେଲ କିମ୍ବା ଗ୍ୟାସ କିଣୁଥିବା ଦେଶ ଉପରେ ୨୫% ଶୁଳ୍କ ଲଗାଇଲେ ଟ୍ରମ୍ପ

**ୱାଶିଂଟନ, ୨୫।୩:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ ମାଡ଼ ଜାରି ରହିଛି। ଯେଉଁ ଦେଶ ଉପରେ ରାଗ ରହୁଛି ସେହି ଦେଶ ଉପରେ ଭିଡୁଛନ୍ତି ଉଚ୍ଚ ଶୁଳ୍କ। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୋମବାର ଭେନେଜୁଏଲାରୁ ତେଲ କିମ୍ବା ଗ୍ୟାସ କିଣୁଥିବା ଦେଶମାନଙ୍କରୁ ଆମଦାନୀ ଉପରେ ୨୫% ଶୁଳ୍କ ଘୋଷଣା କରିଛନ୍ତି। ଏହାସହିତ ଭେନେଜୁଏଲା ଉପରେ ମଧ ନୂଆ ଶୁଳ୍କ ଲାଗୁ କରିଛନ୍ତି କରି ଟ୍ରମ୍ପ।

ଟ୍ରୁଥ ସୋସିଆଲ୍ ପୋଷ୍ଟରେ, ଟ୍ରମ୍ପ କହିଛନ୍ତି ଯେ ଭେନେଜୁଏଲା ଆମେରିକା ପ୍ରତି "ଅତ୍ୟନ୍ତ ଶତ୍ରୁତା ଆଚରଣ କରୁଛି"। ତେଣୁ ଏହି ଦେଶରୁ ତେଲ କିଣୁଥିବା ଦେଶଗୁଡ଼ିକୁ ଆମେରିକା ସହିତ ବିଜ୍‌ନେଶ କଲେ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ଦେବାକୁ ପଡ଼ିବ। ଏପ୍ରିଲ ୨ ତାରିଖ ଠାରୁ ଏହା ଲାଗୁ ହେବ ବୋଲି ଟ୍ରମ୍ପ କହିଛନ୍ତି।



ସେ ଆହୁରି କହିଛନ୍ତି ଯେ ଭେନେଜୁଏଲା ଆମେରିକାର ଦ୍ୱିତୀୟ ସର୍ବାଧିକ ଶୁଳ୍କର ସମ୍ମୁଖୀନ ହେବ। କାରଣ ଏହା ଟ୍ରେନ ଡି ଆରାଗୁଆ ଗ୍ୟାଙ୍ଗର ଘର ବୋଲି ଟ୍ରମ୍ପ କହିଛନ୍ତି। ଏଥିସହିତ ଟ୍ରମ୍ପ ପ୍ରବାସୀମାନଙ୍କୁ ଦେଶାନ୍ତର କରୁଛି। ଭେନିଜୁଆଲାରୁ ଆସୁଥିବା ଲୋକ ସେହି ଗ୍ୟାଙ୍ଗର ବୋଲି ପ୍ରଶାସନ କହୁଛି। ଟ୍ରେନ ଡି ଆରାଗୁଆ ଗ୍ୟାଙ୍ଗ ବେନେଜୁଏଲାର ଏକ ଏକ ଅନ୍ତର୍ଜାତୀୟ ନାର୍କୋଟେରରିଷ୍ଟ ଏବଂ ଅପରାଧିକ ସଂଗଠନ। ଏହି ଗ୍ୟାଙ୍ଗର ୫ ହଜାରୁ ବି ଅଧିକ ସଦସ୍ୟ ଥିବା କୁହାଯାଉଛି। ଏହି ଗ୍ୟାଙ୍ଗ ଭୟ ଓ ଧମକ ବଳରେ ବେଆଇନ ମାଦକ ଦ୍ରବ୍ୟର ଚାଲଣ କରନ୍ତି ଓ ବିଭିନ୍ନ ଦେଶର ସରକାରଙ୍କ ନୀତିକୁ ପ୍ରଭାବିତ କରିବାକୁ ଚେଷ୍ଟା କରନ୍ତି। ଟ୍ରମ୍ପଙ୍କ ସଦ୍ୟତମ ଶୁଳ୍କ ଧମକ ଭେନେଜୁଏଲା ଚୀନ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ସଦୃଶ ଦେଖା ଯାଉଛି। ଫେଣ୍ଟାନିଲ୍ ଚାଲାଣକୁ ରୋକିବା ପାଇଁ ଆମେରିକା ସରକାର ପୂର୍ବରୁ ଚୀନ୍ ଆମଦାନୀ ଉପରେ ୨୦% ଶୁଳ୍କ ଲାଗୁ କରିସାରିଛନ୍ତି। ଚୀନ ବିରୋଧରେ ଆମେରିକାର ଆହୁରି ଶୁଳ୍କ ବୃଦ୍ଧି କରିପାରେ। କାରଣ ଚୀନ ୨୦୨୩ରେ ଭେନେଜୁଏଲା ଠାରୁ ୬୮% ତେଲ କିଣିଥିଲା। ସେହିପରି ଭେନୁଜୁଏଲା ଠାରୁ ତେଲ କିଣିଥିବା ଅନ୍ୟ ଦେଶମାନେ ହେଲେ ସ୍ପେନ୍, ରୁଷ, ସିଙ୍ଗାପୁର ଏବଂ ଭିଏତନାମ। ଜନଗଣନା ବ୍ୟୁରୋ ଅନୁଯାୟୀ, ଜାନୁଆରୀରେ ଆମେରିକା ଭେନେଜୁଏଲାରୁ ୮.୬ ମିଲିଅନ ବ୍ୟାରେଲ ତେଲ ଆମଦାନୀ କରିଥିଲା।



## ଆଜିର ସୁନା ଦର

କମିଲା ସୁନା ଦର। ବିଶ୍ୱ ବଜାରରେ ଅସ୍ଥିରତା ଏବଂ ଭୁ- ରାଜନୈତିକ ସମସ୍ୟା ମଧ୍ୟରେ ହୁ ହୁ ହୋଇ ବଢିଚାଲିଛି ଦର। ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ୧୦ ଗ୍ରାମ ପିଛା ୮୯ ହଜାର ୨୯୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୮୧ ହଜାର ୮୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୮୯ ହଜାର ୨୯୦ ଟଙ୍କା ହୋଇଛି। ଏହାସହ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୮୧, ୮୫୦ ଟଙ୍କା ଛୁଇଁଛି। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୮୨,୮୫୦ ଟଙ୍କା ଓ ୮୯,୨୯୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୮୨, ୦୦୦ ଟଙ୍କା ଓ ୮୯, ୯୭୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୮୨,୦୦୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୮୯, ୪୪୦ ଟଙ୍କା ଥିବା ରେକର୍ଡ ହୋଇଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୮୧,୮୫୦ ଓ ୮୯,୨୯୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୦୧,୦୦୦ ଟଙ୍କା ହୋଇଛି।

# ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦରେ ଓଡ଼ିଆ ଅଧିକାରୀ କମଳାକାନ୍ତ



**ଭୁବନେଶ୍ୱର,୨୫।୩(ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦରେ ନିଯୁକ୍ତି ପାଇଛନ୍ତି ଓଡ଼ିଆ ଆଇଇଏସ୍ (ଇଣ୍ଡିଆନ୍ ଇକନୋମିକ୍ ସର୍ଭିସ୍) ଅଧିକାରୀ ଡ. କମଳାକାନ୍ତ ତ୍ରିପାଠୀ। ୧୯୯୯ ବ୍ୟାଚ୍‌ର ଏହି ଅଧିକାରୀ ଇକୋନମିକ୍ ଆଡଭାଇଜରି କାଉନସିଲ୍ ଟୁ ଦି ପ୍ରାଇମ୍ ମିନିଷ୍ଟର (ଇଏସି-ପିଏମ)ରେ ଯୁଗ୍ମ ସଚିବ ଭାବେ ନିଯୁକ୍ତି ପାଇଛନ୍ତି। ଆଇଏଏସ୍ ଅଧିକାରୀ ପଓ୍ୱନ କୁମାରଙ୍କ ସ୍ଥାନରେ ସେ ନୀତି ଆୟୋଗରେ ୫ ବର୍ଷ ପାଇଁ କାର୍ଯ୍ୟ କରିବେ ବୋଲି ଡିଓପିଟି ପକ୍ଷରୁ ଜାରି ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ଡ. ତ୍ରିପାଠୀ ଏହା ପୂର୍ବରୁ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟରେ ଅର୍ଥନୈତିକ ପରାମର୍ଶଦାତା (ଟିବି) ଭାବେ କାର୍ଯ୍ୟ କରୁଥିଲେ। ସମବାୟ ପରିଚାଳନା କ୍ଷେତ୍ରରେ ସ୍ୱତନ୍ତ୍ର ଦକ୍ଷତା ହାସଲ କରିଥିବା ଏହି ଓଡ଼ିଆ ଅଧିକାରୀ କେନ୍ଦ୍ର ସମବାୟ ମନ୍ତ୍ରଣାଳୟରେ ମନ୍ତ୍ରୀ ଅମିତ୍ ଶାହାଙ୍କ ଓଏସଡି ଭାବେ କାର୍ଯ୍ୟ କରିସାରିଛନ୍ତି। କଟକରେ ଜନ୍ମିତ ଡ. ତ୍ରିପାଠୀ ରେଭେନସା କଲେଜରୁ ଅର୍ଥନୀତିରେ ସ୍ନାତକୋତ୍ତର ପାସ୍ କରିଛନ୍ତି। ମଧୁସୂଦନ ଆଇନ କଲେଜରୁ ଏଲଏଲବି ଓ ଆଇଆଇଟି ଦିଲ୍ଲୀରୁ ମ୍ୟାନେଜମେଣ୍ଟରେ ପିଏଚଡି ମଧ୍ୟ ହାସଲ କରିଛନ୍ତି। ୧୯୯୭ରେ ଅନୁଷ୍ଠିତ ଓଡିଶା ସିଭିଲ୍ ସର୍ଭିସ୍ ପରୀକ୍ଷାରେ ସେ ତୃତୀୟ ର୍‍ୟାଙ୍କ ହାସଲ କରିଥିଲେ। ୧୯୯୯ରେ ଇଣ୍ଡିଆନ୍ ଇକୋନମିକ୍ ସର୍ଭିସ୍ (ଆଇଇଏସ୍) ପରୀକ୍ଷାରେ ମଧ୍ୟ ସେ ତୃତୀୟ ସ୍ଥାନ ପାଇଥିଲେ। ସେଠାରେ ଯୋଗଦେବା ପୂର୍ବରୁ କେନ୍ଦ୍ରାପଡ଼ା ଜିଲ୍ଲାରେ ଅତିରିକ୍ତ ତହସିଲଦାର ଭାବେ ମଧ୍ୟ ସେ କାର୍ଯ୍ୟ କରିଥିଲେ। କୃଷି, ସମବାୟ ତଥା ଗ୍ରାମ୍ୟ ବିକାଶ କ୍ଷେତ୍ରରେ ଜଣେ ନୀତି ନିର୍ଦ୍ଧାରକ ଓ ଡାଟା ଆନାଲିଷ୍ଟ ଭାବେ ଡ. ତ୍ରିପାଠୀ ବେଶ୍ ଜଣାଶୁଣା। ତାଙ୍କର ୮୩ରୁ ଅଧିକ ଗବେଷଣାମୂଳକ ସନ୍ଦର୍ଭ ପ୍ରକାଶ ପାଇଛି। ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦରେ ତାଙ୍କର ଯୋଗଦାନ ଓଡ଼ିଶାବାସୀଙ୍କ ପାଇଁ ଗର୍ବ ଆଣିଦେଇଛି।

# ଭାରତୀୟ ବଜାରରେ ଲଞ୍ଚ ହୋଇଛି ୨ଟି ପାୱାରଫୁଲ୍ ସ୍କୁଟର

## ଦାମ୍ ରହିଛି ୧ ଲକ୍ଷ ଟଙ୍କାରୁ ମଧ କମ୍

**ନୂଆଦିଲ୍ଲୀ, ୨୫।୩:** ସୁଜୁକି ଭାରତୀୟ ବଜାରରେ ଅପଡେଟ୍ ସହିତ ନିଜର ଦୁଇଟି ପାୱାରଫୁଲ୍ ସ୍କୁଟର ଲଞ୍ଚ କରିଛି। କମ୍ପାନୀ ଦାବି କରୁଛି ଯେ ଏହି ସ୍କୁଟରଗୁଡିକ ଏମିସନ୍ ନର୍ମସ୍ କୁ ମଧ ପୁରା କରନ୍ତି। ସୁଜୁକି ର ଏହି ଟୁ-ହୁଇଲର ଗାଡ଼ିର ମୂଲ୍ୟ ୧ ଲକ୍ଷ ଟଙ୍କା ମଧରେ ରହିଛି। ଅପଡେଟେଡ୍ ସୁଜୁକି ବର୍ଗମ୍ୟାନ ସିରିଜର ପ୍ରାଇସ୍ ୯୫,୮୦୦ ଟଙ୍କା ରଖାଯାଇଛି। ସେହିଭଳି ସୁଜୁକି ଆଭେନିସ୍ ଅପଡେଟ୍ ସହିତ ୯୩,୨୦୦ ଟଙ୍କାରେ ଲଞ୍ଚ ହୋଇଛି। ସୁଜୁକି ଆଭେନିସ୍ ର ଇଞ୍ଜିନକୁ ଏପରି ଭାବରେ ଡିଜାଇନ୍ କରାଯାଇଛି ଯେ ଏହା ଓବିଡି-୨ବି ନର୍ମସ୍ କୁ ପୁରା କରିଥାଏ। ଏହା ବ୍ୟତୀତ ଏହି ଟୁ-ହୁଇଲରରେ କୌଣସି ମେକାନିକାଲ୍ ଚେଞ୍ଜ କରାଯାଇ ନାହିଁ। ଏହି ସ୍କୁଟରରେ୧୨୪ CC ର ଇଞ୍ଜିନ୍ ରହିଛି, ଯାହା ୮.୭ ଏଚପିର ପାୱାର ମିଳିଥାଏ ଏବଂ ୧୦ଏନଏମର ଟର୍କ ଜେନେରେଟ୍ ହୋଇଥାଏ। ସୁଜୁକି ଆଭେନିସ୍ ମାର୍କେଟରେ ଦୁଇଟି ଭାରିଆଣ୍ଟ ସହିତ ଉପଲବ୍ଧ ଯାହା ହେଉଛି, ଷ୍ଟାଣ୍ଡାର୍ଡ ଏବଂ ସ୍ପେଶାଲ୍ ଏଡିସନ୍। ଏହି ସ୍କୁଟରର ଷ୍ଟାଣ୍ଡାର୍ଡ ମଡେଲ୍ ଡୁଆଲ କଲର ଟୋନ୍ ଥିମରେ ଚାରୋଟି କଲର ଅପ୍ସନରେ ଉପଲବ୍ଧ। ସେହିଭଳି ଏଏହାର ସ୍ପୋଶାଲ୍ ଏଡିସନ୍ ମଡେଲ ବ୍ଲାକ୍ ଏବଂ ସିଲଭର୍ କଲର ସହିତ ମାର୍କେଟରେ ଉପଲବ୍ଧ ହୋଇଛି।





ଆଭେନିସ୍ ର ଷ୍ଟାଣ୍ଡାର୍ଡ ମଡେଲର ପ୍ରାଇସ୍ ୯୩,୨୦୦ ଟଙ୍କା ଏବଂ ସ୍ପୋଶାଲ୍ ଏଡିସନର ପ୍ରାଇସ୍ ୯୪,୦୦୦ ଟଙ୍କା ରହିଛି।

ସୁଜୁକି ଆଭେନିସ୍ ସହିତ ବର୍ଗମ୍ୟାନର ଇଞ୍ଜିନକୁ ମଧ ଓବିଡି-୨ବି ନର୍ମସ୍ ଅନୁସାରେ ପ୍ରସ୍ତୁତ କରାଯାଇଛି। ଏହି ଟୁ-ହୁଇଲରରେ ୧୨୪ CC ର ଇଞ୍ଜିନ୍ ଲାଗିଛି, ଯାହା ୮.୭ ଏଚପିର ପାୱାର ମିଳିବା ସହ ୧୦ ଏନଏମର ଟର୍କ ମଧ ଜେନେରେଟ୍ ହୋଇଥାଏ। ଏହି ସ୍କୁଟରଟି ଦୁଇଟି ଭ୍ୟାରିଆଣ୍ଟରେ ଉପଲବ୍ଧ ଯାହା ହେଉଛି-ଷ୍ଟ୍ରିଟ୍ ଏବଂ ଷ୍ଟ୍ରିଟ୍ ଇଏକ୍ସ। ଷ୍ଟ୍ରିଟ୍ ଇଏକ୍ସ ର ପ୍ରାଇସ୍ ଷ୍ଟ୍ରିଟ୍ ଭାରିଆଣ୍ଟ ତୁଳନାରେ ଅଧିକ ରହିଛି, କାରଣ ଏଥିରେ ୧୨ଇଞ୍ଚର ରିୟର ହୁଇଲ୍ ବ୍ୟବହାର କରାଯାଇଛି। ଏଥି ସହ ବର୍ଗମ୍ୟାନ ଷ୍ଟ୍ରିଟ୍ ଇଏକ୍ସ ର ପ୍ରାଇସ୍ ୧.୧୬ ଲକ୍ଷ ଟଙ୍କା ରହିଛି। ଏହି ସ୍କୁଟର ତିନୋଟି କଲର ଅପ୍ସନ ସହିତ ଆସିଥାଏ, ଯାହା- ମେଟ ବ୍ଲ୍ୟୁ, ମେଟ ବ୍ଲାକ, ବ୍ରୋଞ୍ଜ। ଏହି ସ୍କୁଟରର ନୂଆ କଲର ଭାରିଆଣ୍ଟ ହେଉଛି, ମେଟ ବ୍ଲ୍ୟୁ।



## ଆଜିର ପେଟ୍ରୋଲ, ଡିଜେଲ ଦର

ଆଜି ଦେଶର କିଛି ସ୍ଥାନରେ ତୈଳ ଦର ସ୍ଥିର ରହିଥିବା ବେଳେ ଅନ୍ୟ କିଛି ସ୍ଥାନରେ ତୈଳଦରରେ ପରିବର୍ତ୍ତନ ହୋଇଛି। ଭୁବନେଶ୍ୱର ପେଟ୍ରୋଲ ଦରରେ ମଧ ନୂଆ ଦର ଜାରି ହୋଇଛି। ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୧. ୧୦ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ .୬୮ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

# ନୂଆ ରୂପରେ ଲଞ୍ଚ ହେବ ଦେଶର ସବୁଠାରୁ ଶସ୍ତା ୭-ସିଟର କାର୍ ରେନଲ୍ଟ ଟ୍ରାଇବର ଫେସଲିଫ୍ଟ

**ନୂଆଦିଲ୍ଲୀ, ୨୫।୩:** ଭାରତୀୟ ବଜାରରେ ଗ୍ରାହକମାନଙ୍କ ମଧରେ ୭-ସିଟର କାରର ଡିମାଣ୍ଡ ବହୁତ୍ ଅଧିକ ରହିଛି। ଯେତେବେଳେ ସବୁଠାରୁ ଶସ୍ତା ୭-ସିଟର କଥା କୁହାଯାଏ, ପ୍ରଥମେ ରେନଲ୍ଟ ଟ୍ରାଇବରର ନାମ ଆସେ। ଏବେ କମ୍ପାନୀ ଦେଶର ସବୁଠାରୁ ଶସ୍ତା ୭ଅସିଟର ଟ୍ରାଇବରର ଅପଡେଟେଡ୍ ଭର୍ସନ ଲଞ୍ଚ କରିବାକୁ ପ୍ରସ୍ତୁତ ହେଉଛି। ନିକଟରେ ଟେଷ୍ଟିଂ ସମୟରେ ପ୍ରଥମ ଥର ପାଇଁ ରେନଲ୍ଟ ଟ୍ରାଇବର ଫେସଲିଫ୍ଟ ଦେଖାଯାଇଥିଲା। ତେବେ ଆସନ୍ତୁ ଜାଣିବା ରେନଲ୍ଟ ଟ୍ରାଇବର ଫେସଲିଫ୍ଟ ରେ କ'ଣ ସାମ୍ଭାବ୍ୟ ଫିଚର୍ସ ରହିବ। ନିକଟରେ ରେନଲ୍ଟ ଟ୍ରାଇବର ଫେସଲିଫ୍ଟ ର ଟେଷ୍ଟିଂ ସମୟରେ ଦେଖାଯାଇଥିଲା, ଯେଉଁଥିରେ ଟେଲ୍-ଲ୍ୟାମ୍ପ, ବୁଟ୍ ଲିଡ୍ ଏବଂ ରିୟର ବମ୍ପରର ଡିଜାଇନ୍ ରହିଛି। ଅନ୍ୟ ପଟେ ଟ୍ରାଇବର ଫେସେଲିଫ୍ଟର ଡ୍ୟାସବୋର୍ଡରେ ସାମାନ୍ୟ ଡିଜାଇନ୍ କରାଯାଇଛି। ଏଥି ସହ ହାଲିକା ରଙ୍ଗ ଏବଂ ଅଧିକ ସଫ୍ଟ ଟଚ୍ ମିଳିବ ବୋଲି ଆଶା କରାଯାଉଛି। ହେଲେ ଏହି ୭-ସିଟରର ପାୱାରଟ୍ରେନରେ କୌଣସି ପରିବତ୍ତନ ହେବ ନାହିଁ।



ରେନଲ୍ଟ ଟ୍ରାଇବର ର ପ୍ରାଇସ୍ ବିଷୟରେ କହିବାକୁ ଗଲେ, ଏହା ୬ ଲକ୍ଷ ୯ ହଜାର ଟଙ୍କାରୁ ଆରମ୍ଭ ହୋଇଛି। କମ୍ ବଜେଟରେ ଆସୁଥିବା ଏହି ୭-ସିଟର କାରଟି ଦମଦାର୍ ଫିଚର୍ସ ରଖିଛି। ଏହି କାର ୧.୦-ଲିଟର ନ୍ୟାଚୁରାଲ୍-ଆସ୍ପିରେଟେଡ୍ ପେଟ୍ରୋଲ୍ ଇଞ୍ଜିନ୍ ଅଛି ଯାହା ୭୨ PS ର ପାୱାର ଏବଂ ୯୬ ଏନଏମ ଟର୍କ ଜେନେରେଟ୍ କରିଥାଏ। ଏହି କାରରେ ୫-ସ୍ପିଡ୍ ମାନୁଆଲ୍ ଗିୟରବକ୍ସ ଏବଂ ଅଟୋକେଟିକ୍ ଟ୍ରାନ୍ସମିସନର ଅପ୍ସନ ମିଳିଥାଏ। ରେନଲ୍ଟ ଟ୍ରାଇବର ରେ ୧୪-ଇଞ୍ଚର ଫ୍ଲେକ୍ସ ହୁଇଲ୍ ରହିଛି। ଏଥିରେ ପିଆନୋ ବ୍ଲାକ୍ ଫିନିଶ୍ ସହିତ ଡୁଆଲ-ଟୋନ୍ ଡ୍ୟାସବୋଡ୍, ଆପଲ୍ କାର ପ୍ଲେ ଏବଂ ଆଣ୍ଡ୍ରଏଡ୍ ଅଟୋ ପାଇଁ ସପୋର୍ଟ ସହିତ ଟଚସ୍କ୍ରିନ୍ ଇନଫୋଟେନମେଣ୍ଟ ସିଷ୍ଟମ୍, ଫୁଲ୍ ଡିଜିଟାଲ୍ ହ୍ୱାଇଟ୍ ଏଲଇଡି ଇନଷ୍ଟ୍ରୁମେଣ୍ଟ କ୍ଲଷ୍ଟର, ନୂଆ ଷ୍ଟାଇଲିସ୍ ଫ୍ୟାବ୍ରିକ୍ ଅପହୋଲଷ୍ଟେରୀ, କ୍ରୋମ ରିଙ୍ଗ୍ ସହିତ ଏଚଭିଏସି ନବ୍ସ, ବ୍ଲାକ୍ ଇନର ଡୋର ହ୍ୟାଣ୍ଡେଲ୍ ଭଳି ଫିଚର୍ସ ଦେଖିବାକୁ ମିଳିପାରିବ। ଟ୍ରାଇବରରେ ପୁସ୍-ବଟନ୍ ଷ୍ଟାର୍ଟ-ଷ୍ଟପ୍, ୬-ୱେ ଆଡଜଷ୍ଟେବଲ୍ ଡ୍ରାଇଭର ସିଟ୍, ଏଲଇଡି ଡିଆରଏଲ ସହିତ ପ୍ରୋଜେକ୍ଟର ହେଡଲ୍ୟାମ୍ପ ଷ୍ଟିୟରିଂରେ ଅଡିଓ କଣ୍ଟ୍ରୋଲ୍ସ ଭଳି ଫିଚର୍ସ ମଧ ମିଳିଥାଏ। କାରର ମାନୁଆଲ୍ ଭ୍ୟାରିଆଣ୍ଟରୁ ୧୯ କେଏମପିଏଲ ପର୍ଯ୍ୟନ୍ତ ମାଇଲେଜ୍ ହାସଲ୍ କରାଯାଇପାରିବ।

# ମଧ୍ୟବିତ୍ତଙ୍କ ବଢ଼ିଛି ଆର୍ଥିକ ସମସ୍ୟା

**ନୂଆଦିଲ୍ଲୀ,୨୫।୩:** ଏକାଧିକ କାରଣ ଯୋଗୁ ଭାରତର ମଧବିତ୍ତଙ୍କ ଆର୍ଥିକ ସମସ୍ୟା ବଢ଼ିଚାଲିଛି। ସ୍ଥିର ଆୟ, ଅଟୋମେଶନ-ଚାଳିତ ନିଯୁକ୍ତି ହ୍ରାସ ଏବଂ ସାମ୍ପ୍ରତିକ ଅର୍ଥନୈତିକ ମାନ୍ଦାବସ୍ଥା ଯୋଗୁ ମଧବିତ୍ତମାନେ ଆର୍ଥିକ ବୋଝରେ ସନ୍ତୁଳି ହେଉଥିବା ମାର୍ସେଲସ୍ ଇନ୍‌ଭେଷ୍ଟମେଣ୍ଟ ମ୍ୟାନେଜର୍ସର ପ୍ରତିଷ୍ଠାତା ଏବଂ ମୁଖ୍ୟ ନିବେଶ ଅଧିକାରୀ ସୌରଭ ମୁଖାର୍ଜୀ ପ୍ରକାଶ କରିଛନ୍ତି।

- ଆୟ କମୁଛି, ବଢୁଛି ଋଣ
- ଅଟୋମେଶନ ଯୋଗୁ ହ୍ରାସ ପାଇଛି ନିଯୁକ୍ତି ସମ୍ଭାବନା

ଏହି ସମସ୍ୟାଗୁଡ଼ିକୁ ନେଇ ଆଲୋକପାତ କରିବା ସହ ଶ୍ରୀ ମୁଖାର୍ଜୀ କହିଛନ୍ତି ଯେ, ଏସବୁ ସମସ୍ୟା ବିଭିନ୍ନ ଉପାୟରେ ମଧବିତ୍ତଙ୍କ ଆର୍ଥିକ ସୁରକ୍ଷାକୁ ବାଧା ଦେଉଛି। ସେ କହିଛନ୍ତି ଯେ, ମଧବିତ୍ତଙ୍କ ଆୟ ଯେଉଁଠି ସେଇଠି ସ୍ଥିର ରହିଛି। ଏହା ଏକ ପ୍ରମୁଖ ସମସ୍ୟା। ଗତ ୧୦ ବର୍ଷ ଧରି ଏହି ବର୍ଗଙ୍କ ବାର୍ଷିକ ହାରାହାରି ଆୟ ପ୍ରାୟ ସାଢେ ୧୦ ଲକ୍ଷ ଟଙ୍କାରେ ସ୍ଥିର ରହିଛି। ବାସ୍ତବରେ ଯଦି ଦେଖାଯାଏ ତେବେ ମୁଦ୍ରାସ୍ଫୀତି ଯୋଗୁ ମଧବିତ୍ତଙ୍କ ଆୟ ଏବେ ଅଧା କହିଲେ ଚଳେ। ଏହା ଏକ ବଡ଼ ସମସ୍ୟା। ଲୋକେ ଏକ ଭଲ ଜୀବନଶୈଳୀ ଜିଇଁବାକୁ ଚାହାନ୍ତି। କିନ୍ତୁ ଦରଦାମ ବୃଦ୍ଧି ଯୋଗୁ ଭଲ ଜୀବନଶୈଳୀ ପାଇଁ ଲୋକଙ୍କୁ ମୋଟା ଋଣ କରିବାକୁ ପଡୁଥିବା ମୁଖାର୍ଜୀ ପ୍ରକାଶ କରିଛନ୍ତି। ଅଟୋମେଶନ ଯୋଗୁ ନିଯୁକ୍ତି ସମ୍ଭାବନା ବି ହ୍ରାସ ପାଇଛି। ଫ୍ୟାକ୍ଟ୍ରି ହେଉ କିମ୍ବା ଅଫିସ୍, ପାରମ୍ପରିକ ମଧବିତ୍ତ ବର୍ଗଙ୍କ ନିଯୁକ୍ତିର ଜାଗା ନେଉଛି ମେଶିନ୍। ଉଦାହରଣ ଭାବେ ମୁଖାର୍ଜୀ ବ୍ୟାଙ୍କ ଟେଲର୍‌ଙ୍କୁ ଦର୍ଶାଇଛନ୍ତି। ସେ କହିଛନ୍ତି ଯେ, ଏଟିଏମ୍ ସହ ଅଟୋମେଶନ୍‌ର ପ୍ରଥମ ଲହର ଆସିଛି। ଦ୍ୱିତୀୟ ଲହର ହେଉଛି ବ୍ୟାଙ୍କ ଟେଲର୍‌ଙ୍କ ସ୍ଥାନ ନେବ ବଟ୍। ଜେନେରେଟିଭ୍ ଏଆଇ ଦ୍ୱାରା ଚାଳିତ ଅଟୋମେଶନ୍‌ର ପରବର୍ତ୍ତୀ ପର୍ଯ୍ୟାୟରେ ଉଭୟ ମାନୁଫାକ୍‌ଚରିଂ ଏବଂ ହ୍ୱାଇଟ୍-କୋଲାର କ୍ଷେତ୍ରର ନିଯୁକ୍ତି ପ୍ରଭାବିତ ହେବ।

ସେହିଭଳି ମଧବିତ୍ତଙ୍କ ଉପରେ ପ୍ରଭାବ ପକାଉଛି ଆର୍ଥିକ ମାନ୍ଦାବସ୍ଥା। କୋଭିଡ୍-ପରବର୍ତ୍ତୀ ଚକ୍ରାକାର ଅର୍ଥନୈତିକ ମାନ୍ଦାବସ୍ଥାର ସବୁଠାରୁ ବଡ଼ ପ୍ରଭାବ ମଧ୍ୟମ ବର୍ଗଙ୍କ ଉପରେ ପଡ଼ିବ ବୋଲି ମୁଖାର୍ଜୀ ପ୍ରକାଶ କରିଛନ୍ତି।

ମୁଖାର୍ଜୀ ଆହୁରି କହିଛନ୍ତି ଯେ, ଅର୍ଥନୈତିକ ମାନ୍ଦାବସ୍ଥା କ୍ଷୀଣସ୍ଥାୟୀ। କିନ୍ତୁ ସ୍ଥିର ଆୟ ଏବଂ ଅଟୋମେଶନଚାଳିତ ନିଯୁକ୍ତି ହ୍ରାସ ଢ଼ାଞ୍ଚାଗତ। ଆସନ୍ତା ଦଶନ୍ଧିରେ ଏହାର ବୃହତ୍ ପ୍ରଭାବ ଦେଶର ମଧବିତ୍ତ ଅନୁଭବ କରିବେ।



## ହସିନାଙ୍କ ଗାଦିଚ୍ୟୁତ ପରେ ଦେଶ ଛାଡୁଛନ୍ତି କମ୍ପାନୀ

# ବାଂଲାଦେଶରେ ୧୪୦ କପଡ଼ା ଫ୍ୟାକ୍ଟ୍ରି ବନ୍ଦ

**ଢାକା,୨୫।୩:** ଶେଖ୍ ହସିନା ସରକାରର ପତନ ପରେ ବାଂଲାଦେଶର କପଡ଼ା ଶିଳ୍ପ କ୍ଷେତ୍ରକୁ ଭୟଙ୍କର ସଂକଟ ମାଡ଼ିବସିଛି। କମ୍ପାନିମାନେ ଦେଶରେ ନିବେଶ ପାଇଁ ମୁହଁ ମୋଡୁଛନ୍ତି। ଏମିତି କି ପୂର୍ବରୁ ବିପୁଳ ପୁଞ୍ଜି ଖଟାଇ ଲାଭବାନ ହୋଇଥିବା ସଂସ୍ଥାମାନେ ବାଂଲାଦେଶକୁ ଅଲ୍‌ବିଦା କହିବା ଆରମ୍ଭ କରିଦେଇଛନ୍ତି। ପୂର୍ବତନ ପ୍ରଧାନମନ୍ତ୍ରୀ ହସିନାଙ୍କ ଗାଦିଚ୍ୟୁତ ହେବାର ୭ ମାସ ପରେ ୧୪୦ରୁ ଅଧିକ କପଡ଼ା ଫ୍ୟାକ୍ଟ୍ରିରେ ତାଲା ପଡ଼ିସାରିଲାଣି। ଏହାଯୋଗୁ ୧ ଲକ୍ଷରୁ ଅଧିକ ଲୋକ ବେରୋଜଗାର ହୋଇଯାଇଛନ୍ତି। କେବଳ ଗାଜିପୁର, ସାୱର, ନାରାୟଣଗଞ୍ଜ ଓ ନର୍ସିନ୍ଦିରେ ୫୦ରୁ ଅଧିକ ପୋଷାକ କାରଖାନା ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯାଇଛି। ପ୍ରାୟ ୪୦ଟି କାରଖାନା ଅସ୍ଥାୟୀ ଭାବେ ବନ୍ଦ ହୋଇଛି।

ଅନ୍ୟ କେତେକ କମ୍ପାନିରେ କାର୍ଯ୍ୟରତ ଶ୍ରମିକଙ୍କ ୨ ମାସରୁ ୧୪ ମାସର ବେତନ ବାକି ରହିଛି। ଏହାଯୋଗୁ ହାହାକାର ସ୍ଥିତି ସୃଷ୍ଟି ହୋଇଛି। ଲୋକମାନେ ରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିଛନ୍ତି। ଇଦ୍ ପରେ ଆହୁରି ଅନେକ ଫ୍ୟାକ୍ଟ୍ରି ବନ୍ଦ ହୋଇପଡ଼ିବା ଆଶଙ୍କା ଉପୁଜିଛି। ଏହାସତ୍ତ୍ୱେ ସରକାର ଓ ପୋଷାକ ଶିଳ୍ପ ସଂସ୍ଥାଙ୍କ ତରଫରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ବାଂଲାଦେଶ ପୋଷାକ ନିର୍ମାତା ଓ ରପ୍ତାନିକାରୀ ସଂଘ (ବିଜିଏମ୍‌ଇଏ)ର ସୂତ୍ର ମୁତାବକ, ୨୦% ଅର୍ଡର ଦେଶରୁ ଅନ୍ୟତ୍ର ସ୍ଥାନାନ୍ତର ହୋଇଯାଇଛି। ଏବେ ଏହା ପଡ଼ୋଶୀ ଭାରତ, ଭିଏତନାମ, ଶ୍ରୀଲଙ୍କା, ଇଣ୍ଡୋନେସିଆ ଓ ପାକିସ୍ତାନକୁ ଚାଲିଯାଇଛି।




ଗାର୍ମେଣ୍ଟ ଫ୍ୟାକ୍ଟ୍ରି ଅଚାନକ ବନ୍ଦ ହୋଇଯିବା ପଛରେ ଦୁଇଟି ବଡ଼ କାରଣ ଥିବା କୁହାଯାଉଛି। ସୂତ୍ର ମୁତାବକ, ଦେଶରେ ଦେଖାଦେଇଥିବା ଏହି ମାନ୍ଦାବସ୍ଥା ସମ୍ପୂର୍ଣ୍ଣ ରାଜନୈତିକ। ଏ ପର୍ଯ୍ୟନ୍ତ ବନ୍ଦ ହୋଇପଡ଼ିଥିବା କପଡ଼ା ଫ୍ୟାକ୍ଟ୍ରି ମଧ୍ୟରୁ ଅଧିକାଂଶ ପୂର୍ବତନ ପ୍ରଧାନମନ୍ତ୍ରୀ ହସିନାଙ୍କ ଦଳ ଆୱାମି ଲିଗ୍‌ର ନେତାଙ୍କ ସହ ଜଡ଼ିତ ରହିଛି। ହସିନାଙ୍କ ବିଦେଶୀ ନିବେଶ ପରାମର୍ଶଦାତା ସଲମାନ ଏଫ୍ ରହମାନଙ୍କ ବେକ୍ସିମ୍‌କୋ କମ୍ପାନି ବି ବନ୍ଦ ହୋଇଯାଇଛି।

ଗତ ୭ ମାସ ମଧ୍ୟରେ ବେକ୍ସିମ୍‌କୋର ୧୫ଟି କାରଖାନା ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯାଇଛି। ଏହାଛଡ଼ା, ଆୱାମି ଲିଗ୍‌ର ନେତା ଗାଜି ଦସ୍ତଗିରଙ୍କର ଅନେକ କାରଖାନା ବି ବନ୍ଦ ହୋଇଛି। ଲେବର ନେତା ମହମ୍ମଦ ମିଣ୍ଟୁ କହିଛନ୍ତି, ବେକ୍ସିମ୍‌କୋ ଗାର୍ମେଣ୍ଟ କମ୍ପାନି ଦେଶର ଏକ ପ୍ରମୁଖ କମ୍ପାନି ଥିଲା। ଏଠାରେ କାମ କରୁଥିବା ଶ୍ରମିକମାନେ ବେତନ ସାଙ୍ଗକୁ ବୋନସ୍ ପାଇ ଲାଭବାନ ହେଉଥିଲେ। ଏହା ବନ୍ଦ ହୋଇପଡ଼ିବା ଯୋଗୁ ସମସ୍ୟା ଉପୁଜିଛି। ଅନେକ ବଡ଼ କପଡ଼ା ବେପାରୀ ଦେଶ ଛାଡ଼ି ପଳାଇଲେଣି। ଏହାଯୋଗୁ ଆଗକୁ ଆହୁରି ଗମ୍ଭୀର ସମସ୍ୟା ଉପୁଜିବ। ପୋଷାକ କ୍ଷେତ୍ରକୁ ବାଂଲାଦେଶ ଅର୍ଥ ବ୍ୟବସ୍ଥାର ମେରୁଦଣ୍ଡ କୁହାଯାଇଥାଏ। ଏହି ଶିଳ୍ପ ପ୍ରତିବର୍ଷ ଦେଶର ୮୪% ବିଦେଶୀ ମୁଦ୍ରା ହାସଲ କରିଥାଏ। ଏଥିସହ ସିଧାସଳଖ ଭାବେ ୫୦ ଲକ୍ଷ ଓ ପରୋକ୍ଷରେ ୧.୫ କୋଟି ଲୋକଙ୍କୁ ରୋଜଗାର ଦେଇଥାଏ। ବିଶେଷକରି ମହିଳାମାନେ ବହୁ ସଂଖ୍ୟାରେ ଏହି ଶିଳ୍ପରେ କାର୍ଯ୍ୟ କରୁଛନ୍ତି। କିନ୍ତୁ ବର୍ତ୍ତମାନର ସଂକଟ ଅର୍ଥ ବ୍ୟବସ୍ଥାକୁ ଦୋହଲାଇ ଦେଇଛି।



# ପର୍ଯ୍ୟଟନ






## ଶିମିଳିପାଳ ଜାତୀୟ ଉଦ୍ୟାନ



ଶିମିଳିପାଳ

ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାରେ ଅବସ୍ଥିତ ଏକ ଜାତୀୟ ଉଦ୍ୟାନ ଓ ବ୍ୟାଘ୍ର ଅଭୟାରଣ୍ୟ ଯାହା ୨,୭୫୦ ବର୍ଗ କିଲୋମିଟର (୧,୦୬୦ ବର୍ଗ ମାଇଲ) ପର୍ଯ୍ୟନ୍ତ ବ୍ୟାପିଛି। ଏହା ମୟୂରଭଞ୍ଜ ହାତୀ ଅଭୟାରଣ୍ୟର ଏକ ଅଂଶ, ଯେଉଁଥିରେ ତିନିଟି ସଂରକ୍ଷିତ ଅଞ୍ଚଳ, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ, ହଦଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟ ୧୯୧.୦୬ ବର୍ଗ କିଲୋମିଟର (୭୩.୭୭ ବର୍ଗ ମାଇଲ) ଏବଂ କୁଲଡିହା ବନ୍ୟପ୍ରାଣୀ ଅଭୟାରଣ୍ୟ ୨୭୨.୭୫ ବର୍ଗ କିଲୋମିଟର (୧୦୫.୩୧ ବର୍ଗ ମାଇଲ) ଅନ୍ତର୍ଭୁକ୍ତ। ଶିମିଳିପାଳ ଜାତୀୟ ଉଦ୍ୟାନର ନାମ ଏହି ଅଞ୍ଚଳରେ ବଢ଼ୁଥିବା ଲାଲ ରେଶମ କପା ଗଛର ପ୍ରଚୁରତାରୁ ସୃଷ୍ଟି ହୋଇଛି। ଏହି ଉଦ୍ୟାନରେ ବେଙ୍ଗଲ ଟାଇଗର, ଏସୀୟ ହାତୀ, ଗୌର ଓ ଚୌସିଂହା ହରିଣ ରହୁଛନ୍ତି। ଏହି ସଂରକ୍ଷିତ ଅଞ୍ଚଳ ୨୦୦୯ ମସିହାରୁ ୟୁନେସ୍କୋ ୱାର୍ଲ୍ଡ ନେଟୱାର୍କ ଅଫ୍ ବାୟୋସ୍ଫିୟର ରିଜର୍ଭର ଏକ ଅଂଶ ଅଟେ। ଏହି ଅଭୟାରଣ୍ୟକୁ ଦୁଇଟି ଭିନ୍ନ ଜୋନରେ ବିଭକ୍ତ କରାଯାଇଛି: ଦକ୍ଷିଣ ଜୋନ୍, ଯେଉଁଥିରେ ମେଘାସାନି ଏବଂ ଖରିବୁରୁ ପରି ଉଚ୍ଚଭୂମି ଅନ୍ତର୍ଭୁକ୍ତ ଏବଂ ଅଧିକାଂଶ ମୁଖ୍ୟ ଅଞ୍ଚଳକୁ ସେବା ଯୋଗାଇଥାଏ, ଏବଂ ଉତ୍ତର ଜୋନ୍, ବାରେହିପାଣି, ଯୋରନ୍ଦା, ସୀତାକୁଣ୍ଡ ଏବଂ ଲୁଲୁଙ୍ଗ ପରି ଧୀରେ ଧୀରେ ଝୁଲୁଥିବା ପର୍ବତ ଏବଂ ମନୋରମ ସ୍ଥାନ ପାଇଁ ଜଣାଶୁଣା, ସମସ୍ତେ ପର୍ଯ୍ୟଟନ ପାଇଁ ସକ୍ରିୟ ଭାବରେ ପ୍ରୋତ୍ସାହିତ ହୁଅନ୍ତି। ଏହି ବିଶାଳ ଜଙ୍ଗଲରେ ଦୁଇଟି ପ୍ରମୁଖ ଜଳପ୍ରପାତ ରହିଛି - ଯୋରନ୍ଦା ୧୮୧ ମିଟର (୫୯୪ ଫୁଟ) ଏବଂ ବରେଇପାଣି ୨୧୭ ମିଟର (୭୧୨ ଫୁଟ)। ଗ୍ରୀଷ୍ମଋତୁରେ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ (୧୦୪ ଡିଗ୍ରୀ ଫାରେନହାଇଟ୍) ଥିବାବେଳେ ଶୀତ ଋତୁ ୧୪ ଡିଗ୍ରୀ ସେଲସିୟସ (୫୭ ଡିଗ୍ରୀ ଫାରେନହାଇଟ) ପର୍ଯ୍ୟନ୍ତ ରହିପାରେ। ମଧମରୁ ପ୍ରବଳ ବର୍ଷା ହୋଇଥାଏ।

## ମୁଢ଼ି-ମାଂସ

ପ୍ରାୟତଃ 'ଯୋଦ୍ଧାମାନଙ୍କର କ୍ଲାସିକ୍ ଜଳଖିଆ' ଭାବରେ ପରିଗଣିତ ମୁଢ଼ି-ମାଂସ ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାର ଏକ ବିକାଶଶୀଳ ସହର ବାରିପଦାର ଏକ ସାଧାରଣ ଖାଦ୍ୟ। ମୁଢ଼ି ଶବ୍ଦର ଅର୍ଥ ହେଉଛି ଚାଉଳ ଭଜା ଏବଂ ମାଂସ। ମୁଢ଼ୀ ରାଜ୍ୟର ଏକ ମୁଖ୍ୟ ଖାଦ୍ୟ ଏବଂ ଏହାକୁ ମୁଖ୍ୟତଃ ବାରିପଦାବାସୀ ଖାଆନ୍ତି। ଏଠାକାର ଲୋକମାନେ ମୁଢ଼ିରେ ବିଭିନ୍ନ ଉପାଦାନ ମିଶାଉଥିବାବେଳେ ଏହାର ସବୁଠାରୁ ଲୋକପ୍ରିୟ ସାଥୀ ହେଉଛି ମାଂସ ତରକାରୀ। କଟା ପିଆଜ, ସବୁଜ ଲଙ୍କା, ଧନିଆ, ଦହି ଏବଂ ଆଚାର ସହିତ ମଟନ୍ ତରକାରୀ ସହିତ ଭାତ ପିନ୍ଧିବା ଅତ୍ୟନ୍ତ ଆନନ୍ଦଦାୟକ ଅଟେ। ଏହି ଖାଦ୍ୟ ମୟୂରଭଞ୍ଜର ଖାଦ୍ୟ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ ଏବଂ ଏହା ସହିତ ଲୋକଙ୍କ ଗଭୀର ଭାବନାତ୍ମକ ସମ୍ପର୍କ ରହିଛି। ଆପଣ ସହରରେ ରେଷ୍ଟୁରାଣ୍ଟ ପାଇପାରିବେ ଯେଉଁମାନେ ଏବେବି ଉତ୍ସର୍ଗୀକୃତ ଭାବରେ ମୁଦି ମାଂସ ବିକ୍ରି କରନ୍ତି, ଅନ୍ୟ ରାଜ୍ୟରେ ଏବଂ ଜାତୀୟ ଖାଦ୍ୟ ପର୍ବ ସମୟରେ ମଧ୍ୟ ଏହି ଖାଦ୍ୟ ପରିବେଷଣ କରାଯାଏ।



## ଆସ ଖାଇବା ଗୁପ୍‌ଚୁପ୍



ଗୁପଚୁପ ଏହି ଜିନିଷ ଟି ପ୍ରାୟ ସମସ୍ତ ଙ୍କର ଅତି ପ୍ରିୟ ଖାଦ୍ୟ ଭାବରେ ଜଣାଶୁଣା। ଗାଁ ଗହଳି ଠାରୁ ଯେ କୌଣସି ସ୍ଥାନ ଆମେ ଦେଖିବା ଯଦି ଗୋଟିଏ ଗୁପଚୁପ ଗାଡି ଠିଆ ହୋଇଛି କେଉଁଠି ତ ତା ନିକଟରେ ସଭିଙ୍କ ଭିଡ଼। ଆଜି ପର୍ଯ୍ୟନ୍ତ ଆମେ ସମସ୍ତଙ୍କର ଧାରଣା ରହିଥିଲା ଯେ ଗୁପଚୁପ ଖାଇବା ଦ୍ୱାରା ଅନେକ ସ୍ୱାସ୍ଥ୍ୟ ସମସ୍ୟା ଦେଖା ଯାଇଥାଏ। କିନ୍ତୁ ନିକଟରେ ହୋଇଥିବା ଗୋଟିଏ ଅଧ୍ୟୟନ ଅନୁସାରେ ଗୁପଚୁପ ମଧ ଦୂର କରିଥାଏ ଅନେକ ଶାରୀରିକ ସମସ୍ୟା। କିନ୍ତୁ ଏହା ସ୍ୱାସ୍ଥ୍ୟକର ପରିବେଶ ରେ ପ୍ରସ୍ତୁତ ହେବା ସହିତ ସଫା ସୁତୁରା ସ୍ଥାନରେ ପରିବେଷଣ କରାଯାଉଥିବା ଉଚିତ। ଗୁପଚୁପ ପାଣି ହେଲା ସବୁଠୁ ଗୁରୁତ୍ୱପୂର୍ଣ୍ଣ , ଏହାକୁ ସର୍ବଦା ସଫା ପାଣିରେ ଅଦା, ପୁଦିନା, ଧନିଆ ପତ୍ର ସହିତ ଖଟା ଦ୍ରବ୍ୟ ମିଶାଇ ପ୍ରସ୍ତୁତ କରିବା ଉଚିତ। ଏହାଛଡା ଅନେକ ଗୁଡିଏ ପୁଷ୍ଟିକର ଜିନିଷ ରେ ଗୁପଚୁପ ର ପ୍ରସ୍ତୁତି ହୋଇଥାଏ , ଅଟା, ସୁଜି, ଆଳୁ, ସିଝା ମଟର , କଞ୍ଚାଲଙ୍କା, ଆମଚୁର ପାଉଡର ଇତ୍ୟାଦି।

### ହେଲଦି ଡାଇଜେସନ

ଗୁପଚୁପ ଗହମ ଅଟା , ସୁଜି, ବୁଟ, ମଟର ଓ ଆଳୁ ଆଦିରେ ପ୍ରସ୍ତୁତ ହୋଇଥିବା କାରଣରୁ କାର୍ବୋହାଇଡ୍ରେଟ ଓ ଫାଇବର ର ଗୋଟିଏ ଭଲ ସ୍ରୋତ ଅଟେ। ତେଣୁ ଏହାକୁ ଖାଇବା ଦ୍ୱାରା ଶରୀର କୁ ଭରପୁର ଫାଇବର ମିଳିଥାଏ, ଯାହାକି ଡାଇଜେସନ ସିଷ୍ଟମ ରେ ସୁଧାର ଆଣିଥାଏ।

### ଓଜନ ହ୍ରାସ

ଆପଣ ଜାଣିଲେ ଏହା ଆଶ୍ଚର୍ଯ୍ୟ ହୋଇ ପାରନ୍ତି କିନ୍ତୁ ଆପଣ ଗୁପଚୁପ ଖାଇବା ଦ୍ୱାରା ଓଜନ ହ୍ରାସ ହୋଇଥାଏ। କାହିଁକି ନା ଗୁପଚୁପ ରେ ଦିଆଯାଉ ଥିବା ଅଧିକାଂଶ ଜିନିଷ ସିଝା ଅଟେ ଓ ସେଥିରେ ପାଣି ମଧ ରହିଥାଏ। ଏହି କାରଣରୁ ଏଥିରେ କ୍ୟାଲୋରୀ ଖୁବ କମ ମାତ୍ରାରେ ରହିଥାଏ ଯେଉଁ କାରଣରୁ ଓଜନ ହ୍ରାସ ହୋଇଥାଏ।

### ଏସିଡ଼ିଟି ଦୂର କରେ

ଏସିଡ଼ିଟି ସମସ୍ୟା ଦୂର କରିବା ପାଇଁ ଡାକ୍ତର ଥଣ୍ଡା ପାଣି ସେବନ କରିବାକୁ କହି ଥାଆନ୍ତି। ଯେପରିକି ଜଳଜିରା। ଜଳଜିରା ପାଣି ଗୁପଚୁପ ରେ ଖୁବ ଆବଶ୍ୟକ। କାହିଁକି ନା ଏହାବିନା ଗୁପଚୁପ ର ସ୍ୱାଦ ଅଧୁରା ଲାଗିଥାଏ। ତେଣୁ ଏହି ପାଣି ପେଟ ପାଇଁ ଖୁବ ହିତକର ବୋଲି କୁହାଯାଇ ଥାଏ।

### ବ୍ଲଡ଼ ସୁଗାର ମ୍ୟାନେଜ କରିଥାଏ

କମ କାର୍ବ ଯୁକ୍ତ ଜିନିଷ ହୋଇଥିବା କାରଣରୁ ଗୁପଚୁପ ମଧୁମେହ ରୋଗୀଙ୍କ ପାଇଁ ଖୁବ ହିତକର। ତଥାପି ଏଥିପାଇଁ ଡାକ୍ତରଙ୍କୁ ପରାମର୍ଶ କରିବା ଆବଶ୍ୟକ।

## ଜୈବବିବିଧ ଐତିହ୍ୟସ୍ଥଳ



ସଂପ୍ରତି କୋରାପୁଟ ଜିଲ୍ଲାର ଗୁପ୍ତେଶ୍ୱର ଓ ଧୋନ୍ଦ୍ରାଖୋଲ ସଂରକ୍ଷିତ ଜଙ୍ଗଲକୁ ରାଜ୍ୟର ଚତୁର୍ଥ ଜୈବବିବିଧ-ଐତିହ୍ୟସ୍ଥଳ (ବିଏଚ୍ଏସ୍) ଭାବେ ଘୋଷଣା କରାଯାଇଛି। ଓଡ଼ିଶା ଜୈବ ବିବିଧତା ପରିଷଦ୍ ପକ୍ଷରୁ କରାଯାଇଥିବା ସର୍ବେକ୍ଷଣ ଅନୁଯାୟୀ, ଏହି ଜଙ୍ଗଲ ବହୁ ବିରଳ ଜୀବଜନ୍ତୁରେ ପରିପୂର୍ଣ୍ଣ ଏବଂ ଜୈବ ବିବିଧତାର ଏକ ସଂରକ୍ଷିତ ପରିସର। ଏହା ୨୮ ପ୍ରଜାତିର ସ୍ତନ୍ୟପାୟୀ, ୧୮ ଉଭୟଚର, ୧୮୮ ପକ୍ଷୀ, ୪୮ ସରୀସୃପ, ୧୪୧ ପ୍ରଜାପତି, ୪୫ ମାଛ, ୪୩ ରାତ୍ରିଚର କୀଟପତଙ୍ଗ, ୪୧ କଙ୍କି, ୩୦ ଛୋଟବଡ଼ ବୁଢ଼ିଆଣୀ, ୨୦ ଅମେରୁଦଣ୍ଡୀ ଓ ୬ ପ୍ରଜାତିର କଙ୍କଡ଼ାବିଛାଙ୍କ ବାସସ୍ଥାନ। ଗୁପ୍ତେଶ୍ୱର ଜଙ୍ଗଲରେ ବିରଳ ପ୍ରଜାତିର ମଗର, କାଙ୍ଗେର ଉପତ୍ୟକାରେ ଦେଖାଯାଉଥିବା ରକ୍ ଗେକୋ (ପାହାଡ଼ୀ ଝିଟିପିଟି ପ୍ରଜାତି), ସନ୍ତସନ୍ତିଆ ବୁଦାରେ ବାସ କରୁଥିବା ବେଙ୍ଗ ମଧ ଦେଖିବାକୁ ମିଳନ୍ତି। ଏଥିସହ ଏହା ଚୂଳିଆ ବାଜ, କଳାବାଜ, କୁମ୍ଭାଟୁଆ, କଳା କାଠହଣା, ପାହାଡ଼ୀ ଶାରୀ, କଷ୍ଟଫେଡ୍ ଆଦି ପକ୍ଷୀ ସମୁଦାୟଙ୍କ ଆଶ୍ରୟସ୍ଥଳୀ। ଦକ୍ଷିଣ ଓଡ଼ିଶାରେ ଦେଖାଯାଉଥିବା ମୋଟ ୧୬ ପ୍ରକାରର ବାଦୁଡ଼ି ପ୍ରଜାତି ମଧ୍ୟରୁ ଗୁପ୍ତେଶ୍ୱର ଜଙ୍ଗଲରେ ୮ ପ୍ରଜାତିର ବାଦୁଡ଼ି ଦେଖାଯା'ନ୍ତି। ଗୁପ୍ତେଶ୍ୱର ଜଙ୍ଗଲରେ ଦୁଇଟି ରାତ୍ରିଚର ପ୍ରଜାତି ସ୍ତନ୍ୟପାୟୀ ହିପୋସାଇଡ୍ରୋସ୍ ଗେଲେରିଟସ୍ ଓ ରାଇନୋଲୋଫସ୍ ରୁକ୍ସି (କଳା, ଧୂସର ଓ ଈଷତ୍ ହଳଦିଆ ବାଦୁଡ଼ି ପ୍ରଜାତିର ଛୋଟ ପକ୍ଷୀ) ଦେଖାଯା'ନ୍ତି। ଏହି ୨ ପ୍ରଜାତିର ପକ୍ଷୀ ଇଣ୍ଟରନ୍ୟାସନାଲ୍ ୟୁନିଅନ୍ ଫର୍ କଞ୍ଜର୍ଭେସନ୍ ଅଫ୍ ନେଚର୍ (ଆଇୟୁସିଏନ୍)ର ଆସନ୍ନ ଲୁପ୍ତପ୍ରାୟ ଶ୍ରେଣୀ ଅନ୍ତର୍ଭୁକ୍ତ ବୋଲି କହନ୍ତି ନେଚର୍ ଇନିସିଏଟିଭ୍ ଅନୁଷ୍ଠାନର ଶ୍ରୀକାନ୍ତ ଶେଖର ସାହୁ। ଏଥିସହ ଗୁପ୍ତେଶ୍ୱର ଜୈବମଣ୍ଡଳରେ ୧୮୨ ପ୍ରଜାତିର ବୃକ୍ଷଲତା, ୧୭୭ ଜଡ଼ିବୁଟି, ୭୬ ଗୁଳ୍ମ, ୧୪ ଅର୍କିଡ୍ ଓ ୬୯ ପ୍ରଜାତିର ବିପନ୍ନ ଔଷଧୀୟ ଉଦ୍ଭିଦ ରହିଛି। ଗୁପ୍ତେଶ୍ୱର ଜୈବମଣ୍ଡଳରେ ୧୮୨ ପ୍ରଜାତିର ବୃକ୍ଷଲତା, ୧୭୭ ଜଡ଼ିବୁଟି, ୭୬ ଗୁଳ୍ମ, ୧୪ ଅର୍କିଡ୍ ଓ ୬୯ ପ୍ରଜାତିର ବିପନ୍ନ ଔଷଧୀୟ ଉଦ୍ଭିଦ ରହିଛି। ପରିବେଶ ଆଇନ୍ ବିଶେଷଜ୍ଞ ଶଙ୍କର ପ୍ରସାଦ ପାଣି କହନ୍ତି, "୨୦୧୬ରେ ଜାତୀୟ ଗ୍ରିନ୍ ଟ୍ରିବ୍ୟୁନାଲ୍ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଗୁପ୍ତେଶ୍ୱର ସଂରକ୍ଷିତ ଜଂଗଲରେ ପଲିଥିନ୍ ଓ ପ୍ଲାଷ୍ଟିକ୍ ବ୍ୟବହାର ନିଷେଧ ଉପରେ ଦେଇଥିବା ନିର୍ଦ୍ଦେଶ ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ। ପଲିଥିନ୍ ଓ ପ୍ଲାଷ୍ଟିକ୍ ନିଷେଧ ନିର୍ଦ୍ଦେଶକୁ କଡ଼ାକଡ଼ି ପାଳନ ନ କଲେ ଗୁପ୍ତେଶ୍ୱରର ଜୈବବିବିଧତା ଅଚିରେ ବିପଦପ୍ରବଣ ହୋଇପଡ଼ିବ।" ସେହିପରି କୋରାପୁଟସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଜୈବବିବିଧତା ଓ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଭାଗର ପ୍ରଫେସର ଶରତ କୁମାର ପଳିତା କହନ୍ତି, "ଗୁପ୍ତେଶ୍ୱର ଜୈବମଣ୍ଡଳ ହେଉଛି ଶୁଷ୍କ ପର୍ଣ୍ଣମୋଚୀ ଓ ଆର୍ଦ୍ର ପର୍ଣ୍ଣମୋଚୀ ଜଙ୍ଗଲ। ଏହି ସଂରକ୍ଷିତ ଜଙ୍ଗଲରେ ଆଦିମ ଦୁରୁଆ ଜନଜାତି ବାସ କରନ୍ତି। ଛତିଶଗଡ଼ରେ ସେମାନଙ୍କୁ ଜନଜାତିର ମାନ୍ୟତା ମିଳିଥିବା ବେଳେ ଏଠାରେ ଏହି ସମ୍ପ୍ରଦାୟଙ୍କୁ ଜନଜାତି ମାନ୍ୟତା ମିଳିନାହିଁ। ସେମାନଙ୍କୁ ଜନଜାତି ମାନ୍ୟତା ଦେଇ ତାଙ୍କର ଜୀବନଜୀବିକା ସୁରକ୍ଷିତ ରଖିପାରିଲେ ଗୁପ୍ତେଶ୍ୱର ଜୈବମଣ୍ଡଳ ମଧ ସୁରକ୍ଷିତ ରହିବ।"

## କେନ୍ଦୁଝରର ଫୁଲବଡ଼ି

ଫୁଲାବଡ଼ି ବହୁବର୍ଷ ଧରି ଓଡ଼ିଆ ଖାଦ୍ୟର ଏକ ଅଂଶ ପାଲଟିଛି। ସହରାଞ୍ଚଳର ହୁଅନ୍ତୁ ବା ଗାଁର ସାଧାରଣ ଲୋକ, ସବୁ ଓଡ଼ିଆଙ୍କ ପାଇଁ ପସନ୍ଦ ହେଉଛି ବଡ଼ି। ପରିବର୍ତ୍ତିତ ଖାଦ୍ୟ ଅଭ୍ୟାସ ଦେଶର ଉତ୍ତର ଓ ଦକ୍ଷିଣରୁ ରାଜ୍ୟର ଆଭ୍ୟନ୍ତରୀଣ ଅଞ୍ଚଳ ପର୍ଯ୍ୟନ୍ତ ଖାଦ୍ୟ ପାଇଁ ବାଟ ଖୋଲିଥିବାବେଳେ ଓଡ଼ିଶାର ଅନ୍ୟାନ୍ୟ ବ୍ୟଞ୍ଜନ ମଧ୍ୟରେ ଫୁଲାବଡ଼ି ନିଜର ସ୍ୱତନ୍ତ୍ରତା ଓ ସ୍ଥାନ ବଜାୟ ରଖିଛି। ଆଉ ଯେତେବେଳେ ଆମେ ଫୁଲବଡ଼ି କଥା କହୁଛୁ, ସେତେବେଳେ ଆମ ମନରେ ପ୍ରଥମେ ଆସିଥାଏ କେନ୍ଦୁଝର, କାରଣ ବଡ଼ିର ସର୍ବୋତ୍ତମ ଯୋଗାଣ ପାଇଁ ଏହାର ଲୋକପ୍ରିୟତା ଥିଲା କେନ୍ଦୁଝର। କେବଳ କେନ୍ଦୁଝର ଜିଲ୍ଲାର ପ୍ରାୟ ୮୫୦ ପରିବାର ବଡ଼ିରୁ ଜୀବିକା ନିର୍ବାହ କରନ୍ତି। ପାରମ୍ପରିକ ଭାବରେ, ଏକ ସିଲ-ପଥରରେ ବିରି ଡାଲିରୁ ବଡ଼ି ପ୍ରସ୍ତୁତ କରାଯାଏ। କିନ୍ତୁ ବାଣିଜ୍ୟିକ ଉଦ୍ଦେଶ୍ୟରେ ଏହାକୁ ଉତ୍ପାଦନ କରିବା ପାଇଁ ଆଜିକାଲି ବଡ଼ି ପେଷ୍ଟ ପାଇଁ ମେସିନ୍ ବ୍ୟବହାର କରାଯାଉଛି। କେନ୍ଦୁଝର ଜିଲ୍ଲାରେ ପ୍ରସ୍ତୁତ ହେଉଥିବା ବଡ଼ି ସାରା ଦେଶ ତଥା ବିଶ୍ୱର ବିଭିନ୍ନ ସ୍ଥାନରେ ଲୋକପ୍ରିୟତା ହାସଲ କରିଛି।



## ବାଲେଶ୍ୱର ଗଜା



ଖାସ୍ତା ଗଜା ବା ବାଲେଶ୍ୱର ଗଜା ଓଡ଼ିଆ ପରମ୍ପରାରେ ଓତଃପ୍ରୋତଃ ଭାବରେ ଜଡ଼ିତ। ଯାହାକି ହା ଖଇବା ସମୟରେ କୁଡୁମୁଡ଼ିଆ ଲାଗିବା ସହିତ ପାଟିରେ ପକାଇଲେ ମିଠା ଲାଗିଥାଏ। ଏହି ପାରମ୍ପରିକ ମିଠା କେବଳ ଏକ ଖାଦ୍ୟ ନୁହେଁ; ଏହା ଏକ ସାଂସ୍କୃତିକ ଅନୁଭୂତି। ସାଂସ୍କୃତିକ ମହତ୍ତ୍ୱ ବହନ କରୁଥିବା ଖାସ୍ତା ଗଜା ପ୍ରାୟତଃ ପର୍ବପର୍ବାଣୀ, ବିବାହ ଓ ସ୍ୱତନ୍ତ୍ର ଉତ୍ସବ ବ୍ୟତୀତ ସବୁ ସମୟରେ ଲୋକମାନେ ଖାଇଥାନ୍ତି। ଏହା ଓଡ଼ିଆ ଐତିହ୍ୟର ସମୃଦ୍ଧିର ପ୍ରତୀକ ଏବଂ ପିଢ଼ି ପିଢ଼ି ଧରି ଚାଲି ଆସୁଥିବା ରୋଷେଇ କାରିଗରୀ କୌଶଳର ପ୍ରମାଣ। ଖାସ୍ତା ଗଜା ପ୍ରସ୍ତୁତିର ମୁଖ୍ୟ ଉପାଦାନ ମଧ୍ୟରେ ଅଟା, ଘିଅ, ଚିନି ଏବଂ ଅଳେଇଚ ଅନ୍ତର୍ଭୁକ୍ତ। ଏହି ମିଶ୍ରଣର ଫଳସ୍ୱରୂପ ଏକ ଟ୍ରିଟ୍ ମିଳିଥାଏ ଯେଉଁଥିରେ ଗଠନ ଏବଂ ସ୍ୱାଦର ଏକ ସଠିକ୍ ସନ୍ତୁଳନ ରହିଥାଏ, ଯାହା ସ୍ୱାଦ କଳି ଉପରେ ଏକ ସ୍ଥାୟୀ ଛାପ ପକାଇଥାଏ। ବାଲେଶ୍ୱର ଗଜା ପ୍ରସ୍ତୁତିରେ ଏକ ସତର୍କ ପ୍ରକ୍ରିୟା ଅନ୍ତର୍ଭୁକ୍ତ। ଅଟାକୁ ଘିଅ ଓ ପାଣି ମିଶାଇ ଚକଟିବା ପରେ ଯତ୍ନର ସହ ଆକାର ଦିଆଯାଏ ଏବଂ ପରେ ଏହା ସୁବର୍ଣ୍ଣ-ବାଦାମୀ ରଙ୍ଗ ହାସଲ ନ କରିବା ପର୍ଯ୍ୟନ୍ତ ଗଭୀର ଭାବରେ ଭାଜି ଦିଆଯାଏ। ଫଳସ୍ୱରୂପ ଏକ ମିଠା ଥାଏ ଯାହା ଉଭୟ ଆଖି ଏବଂ ପାଟିକୁ ଆନନ୍ଦ ଦେଇଥାଏ।



## ଶ୍ୟାମଳାଇ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ

**ହିଞ୍ଜିଳିକାଟୁ ,୨୫ା୩(ସଂଚାର ବ୍ୟୁରୋ):** ଚୈତ୍ର ମାସ ୨ୟ ପାଳି ମଙ୍ଗଳବାର ଉପଲକ୍ଷେ ହିଞ୍ଜିଳିକାଟୁ ବ୍ଲକ ନୂଆବୁଢ଼ାପଦା ନିକଟସ୍ଥ ମା ଶ୍ୟାମଳାଇ ଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା। ଏହି ଉପଲକ୍ଷେ ଆଖପାଖ ଅଞ୍ଚଳ ସମେତ ଦୂରଦୂରାନ୍ତରୁ ଜନସମାବେଶ ହୋଇ ସନ୍ଧ୍ୟା ପର୍ଯ୍ୟନ୍ତ ଗହଳ ଚହଳ ଲାଗି ରହିଥିଲା। ମଙ୍ଗଳବାର ଭୋରରୁ ମାଙ୍କ ମାର୍ଜଣା, ମଙ୍ଗଳ ଆଳତି, ବାଲ ଭୋଗ ରୀତିନୀତି ଅନୁସାରେ କରାଯାଇ ଶ୍ରଦ୍ଧାଳୁ ମାନଙ୍କୁ ମନ୍ଦିରକୁ ପ୍ରବେଶ କରାଯାଇଥିଲା। ଶ୍ରଦ୍ଧାଳୁ ମାନେ ମାଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିବା ପାଇଁ ବହୁ ସମୟ ଧରି ଲମ୍ବା ଲାଇନରେ ଅପେକ୍ଷା କରି ରହିଥିଲେ। ଏଥି ନିମିତ ମନ୍ଦିର ଚତୁଃପାର୍ଶ୍ୱରେ ମାନସିକ ଧାରୀମାନେ ନିଜନିଜର ଶିଶୁଙ୍କ ମୁଣ୍ଡନ, ପଖା ଅମୃତ କରି ବନ୍ଧୁବର୍ଗଙ୍କ ସହ ଭୋଜି ଭାତର ଆୟୋଜନ ଜମିଥିଲା।

## କୁଶଲେଶ୍ୱର ହାଇସ୍କୁଲରେ ବାର୍ଷିକ ଉତ୍ସବ ଅନୁଷ୍ଠିତ

**ସୁବର୍ଣ୍ଣପୁର,୨୫ା୩(ସଂଚାର ବ୍ୟୁରୋ):** ସୋନପୁର ବ୍ଲକ ଲୁହୁରିପାଲି ସ୍ଥିତ ପିଏମ୍ ଶ୍ରୀ କୁଶଳେଶ୍ୱର ହାଇସ୍କୁଲରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବାବୁଲାଲ ସାହୁ ଓ ପରିଚାଳନା କମିଟି ସଭାପତି ଈଶ୍ୱର ଚନ୍ଦ୍ର ପଳିଆ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସମାରୋହକୁ ଉଦଘାଟନ କରିଥିଲେ ପ୍ରଧାନ ଶିକ୍ଷକ ବାବୁଲାଲ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ସ୍ୱପ୍ନତେଜ୍ ବଗାର, ସୋନପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରହ୍ଲାଦ ନାୟକ ଏବଂ ସମ୍ମାନିତ ଅତିଥି ଭାବେ ସଙ୍ଗୀତକାର ତଥା ବିଶିଷ୍ଟ କଣ୍ଠଶିଳ୍ପୀ ଶାଶ୍ୱତ କୁମାର ତ୍ରିପାଠୀ ଏବଂ ମୁଖ୍ୟ ବକ୍ତା ଭାବେ ଇଂରାଜୀ



ଅଧ୍ୟାପକ ମଧୁସୂଦନ ପୂଜାରୀ ଯୋଗ ଦେଇଥିଲେ। ବରିଷ୍ଠ ଶିକ୍ଷକ ଚକ୍ରାନୟନ ମେହେର ସ୍ୱାଗତ ଭାଷଣ ତଥା ଅତିଥି ପରିଚୟ ପ୍ରଦାନ କରିଥିଲେ। ଖେଳ ଶିକ୍ଷକ ଚୌଧୁରୀ ବିଭାର ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ନନ୍ଦିନୀ ମାଝୀ,ସ୍ନେହଲତା ଖେତି,ସଂଯୁକ୍ତା ଦାସ, ସଞ୍ଜୟ ପ୍ରଧାନ,ମାନସ ରଞ୍ଜନ ଭୋଇ,ପୁଷ୍ପାଞ୍ଜଳି ନାୟକ,ଆଦିତ୍ୟ କିଶୋର ପାଢ଼ୀ, ନିବେଦିତା ମିଶ୍ର, ନିହାରିକା ମିଶ୍ର, ନର୍ମଦା ପାତ୍ର,ମାନସୀ ରାଣୀ,ସଂଯୁକ୍ତା ଗାଙ୍ଗଗରିଆ, ବାଳମୁକୁନ୍ଦ ସେଠି, ଚମାର ଗାଗ ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ରୀମାନଙ୍କର ଦ୍ୱାରା ସ୍ୱାଗତ ସଙ୍ଗୀତ ଓ ନୃତ୍ୟ ଗୀତ ପରିବେଷଣ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ ଦକ୍ଷତା ଥିବା ୧୫୦ ଜଣ ଛାତ୍ର ଛାତ୍ରୀଙ୍କୁ ଅତିଥି ମାନଙ୍କ ଦ୍ୱାରା ଟ୍ରଫି ଓ ମାନପତ୍ର ପ୍ରଦାନ କରାଗଲା। ପରିଚାଳନା କମିଟି ସଭ୍ୟ ମନୋଜ ପଣ୍ଡିଆ, ଗିରିଷ୍ଣୁ ଭଗାସାଗର, ଅର୍ଜୁନ କୁଣ୍ଡଳ, ତଥା ସମସ୍ତ ସଭ୍ୟ /ସଭ୍ୟା ଏହି କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।ସମସ୍ତ ଅଭିଭାବକ ଓ ଗ୍ରାମବାସୀ ବୃନ୍ଦ ଏହି ସମାରୋହରେ ଉପସ୍ଥିତ ରହି ଛାତ୍ର ଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।

## ବାଲିଆପାଳରେ ବୃଦ୍ଧି ପାଉଛି କ୍ୱାକ୍ ପ୍ରାଦୁର୍ଭାବ

**ବାଲିଆପାଳ,୨୫ା୩(ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳରେ ଏବେ କ୍ୱାକ୍, ନକଲି ଡାକ୍ତର, ନକଲି ପାଥୋଲାବ ଓ ନକଲି ଔଷଧ ବହୁଳ ମାତ୍ରାରେ ବ୍ୟାପିବା ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଅଞ୍ଚଳର ହାଟ ବଜାର ଓ ଛକମାନଙ୍କରେ ରାଜ୍ୟ ଓ ରାଜ୍ୟ ବାହାର ର କେତେକ ଅଣଓଡ଼ିଆ ବ୍ୟକ୍ତି ରାସ୍ତା କଡରେ ପସରା ମେଲାଇ ବିଭିନ୍ନ ପ୍ରକାର ରୋଗର ଚିକିତ୍ସା ନିମନ୍ତେ ଔଷଧ ବିକ୍ରି କରୁଥିବାର ଦେଖିବାକୁମିଳୁଛି। ସେମାନେ କୌଣସି ଡାକ୍ତର ଶିକ୍ଷା ଗ୍ରହଣ କରିଥିବା ବା ସାର୍ଟିଫିକେଟ ତାଙ୍କ ପାଖରେ ଥିବା ଭଳି ଜଣା ପଡେ ନାହିଁ। ଏ ଅଞ୍ଚଳର ବେଶ କିଛି ସ୍ଥାନରେ ଆଦିବାସୀ, ହରିଜନ ଅଧ୍ୟୁଷିତ ଲୋକେ ବସବାସ କରୁଥିଲାବେଳେ ଶିକ୍ଷା କ୍ଷେତ୍ରରେ ସେମାନେ ଅନଗ୍ରସର ହୋଇଥିବାରୁ ସେମାନଙ୍କୁ ବିଭିନ୍ନ ରୋଗର ସ୍ୱଳ୍ପ ମୂଲ୍ୟରେ ଏହି କ୍ୱାକ ଡାକ୍ତର ମାନେ ଚିକିତ୍ସା ସେବା ଯୋଗାଉଛନ୍ତି। ତେଣୁ ଏହି ଡାକ୍ତରଙ୍କୁ ବିଶ୍ୱାସ କରି ଲୋକେ ଠକାମୀର ଶିକାର ହେବା ସହିତ ବିପଦରେ ପଡ଼ିବାର ବହୁ ନଜିର ରହିଛି।ସେହିପରି ଗାଁ ଗହଳିରେ ଛତୁ ଫୁଟିଲା ଭଳିଆ ଔଷଧ ଦୋକାନ, ପାଥଲ୍ୟାବ ଖୋଲି ଦୋକାନୀମାନେ ନିଜେ ଡାକ୍ତର ସାଜି ରୋଗୀ ଚିକିତ୍ସା କରୁଥିବା ମଧ୍ୟ ଦେଖିବାକୁ ମିଳେ। ଏ ଅଞ୍ଚଳରେ କିଛି କ୍ଲିନିକ ଓ ଔଷଧ ଦୋକାନରେ ମଧ୍ୟ ଏଭଳି ଡାକ୍ତର ରୋଗୀଙ୍କ ନାଡ଼ୀ ପରୀକ୍ଷା କରିବା ସହିତ ରୋଗୀଙ୍କୁ ଔଷଧ ଦେଉଥିବାର ଦେଖାଯାଉଛି। ଔଷଧ ଦୋକାନୀ ଡାକ୍ତର ସାଜି ଭୁଲ ଚିକିତ୍ସା ଦ୍ୱାରା ଔଷଧ ଓ ଇଞ୍ଜେକ୍ସନ ଦେବା ଫଳରେ ରୋଗୀଙ୍କର ଅବସ୍ଥା ବେଳେ ବେଳେ ବହୁତ ଶୋଚନୀୟ ହେବା ନେଇ ମଧ୍ୟ ଅସନ୍ତୋଷର କାରଣ ପାଲଟିଛି। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ସହିତ ଜନସାଧାରଣ ଏଭଳି ନକଲି ଡାକ୍ତର ବା କ୍ୱାକ ଚିକିତ୍ସକ ନିକଟରେ ଚିକିତ୍ସା ନ କରାଇବା ପାଇଁ ପ୍ରଶାସନ ଜନ ସଚେତନତା ସୃଷ୍ଟି କରିବା ପାଇଁ ବୁଦ୍ଧିଜୀବୀ ମହଲରୁ ଦାବି ହୋଇଛି।

## ବିଭିନ୍ନ ସମସ୍ୟା ନେଇ କୁଇ ସମାଜ ଯୁବ ପରିଷଦର ବିଡିଓଙ୍କୁ ସାକ୍ଷାତ

**ଖଜୁରୀପଡା,୨୫।୩ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲାର ଖଜୁରୀପଡା ବ୍ଲକ ଅନ୍ତର୍ଗତ ବିଭିନ୍ନ ସମସ୍ୟା ନେଇ ଆଜି କୁଇ ସମାଜ ଯୁବ ପରିଷଦର ବିଡ଼ିଓ ଙ୍କୁ ସାକ୍ଷାତ । ସୂଚନା



ପ୍ରକାରେ କନ୍ଧମାଳ ଜିଲ୍ଲାର ଖଜୁରୀପଡା ବ୍ଲକର ବିଭିନ୍ନ ପଞ୍ଚାୟତ ଗୁଡ଼ିକ ଅଞ୍ଚଳରେ ବିଦ୍ୟାଳୟ, ଅଙ୍ଗନବାଡ଼ି, ରାସ୍ତାଘାଟ, ପାନୀୟ ଜଳ , ମେଡିକାଲ ସମେତ ସମସ୍ୟା ଗୁଡିକ ଲାଗି ରହିଛି । ଏହି ସମସ୍ୟା ଦୀର୍ଘ ଦିନ ହେବ ରହିଥିଲେ ମଧ୍ୟ କାର୍ଯ୍ୟକାରୀ ହୋଇପାରୁନାହିଁ । ପୂର୍ବରୁ ଏହି ବିଷୟରେ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ପାରି ନାହିଁ । ବର୍ତ୍ତମାନ ଖଜୁରୀପଡା ବ୍ଲକରେ ନୂତନ ଭାବେ ବିଡ଼ିଓ ଶ୍ରୀ ଶୁଭ ଦତ୍ତାତ୍ରେୟ ବାହୀନିପତି ଯୋଗଦେଇ ଥିବାରୁ ତାଙ୍କୁ ଆଜି କୁଇ ସମାଜ ଯୁବ ପରିଷଦ କନ୍ଧମାଳ ସମ୍ପାଦକ ଅଚ୍ୟୁତ ଯାନୀ ନେତୃତ୍ୱରେ ଜିଲ୍ଲା କୁଇ ସମାଜ ଯୁବ ପରିଷଦ କ୍ରୀଡ଼ା ସଭାପତି ସୁଜିତ୍ କୁମାର ମଲିକ, ଖଜୁରୀପଡା ବ୍ଲକ କୋଡିନେଟର ସୁବଳ ଦେହୁରୀ, ସମୀର ପ୍ରସାଦ ଝାଙ୍କର, ସାରଙ୍ଗ ଦେହୁରୀ ପ୍ରମୁଖ ଯାଇ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ସମସ୍ୟା ବିଷୟରେ ଅବଗତ କରିଥିଲେ ।



### ପୂରିଲା ଟାର୍ଗେଟ୍, ହେଲେ ଉଠିପାରିଲାନି ଚାଷୀଙ୍କ ଧାନ

# ମଣ୍ଡିରେ ପଡ଼ି ଗଜା ହେଲା ଧାନ

**ଭୁବନେଶ୍ୱର,୨୫ା୩(ସଂଚାର ବ୍ୟୁରୋ):** ମଣ୍ଡିରେ ଭିଜୁଛି ଚାଷୀଙ୍କ ଧାନ। ଟାର୍ଗେଟ ପୁରଣ ହୋଇଗଲା ହେଲେ ଚାଷୀଙ୍କ ଧାନ କିଣି ପରିଲେନି ସରକାର। ଟୋକେନ ପାଇ ମଣ୍ଡିକୁ ଧାନ ଆଣି ଏକ ମାସରୁ ଅଧିକ ଦିନ ଧରି ଧାନ ଜଗି ବସିଛନ୍ତି ଚାଷି । କାଲ ବୈଶାଖୀ ବର୍ଷାରେ ଗଜା ହୋଇଗଲା ଧାନ । ସରକାର ଧାନ ନକିଣିଲେ ମଣ୍ଡିରେ ଆଗରେ ବିଶ ପିଇ ଅତ୍ମହତ୍ୟା କରିବା ପାଇଁ ଦେଲେ ଧମକ। ସରକାର ବନୋସ ସହିତ ୩୧ ଶହ ଟଙ୍କାରେ ସମସ୍ତ ପଞ୍ଜିକୃତ ଚାଷୀଙ୍କ ଠାରୁ ଧାନ କିଣିବେ ଘୋଷଣା କଲେ । ଚାଷୀ ମାନେ ମଧ୍ୟ ସରକାରଙ୍କୁ ଧାନ ବିକିବେ ବୋଲି ଆଶା ରଖିଥିଲେ । ଟୋକେନ ପାଇ ମଣ୍ଡିକୁ ଧାନ ଆଣିଲେ, ମାତ୍ର ମଣ୍ଡରେ ଧାନ ପହଞ୍ଚିବା ପରେ ସୋସାଇଟି ପକ୍ଷରୁ କୁହା ଗଲା ଟାର୍ଗେଟ ପୁରଣ ହୋଇଛି ଆଉ ଧାନ କିଣା ହେବ ନାହିଁ । ଯାହାକୁ ନେଇ ଚିନ୍ତାରେ ପଡିଛନ୍ତି ଚାଷୀ । ନିଜର ବର୍ଷକର ପରିଶ୍ରମକୁ ଏକ ମାସରୁ ଅଧିକ ସମୟ ଧରି ମଣ୍ଡିରେ ଜଗି ରହିଛନ୍ତି। ମାର୍ଚ୍ଚ ୩୧ ତାରିଖ ଖରିଫ ଧାନ କିଣାର ଶେଷ ତାରିଖ ହୋଇଥିବାରୁ କାଳ ବୈଶାଖି ବର୍ଷାରେ ଭିଜି ଗଜା ହୋଇଥିବା ଧାନକୁ କେମିତି ବିକିବେ ଚିନ୍ତାରେ ପଡିଛନ୍ତି।

## ଏଲିମେଣ୍ଟାରୀ ଛାତ୍ରଛାତ୍ରୀଙ୍କ ପରିଭ୍ରମଣ

**ସୁବର୍ଣ୍ଣପୁର,୨୫ା୩(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାର ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ତରଫରୁ ପ୍ରଯୋଜିତ ସୋନପୁର ବ୍ଲକ୍ ଏଲିମେଣ୍ଟାରୀ ଛାତ୍ର ଛାତ୍ରୀ ମାନଙ୍କ ପରିଭ୍ରମଣ କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲ୍ଲା ର ହୀରାକୁଦ ଡ୍ୟାମ, ନେହେରୁ ମିନାର୍,ବୁର୍ଲା ଅବଦୁଲ କଲାମ ପ୍ଲାନେଟରୀୟମ,ବିଜ୍ଞାନ ପାର୍କ, ଭିଶୁଟ୍,ସମ୍ବଲପୁର ସମଲେଶ୍ୱରୀ ମନ୍ଦିର,ହୁମା ବକ୍ର ମନ୍ଦିର ଇତ୍ୟାଦି ସ୍ଥାନଗୁଡିକ ଛାତ୍ର ଛାତ୍ରୀ ମାନେ ବୁଲି ଦେଖିଥିଲେ। ସୋନପୁର ବ୍ଲକ୍ ଶିକ୍ଷାଧିକାରୀ ଲକ୍ଷ୍ମଣ ମିଶ୍ର ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ଲକ୍ ର ପ୍ରାୟତଃ ୨୦୦ ଛାତ୍ର ଛାତ୍ରୀ ପରିଭ୍ରମଣ ର ଆନନ୍ଦ ଉପଭୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ସହ ଗୋଷ୍ଠୀ ଶିକ୍ଷାଧିକାରୀ ଫକୀର ଚରଣ ଭୋଇ ଙ୍କ ସହିତ ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ତଥା ଗୋଷ୍ଠୀ ଶିକ୍ଷାଧିକାରୀ ଙ୍କ କାର୍ଯ୍ୟାଳୟର କର୍ମଚାରୀ ମାନେ ସହଯୋଗ କରିଥିଲେ।



## ମର୍ମନ୍ତୁଦ ସଡ଼କ ଦୁର୍ଘଟଣା:ମା'-ପୁଅ ଗୁରୁତର

**ହାଟଡିହୀ,୨୫ା୩(ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲା ଆନନ୍ଦପୁର- ଭଦ୍ରକ ୫୩ନଂ ରାଜ୍ୟ ରାଜପଥର ହାଟଡିହୀ ବ୍ଲକ ଅଣା ଛକ ନିକଟରେ ମଙ୍ଗଳବାର ମଧ୍ୟାହ୍ନ ସମୟରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି । ଏଥିରେ ମା'-ପୁଅ ଗୁରୁତର ହୋଇଛନ୍ତି । ସୂଚନା ଅନୁଯାୟୀ ଅକରୁଆ ପଞ୍ଚାୟତ ଘୋଷରାପଦା ଗାଁର ବର୍ଷା ରାଣୀ ଜେନା (୪୯ ବର୍ଷ) ଏବଂ ତାଙ୍କ ପୁଅ କାହ୍ନା ଜେନା (୨୩ ବର୍ଷ) ସାଇକେଲ ଯୋଗେ ନିକଟସ୍ଥ ବ୍ୟାଙ୍କକୁ ଯାଉଥିଲେ। ସାମ୍ନା ପଟୁ ଦ୍ରୁତ ଗତିରେ ଆସୁଥିବା ଏକ ୱାଗନର ଗାଡ଼ି (ନଂ ଓଡ଼ି ୦୧ ଏଜେ ୧୬୭୫) ତାଙ୍କ ସାଇକେଲକୁ ଧକ୍କା ଦେଇଥିଲା । ଫଳରେ ସାଇକେଲରୁ ମା' ଏବଂ ପୁଅ ବହୁ ଦୁରକୁ ଛିଟିକି ପଡ଼ିଥିଲେ। ମା'-ପୁଅ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଂକଟାପନ୍ନ ହେବାରୁ ଉଭୟଙ୍କୁ କଟକ ସ୍ଥାନାନ୍ତର କରାଯାଇଛି । ନନ୍ଦିପଦା ପୋଲିସ ଘଟଣାସ୍ଥଳରେ ପହଞ୍ଚି ୱାଗନର ଗାଡ଼ି ଜବତ କରିବା ସହ ଡ୍ରାଇଭରକୁ ଅଟକ ରଖିଛି ।



## ବଜେଟରେ ଶ୍ରମିକଙ୍କ ପାଇଁ ଯଥେଷ୍ଟ ଅନୁଦାନ ନାହିଁ

**ଭୁବନେଶ୍ୱର,୨୫ା୩(ସଂଚାର ବ୍ୟୁରୋ):** ଚଳିତ ବର୍ଷ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବଜେଟରେ ଯଥେଷ୍ଟ ପରିମାଣରେ ଶ୍ରମିକ ମାନଙ୍କ ପାଇଁ ଅନୁଦାନ ନାହିଁ। ଦେଶରେ ଭୋଟ ସଂଖ୍ୟାର ୫୭.୦୩ ପ୍ରତିଶତ ଶ୍ରମିକ ହୋଇଥିଲାବେଳେ ଚଳିତ ବର୍ଷ କେନ୍ଦ୍ର ବଜେଟରେ ପ୍ରଶାସନିକ ଖର୍ଚ୍ଚ ଏବଂ ବିଭିନ୍ନ ପ୍ରକଳ୍ପ ସମେତ ପ୍ରାୟ ୨୬ ହଜାର କୋଟି ଟଙ୍କା ଦିଆଯାଇଛି। ସେହିପରି ରାଜ୍ୟରେ ସର୍ବମୋଟ ୧ କୋଟି ୫୦ ଲକ୍ଷ ଶ୍ରମିକ ଥିଲାବେଳେ ଏବଂ ରାଜ୍ୟରୁ ୧ କୋଟି ଶ୍ରମିକ ପ୍ରବାସୀ ଶ୍ରମିକ ଭାବେ ନିଯୁକ୍ତି ଓ ରୋଜଗାର ପାଇଁ ବାହାରକୁ ଯାଉଥିଲାବେଳେ, ରାଜ୍ୟ ଶ୍ରମ ବିଭାଗରେ ୩୭୩.୨୨ ଟଙ୍କାର ବଜେଟ ଅଟକଳ କରାଯାଇଛି। ପ୍ରବାସୀ ଶ୍ରମିକ ଓ ଅସଂଗଠିତ ଶ୍ରମିକଙ୍କର ମଙ୍ଗଳ ଓ ସାମାଜିକ ସୁରକ୍ଷା ପାଇଁ କୌଣସି ଅର୍ଥ ବ୍ୟବସ୍ଥା କରାଯାଇନାହିଁ ଏବଂ ଶ୍ରମିକମାନଙ୍କର ସ୍ୱାସ୍ଥ୍ୟ, ଚକିତ୍ସା ଓ ସାମାଜିକ ସୁରକ୍ଷା ୧୯୯୫ ଭବିଷ୍ୟନିଧି ପେନସନ୍ ପାଇଁ କେନ୍ଦ୍ର ସରକାରଙ୍କ ବଜେଟରେ ଅନୁଦାନ ଦିଆଯାଇନାହିଁ ବୋଲି ଗତକାଲି ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ତରଫରୁ କେନ୍ଦ୍ର ଓ ରାଜ୍ୟ ବଜେଟ ଉପରେ ଏକ ଆଲୋଚନାଚକ୍ରରେ ପୌରହିତ କରି ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ ଉପସଭାପତି, ରାଜ୍ୟ ସଭାପତି ତଥା ପ୍ରାକ୍ତନ ସାଂସଦ ଡଃ. ରାମଚନ୍ଦ୍ର ଖୁଣ୍ଟିଆ କହିଛନ୍ତି। ପୂର୍ବତନ ରାଜ୍ୟ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ ଏହି ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟ ଓ କେନ୍ଦ୍ର ସରକାର ବଜେଟ ଉପରେ ତୀବ୍ର ସାମଲୋଚନା କରିବା ସହିତ ରାଜ୍ୟ ଓ କେନ୍ଦ୍ରରେ ଜି.ଏସ୍.ଟି., ଇନ୍‌କମ୍ ଟ୍ୟାକ୍ସ, ଏକ୍ସସାଇଜ୍ ଟ୍ୟାକ୍ସ ଓ ଭ୍ୟାଟ୍‌ର ଟିକସ ସାଧାରଣ ଲୋକଙ୍କ ଠାରୁ ଆଦାୟ କରାଯାଉଥିଲାବେଳେ ଏବଂ ଓଡ଼ିଶାରୁ ଖଣିରୁ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ସେସ୍ ଓ ସର୍ଚ୍ଚାସ ଭାବରେ ପର୍ଯ୍ୟାପ୍ତ ପରିମାଣରେ ପାଉଥିଲାବେଳେ କର୍ପୋରେଟ୍ ସେକ୍ଟରରୁ ଟ୍ୟାକ୍ସରେ ରିହାତି ଦିଆଯାଉଛି ଏବଂ ବିଗତ ୧୦ ବର୍ଷ ମଧ୍ୟରେ ପ୍ରାୟ ଲକ୍ଷ ଲକ୍ଷ କୋଟି ଟଙ୍କା ବ୍ୟାଙ୍କ ଋଣ ଛାଡ କରାଯାଇଛି।




## ହସ୍ପିଟାଲରୁ ଚମ୍ପଟ ମାରିଲେ କଏଦୀ

**ଢେଙ୍କାନାଳ,୨୫ା୩ (ସଂଚାର ବ୍ୟୁରୋ):** ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ମଙ୍ଗଳବାର ଚିକିତ୍ସା ପାଇଁ ଆସିଥିବା ଜଣେ ବିଚାରାଧୀନ କଏଦୀ ଚମ୍ପଟ ମାରିଛନ୍ତି। ମିଳିଥିବା ସୂଚନା ମୁତାବକ, ଚିକିତ୍ସା ପାଇଁ ୪ କଏଦୀଙ୍କୁ ଅଣାଯାଇଥିଲା। ସେମାନଙ୍କ ମଧ୍ୟରୁ ଜଣେ କଏଦୀ ଫେରାର ହୋଇଯାଇଛନ୍ତି। ଫେରାର କଏଦୀଙ୍କୁ ଧରିବା ପାଇଁ ଟାଉନ ଥାନା ପୋଲିସ ଖୋଜାଖୋଜି କରୁଛି। ହେଲେ ଏପର୍ଯ୍ୟନ୍ତ କଏଦୀଙ୍କ କୌଣସି ପତ୍ତା ମିଳିପାରି ନାହିଁ।

## ଭାର୍ଗବୀରେ ଭାସୁଛି ମୃତଦେହ

**ନିମାପଡ଼ା,୨୫ା୩ (ସଂଚାର ବ୍ୟୁରୋ):** ପୁରୀ ଜିଲା ନିମାପଡ଼ା ମୁଖ୍ୟ ରାସ୍ତା ଭାର୍ଗବୀ ନଦୀ ବ୍ରିଜ ତଳେ ମଙ୍ଗଳବାର ଜଣେ ବ୍ୟକ୍ତିଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଛି। ହତ୍ୟା ପରେ ତାଙ୍କୁ ନଦୀରେ ଫିଙ୍ଗି ଦିଆଯାଇଥିବା ସନ୍ଦେହ କରାଯାଉଛି। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ହେଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ପରିଚୟ ମିଳିପାରି ନାହିଁ। ପୋଲିସ ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ସୂଚନା ମିଳିଛି।

## ଚୋରି କରିବାକୁ ଆସି ଗ୍ରାମବାସୀଙ୍କ ଫାସରେ ଫସିଗଲେ ଚୋର



**ଫୁଲବାଣୀ,୨୫ା୩ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଗୋଛାପଡା ଥାନା ପକାରୀ ଓ ବାଲନ୍ଦାପଡା ଅଞ୍ଚଳରେ ଚୋରି, ରାହାଜାନି, ଡ଼କାୟତି, ହତ୍ୟା, ଭଳି ଅପରାଧିକ କାର୍ଯ୍ୟକଳାପ ବଢ଼ିବାରେ ଲାଗିଥିବା ବେଳେ ଏହି ସବୁ ଅପରାଧ ରେ ପଡୋଶୀ ବୌଦ୍ଧ ଜିଲ୍ଲା କଣ୍ଟାମାଳ ଅଞ୍ଚଳର କିଛି ଅପରାଧୀ ସାମିଲ ଥିବା ଜଣାପଡ଼ିଛି । ତେବେ ଏହି ପାରପେକ୍ଷୀରେ ଏହି ଗୋଛାପଡା ଥାନା ଗୋଛାପଡା ଥାନା ଗଞ୍ଜାମାଇଁ ଗାଁ ରେ ନିଜକୁ ପୋଲିସ ର ପରିଚୟ ଦେଇ ଚୋରି ପାଇଁ ପ୍ରସ୍ତୁତି ଚଳାଇ ଥିବା ବେଳେ ଦୁଇଜଣ ବ୍ୟକ୍ତି ଙ୍କୁ ଗ୍ରାମବାସୀ କାବୁ କରି ପୋଲିସ ର ଜିମା ଦେଇଥିବା ବେଳେ ଅନ୍ୟଦୁଇଜଣ ଫେରାର ହୋଇଯାଇଥିବା ସୂଚନା ମିଳିଛି। ସୂଚନା ଅନୁସାରେ ରବିବାର ରାତି ପ୍ରାୟ ବାରଟା ସମୟରେ ଚାରିଜଣ ବ୍ୟକ୍ତି ଏହି ଗଞ୍ଜାମାଇଁ ଗାଁ ନିକଟରେ ଚୋରି ପାଇଁ ପ୍ରସ୍ତୁତି ଚଳାଉ ଥିବା ବେଳେ ଗାଁ ର କାଳିଆ କହଁର ନାମକ ଜଣେ ବ୍ୟକ୍ତି ସେମାନଙ୍କୁ କଉଠୁ ଆସିଛ ବୋଲି ପଚାରିଥିଲେ ଓ ସେମାନେ ଆମେ ପୋଲିସ ବୋଲି କାଳିଆ ଙ୍କୁ ପରିଚୟ ଦେଇଥିଲେ । ପରେ ସନ୍ଦେହ ହେବାରୁ କାଳିଆ କହଁର ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ଗ୍ରାମବାସୀ ଆସିବା ଦେଖି ଚାରିଜଣଙ୍କ ମାଧ୍ୟମରୁ ଦୁଇଜଣ ଫେରାର ହୋଇଯାଇଥିବା ବେଳେ ଦୁଇଜଣ ବ୍ୟକ୍ତି ଙ୍କୁ ଅଟକ ରଖି ଗୋଛାପଡା ପୋଲିସରେ ଜିମା ଦେଇଛନ୍ତି। ତେବେ ଅଟକ ଥିବା ଦୁଇଜଣ ବ୍ୟକ୍ତି ଙ୍କ ମଧ୍ୟମରେ ଜଣେ ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା କୁନାମାଳ ଗାଁ ର ଗୋବଚ ସୁନା ଙ୍କ ପୁଅ କପିଳେଶ୍ୱର ସୁନା ବୋଲି ଜଣାପଡ଼ିଥିବା ବେଳେ ଅନ୍ୟଜଣେ ସେହି ମନମୁଣ୍ଡା ଥାନା ବହଳ ସାହି ଗାଁର ଯାଆକୃଷ୍ଣ ଚାଉଳିଆ ଙ୍କ ପୁଅ ମାନସରଞ୍ଜ ଚାଉଳିଆ ବୋଲି ଜଣାପଡ଼ିଛି। ଅନ୍ୟପଟେ ଉଭୟଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରାଉଚୁରା ଜାରି।

## ହତ୍ୟା ମାମଲାରେ ଦୋଷୀଙ୍କୁ ଆଜୀବନ କାରାଦଣ୍ଡ

**ଛତ୍ରପୁର,୨୫ା୩ (ସଂଚାର ବ୍ୟୁରୋ):** ଗଞ୍ଜାମ ପୋଲିସ ଜିଲା ଅଧିନ ଭଞ୍ଜନଗର ଥାନା ଅଞ୍ଚଳରେ ଘଟିଥିବା ଏକ ହତ୍ୟା ମାମଲା ରେ ଅଭିଯୁକ୍ତ କୋର୍ଟ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇଛନ୍ତି।

ଗଞ୍ଜାମ ପୋଲିସ ଜିଲାକୁ ଏନେଇ ସଫଳତା ମିଳିଥିବା ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦିଆଯାଇଛି। କୋର୍ଟ ପକ୍ଷରୁ ଉକ୍ତ ମାମଲାରେ ଦୋଷୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୦ ହଜାର ଟଙ୍କାର ଜରିମାନା ପକାଇଛନ୍ତି। ସୂଚନାଯୋଗ୍ୟ ଏହି ହତ୍ୟା ଘଟଣା ନେଇ ଭଞ୍ଜନଗର ଥାନା ପୋଲିସ ୨୦୨୩ ମେ ମାସ ୨୮ ତାରିଖରେ ଏକ ମାମଲା (ନମ୍ବର ୪୩୬) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଉକ୍ତ ମାମଲାର ତଦନ୍ତକାରୀ ଅଫିସର ତଥା ତତ୍କାଳୀନ ଭଞ୍ଜନଗର ଥାନାର ଇନ୍ସପେକ୍ଟର ଧୀରେଶ କୁମାର ଦାଶଙ୍କ ଠିକ ତଦନ୍ତ ଯୋଗୁଁ ଏହି ସଫଳତା ମିଳିଥିବା ପୋଲିସ ପକ୍ଷରୁ କୁହାଯାଇଛି।

## ରୋଟାରୀ ପକ୍ଷରୁ ବରମୁଣ୍ଡାରେ ଚକ୍ଷୁ ପରୀକ୍ଷା ଶିବିର

**ଭୁବନେଶ୍ୱର,୨୫।୩(ସଂଚାର ବ୍ୟୁରୋ):** ବରମୁଣ୍ଡା ବସଷ୍ଟାଣ୍ଡ ପରିସରରେ ରୋଟାରୀ ଆନ୍ତର୍ଜାତୀୟ ଜିଲ୍ଲା ୩୨୬୨, ମାଷ୍ଟର ଗିରିଜା ମେମୋରିଆଲ ରୋଡ ସେଫଟି ଫାଉଣ୍ଡେସନ ଟ୍ରଷ୍ଟ ଓ କମିଶନରେଟ ଟ୍ରାଫିକ,




ଭୁବନେଶ୍ୱରର ମିଳିତ ସହଯୋଗରେ ବସ୍ ଚାଳକ ଓ ସହକାରୀ କର୍ମଚାରୀ ମାନଙ୍କର ନିମନ୍ତେ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଅଛି। ବରମୁଣ୍ଡା ବସ ମାଲିକ ସଙ୍ଘର କାର୍ଯ୍ୟାଳୟ ଗୃହ ମଧ୍ୟରେ ରୋଟାରୀ ରୟାଲ ଚକ୍ଷୁ ଚିକିତ୍ସାଳୟର ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ବସ ଚାଳକ ଓ କର୍ମଚାରୀ ମାନଙ୍କର ମାଗଣା ଚକ୍ଷୁ ପରୀକ୍ଷା କରାଯାଇଥିଲା। ରୋଟାରୀ ପ୍ରାନ୍ତପାଳ ରୋଟାରୀଆନ ଯଜ୍ଞାଶିଷ ମହାପାତ୍ର ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି କାର୍ଯ୍ୟକ୍ରମ ର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବରେ ଡିସିପି ଟ୍ରାଫିକ ତପନ କୁମାର ମହାନ୍ତି, ବରମୁଣ୍ଡା ବସ ମାଲିକ ସଂଘର ସଭାପତି ରୋଟାରୀଆନ ବରଦା ପ୍ରସନ୍ନ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ବସ୍ ଚାଳକ ମାନଙ୍କୁ ଚକ୍ଷୁ ପରୀକ୍ଷା ନିମନ୍ତେ ଉତ୍ସାହିତ କରିଥିଲେ। ରାସ୍ତା ଦୁର୍ଘଟଣା ରୋକିବା ନିମନ୍ତେ ସୁସ୍ଥ ଗାଡି ଚାଳନା ନିମନ୍ତେ ଉପଯୁକ୍ତ ସମୟ ବ୍ୟବଧାନରେ ବସ ଚାଳକ ମାନେ ଚକ୍ଷୁ ପରୀକ୍ଷା ଓ ଚିକିତ୍ସା କରାଇବା ଉଚିତ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବସ୍ ଚାଳକ ମାନଙ୍କୁ ମାଗଣା ଚଷମା ପ୍ରଦାନ କରାଯାଇଥିଲା। ରୋଟାରୀ ଜିଲ୍ଲା ସଡକ ସୁରକ୍ଷା ଅଧ୍ୟକ୍ଷା ତଥା ମାଷ୍ଟର ଗିରିଜା ମେମୋରିଆଲ ରୋଡ୍ ସେଫଟି ଟ୍ରଷ୍ଟର ଅଧ୍ୟକ୍ଷା ଅମୀୟବାଳା ପରିଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପାଦିତ ହୋଇଥିଲା।

● ଜୁନାଗଡ଼ ରୋଡ- ନବରଙ୍ଗପୁର ସ୍ୱତନ୍ତ୍ର ରେଳପଥ ପ୍ରକଳ୍ପ

## ସହର ନିକଟତର ହେବ ଧର୍ମଗଡ଼ ରୋଡ ଷ୍ଟେସନ

**କଳାହାଣ୍ଡି,୨୫।୩(ସଂଚାର ବ୍ୟୁରୋ):** ବହୁ ପ୍ରତୀକ୍ଷିତ ଜୁନାଗଡ଼ ରୋଡ୍ - ନବରଙ୍ଗପୁର ସ୍ୱତନ୍ତ୍ର ରେଳ ଲାଇନ ପ୍ରକଳ୍ପରେ ଧର୍ମଗଡ଼ ସହର ନିକଟତର ପ୍ରାୟ ସାତ କିଲୋମିଟର ଦୂରରେ 'ଧର୍ମଗଡ଼ ରୋଡ' ଷ୍ଟେସନ ପ୍ରତିଷ୍ଠା କରାଯିବ ବୋଲି ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଷୀ ପ୍ରକାଶ କରିଛନ୍ତି। ଜୁନାଗଡ଼ ରୋଡ- ନବରଙ୍ଗପୁର ସ୍ୱତନ୍ତ୍ର ରେଳପଥ ପ୍ରକଳ୍ପରେ ଧର୍ମଗଡ଼ ରୋଡ଼ ଷ୍ଟେସନ ସହରରୁ ଅଳ୍ପ ଦୂରରେ ସ୍ଥାପନ କରିବା ପାଇଁ ମାନ୍ୟବର ଧର୍ମଗଡ଼ ବିଧାୟକ ଶ୍ରୀ ସୁଧିର ପଟ୍ଟଯୋଷି ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ମାଝୀଙ୍କ ଙ୍କ ହସ୍ତକ୍ଷେପ ଲୋଡ଼ି ଚିଠି ଲେଖିଥିଲେ ଓ ଭୁବନେଶ୍ୱରରେ ପୂର୍ବ ତଟ ରେଳ ମୁଖ୍ୟାଳୟରେ ରେଳ ଅଧିକାରୀଙ୍କ ସହିତ ଏକ ଉଚ୍ଚସ୍ତରୀୟ ବୈଠକ କରିଥିଲେ ଏବଂ ଉପଖଣ୍ଡ ସହର ନିକଟରେ ପ୍ରକଳ୍ପରେ ଧର୍ମଗଡ଼ ରୋଡ୍ ଷ୍ଟେସନ୍ ଧର୍ମଗଡ଼ ସହର ନିକଟରେ କରିବା ପାଇଁ ଦାବି କରିଥିଲେ। ପ୍ରସ୍ତାବିତ ନୂତନ ରେଳ ଲାଇନ ପାଇଁ ଆବଶ୍ୟକୀୟ ଜମି ସମ୍ପର୍କରେ କଳାହାଣ୍ଡି ଜିଲ୍ଲା ପ୍ରଶାସନର ସଂପ୍ରତି ଏକ ଚିଠି ଧର୍ମଗଡ଼ ରୋଡ୍ ନୂତନ ରେଳ ଷ୍ଟେସନ୍ ସ୍ଥାନିତ କରିବା ନେଇ ଦ୍ୱନ୍ଦ ସୃଷ୍ଟି କରିଥିଲା। ଏନେଇ ବିଧାୟକ ପଟ୍ଟଯୋଷୀ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀଙ୍କ ସହିତ ଆଲୋଚନା କରିଥିଲେ, ଯିଏ ଏହି ମାମଲାରେ ପୂର୍ବତନ ରେଳ ମୁଖ୍ୟ ଇଞ୍ଜିନିୟର ଏବଂ ଉଭୟ ସିଏଓ ନିର୍ମାଣ ସଂସ୍ଥା ଏବଂ ଅନ୍ୟାନ୍ୟ ରେଳ ଅଧିକାରୀଙ୍କ ସହିତ କଥା ହୋଇଥିଲେ। ରେଳ ବିଭାଗର ଅଧିକାରୀମାନେ ପ୍ରକଳ୍ପିତ ରେଳଲାଇନ୍‌ରେ ପରିବର୍ତ୍ତନ ପାଇଁ ରାଜି ହୋଇଛନ୍ତି ଏବଂ ଗୁଗୁଲ୍ ମ୍ୟାପ୍‌ରେ ଦର୍ଶାଯାଇଥିବା ପୂର୍ବ ରେଳଲାଇନ୍‌କୁ ନୂତନ ଦିଗ ପରିବର୍ତ୍ତନ କରାଯିବ ଏବଂ ଧର୍ମଗଡ଼ ସହର ନିକଟରେ ନୂତନ ଷ୍ଟେସନ୍ ପାଇଁ ସମସ୍ତ ସମ୍ଭାବ୍ୟ ଯତ୍ନ ନିଆଯିବା ପାଇଁ ସେମାନେ ପ୍ରତିଶ୍ରୁତି ଦେଇଥିଲେ। ଇତି ମଧ୍ୟରେ ଗୁଗୁଲ୍ ମ୍ୟାପରେ ରେଳଲାଇନ ର ଦିଗ ପରିବର୍ତ୍ତନ କରାଯାଇଛି ଏବଂ ଧର୍ମଗଡ଼ ଠାରୁ ୭କିମି ବଡବସୁଲ ଠାରେ ଧର୍ମଗଡ଼ ରୋଡ ଷ୍ଟେସନ ହେବା ଆପତଃତ ସ୍ଥିର ହୋଇଛି ବୋଲି ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଷୀ ପ୍ରକାଶ କରିଛନ୍ତି। ଖୁବ ଶୀଘ୍ର ରେଳବାଇ ବିଭାଗର ବରିଷ୍ଠ ଅଧିକାରୀ ବିଶାଖାପାଟଣା ଓ ଜଗଦଳପୁର ରୁ ଆସି ବିଧାୟକଙ୍କ ଉପସ୍ଥିତିରେ ସ୍ଥାନ ସର୍ବେକ୍ଷଣ କରି ଚୂଡ଼ାନ୍ତ ପଦକ୍ଷେପ ନେବେ ବୋଲି ସେ କହିଛନ୍ତି।




## ଅଖିଳ ଭାରତୀୟ ବିଦ୍ୟୁତ୍ କର୍ମଚାରୀ ଫେଡେରେସନ୍‌ର ସମ୍ମିଳନୀ

**ଭୁବନେଶ୍ୱର,୨୫।୩ (ସଂଚାର ବ୍ୟୁରୋ):** ରିଖରେ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ କର୍ମଚାରୀ ଫେଡେରେସନ୍ ଆନୁକୂଲ୍ୟରେ ଅଖିଳ ଭାରତ ବିଦ୍ୟୁତ୍ କର୍ମଚାରୀ ଫେଡେରେସନ୍‌ର ପୂର୍ବ




ଓ ଉତ୍ତର ପୂର୍ବ ଆଞ୍ଚଳିକ ସମ୍ମିଳନୀ ସ୍ଥାନୀୟ ୟୁନିଟ୍-୩ ସ୍ଥିତ ବୁଦ୍ଧ ମନ୍ଦିର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମ୍ମିଳନୀରେ ଓଡ଼ିଶା, ପଶ୍ଚିମବଙ୍ଗ, ବିହାର, ଝାଡଖଣ୍ଡ, ଆସାମ ଓ ମେଘାଳୟ ଇତ୍ୟାଦି ରାଜ୍ୟଗୁଡ଼ିକରେ କାର୍ଯ୍ୟରତ ବିଦ୍ୟୁତ୍ ଶ୍ରମିକମାନଙ୍କର ନେତୃତ୍ୱ ତଥା ପ୍ରତିନିଧିମାନେ ଯୋଗଦାନ କରିଥିଲେ। ଅଖିଳ ଭାରତୀୟ ବିଦ୍ୟୁତ୍ କର୍ମଚାରୀ ଫେଡେରେସନ୍‌ର ସାଧାରଣ ସମ୍ପାଦକ ମୋହନ ଶର୍ମା, ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ ଓ ସମ୍ମିଳନୀର ମୁଖ୍ୟ ଅତିଥି ତଥା ମୁଖ୍ୟ ବକ୍ତାଭାବେ ରାଜ୍ୟ ଫେଡେରେସନ୍‌ର ଅଧ୍ୟକ୍ଷ ତଥା ଅଖିଳ ଭାରତୀୟ ଟ୍ରେଡ୍ ୟୁନିୟନ୍ କଂଗ୍ରେସର ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା ଯୋଗଦେଇ ଉପସ୍ଥିତ ନେତୃତ୍ୱ ତଥା ପ୍ରତିନିଧିମଣ୍ଡଳୀକୁ ଉଦ୍‌ବୋଧନ ଦେଇଥିଲେ। ଅଖିଳ ଭାରତୀୟ ଫେଡେରେସନ୍‌ର ଉପସାଧାରଣ ସମ୍ପାଦକ କୃଷ୍ଣ ଭୋୟାର, ସମ୍ମାନୀତ ଅତିଥି ଏବଂ ଅଖିଳ ଭାରତୀୟ ଟ୍ରେଡ୍ ୟୁନିୟନ୍ କଂଗ୍ରେସ, ଓଡ଼ିଶା ରାଜ୍ୟ କମିଟିର ସାଧାରଣ ସମ୍ପାଦକ ବିଜୟ ଜେନା, ଅନ୍ୟତମ ଅତିଥି ସ୍ୱରୂପ ଯୋଗ ଦେଇଥିଲେ। ଅଖିଳ ଭାରତୀୟ ଫେଡେରେନ୍‌ର ଆଞ୍ଚଳିକ ସମ୍ପାଦକ ବୈଜନାଥ ପ୍ରସାଦ ସିଂହ ସମ୍ପାଦକୀୟ ବିବରଣୀ ତଥା ଆଗାମୀ ଦିନର କାର୍ଯ୍ୟକ୍ରମ ଉପସ୍ଥାପନ କରିଥିଲେ। ଓଡ଼ିଶା ରାଜ୍ୟ ଫେଡେରେସନ୍‌ର ଉପାଧ୍ୟକ୍ଷ ଭ୍ରମରବର ରାଉତ, ସାଧାରଣ ସମ୍ପାଦକ ସତ୍ୟବାଦୀ ବାଘ ଓ ଉପସାଧାରଣ ସମ୍ପାଦକ ନାରାୟଣ ସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୨୮ ବର୍ଷ ହେଲା ସରୁନି ସଂଘର୍ଷ, ମିଳୁନି ଆଦିବାସୀ ମାନ୍ୟତା

**କୋରାପୁଟ,୨୫ା୩(ସଂଚାର ବ୍ୟୁରୋ):** ୨୮ ବର୍ଷ ଧରି ହକ୍ ପାଇଁ ଲଢ଼େଇ ଜାରି ରଖିଛନ୍ତି ଝୋଡ଼ିଆ ସଂପ୍ରଦାୟ। ସରକାରୀ ସ୍ତରରେ ତ୍ରୁଟି ଯୋଗୁ ଏହି ସମ୍ପ୍ରଦାୟ ଆଦିବାସୀ ମାନ୍ୟତାରୁ ବଞ୍ଚିତ ହୋଇ ରହିଛନ୍ତି । ଫଳରେ ଆଦିବାସୀଙ୍କ ପାଇଁ ଥିବା ସୁବିଧା ସୁଯୋଗ ଏମାନଙ୍କୁ ମିଳୁନାହିଁ । ଚାକିରି, ପିଲାଙ୍କ ପାଠପଢ଼ା, ଜମିପଟ୍ଟା ମିଳିବାରେ ଅସୁବିଧା ହେଉଛି । ଝୋଡ଼ିଆ ସମ୍ପ୍ରଦାୟକୁ ଆଦିବାସୀ ମାନ୍ୟତା ଲାଗି ପୂର୍ବରୁ ବହୁବାର ରାଜ୍ୟପାଳଙ୍କୁ ଭେଟି ଦାବି ଉପସ୍ଥାପନ କରାଯାଇଛି । ୨୦୦୯ରେ ୟୁପିଏ ସରକାରଙ୍କୁ ରାଜ୍ୟ ସରକାର ୨ଥର ପ୍ରସ୍ତାବ ଦେଇଥିଲେ । ପୂର୍ବତନ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଏବଂ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନାଙ୍କୁ ଭେଟି ମଧ୍ୟ ଦାବି କରାଯାଇଥିଲା । ୨୦୧୭ରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଏବଂ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପ୍ରତିନିଧି ଦଳ ଭେଟି ସମାନ ଦାବି ଜଣାଇଥିଲେ। କୋରାପୁଟ ଲୋକସଭା ସଦସ୍ୟ ସପ୍ତଗିରି ଉଲାକା ଓ ପୂର୍ବତନ ରାଜ୍ୟସଭା ସଦସ୍ୟ ଏନ୍. ଭାସ୍କର ରାଓ ଏହି ପ୍ରସଙ୍ଗ ସଂସଦରେ ଉଠାଇଥିଲେ। ହେଲେ ଏଯାଏଁ ଝୋଡ଼ିଆଙ୍କୁ ଆଦିବାସୀ ମାନ୍ୟତା ମିଳିନାହିଁ । ବର୍ତ୍ତମାନ କୋରାପୁଟ ସାସଂଦ ସପ୍ତଗିରି ଉଲାକାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଦିଲ୍ଲୀରେ ରାଷ୍ଟ୍ରପତିଙ୍କୁ ଭେଟି ପୁଣି ଦାବି ଜଣାଇଛନ୍ତି । ରାୟଗଡ଼ା ଜିଲ୍ଲାର କାଶୀପୁର ଓ କଲ୍ୟାଣସିଂହପୁର ସମେତ କୋରାପୁଟ ଜିଲ୍ଲାର ଦଶମନ୍ତପୁର ଓ ଲକ୍ଷ୍ମୀପୁର ଏବଂ କଳାହାଣ୍ଡି ଜିଲ୍ଲାର ଥୁଆମୂଳରାମପୁର ବ୍ଲକରେ ୯୦ ହଜାରରୁ ଅଧିକ ଝୋଡ଼ିଆ ସମ୍ପ୍ରଦାୟର ଲୋକ ଅଛନ୍ତି। ଆଦିବାସୀ ମାନ୍ୟତା ମିଳିଲେ ଏମାନେ ସରକାରୀ ସୁବିଧା ପାଇପାରନ୍ତେ।

